READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୬ ସଂଖ୍ୟା-୯ ୧୪ - ୨୦ ମାର୍ଚ୍ଚ, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-9 14th - 20th MARCH, 2022 BHUBANESWAR ₹ 5/- (8 Pages)

## ରାଜ୍ୟରେ କମୁଛି ମାତୃ ମୃତ୍ୟୁହାର



**ଭୁବନେଶ୍ୱର :** ରାଜ୍ୟରେ କମୁଛି ମାତୃମୃତ୍ୟୁ ହାର। ୨୦୧୭ରୁ ୨୦୧୯ ମଧ୍ୟରେ ହୋଇଥିବା ସର୍ଭେରେ ଓଡ଼ିଶା ମାତୃ ମୃତ୍ୟୁହାର କମାଇବାରେ ସଫଳ ହୋଇଛି। ଏନେଇ ରେଜିଷ୍ଟ୍ରାର ଜେନେରାଲ୍ ଅଫ ଇଣ୍ଡିଆ ତରଫରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ ରହିଛି। ରିପୋର୍ଟ ଅନୁସାରେ ପ୍ରତି ୧ ଲକ୍ଷରେ ଓଡ଼ିଶାରେ ୧୩୬ ଜଣଙ୍କର ମୃତ୍ୟୁ ହେଉଛି। ଯାହାକି ୨୦୧୬-୧୮ ସର୍ଭେ ରିପୋର୍ଟଠାରୁ ୧୪ ପ୍ରତିଶତ କମ୍। ୨୦୧୬-୧୮ ମସିହାରେ ପ୍ରତି ଏକ ଲକ୍ଷରେ ୧୫୦ ଜଣଙ୍କର ମୃତ୍ୟୁ ହେଉଥିଲା। ଦ୍ରୁତଗତିରେ ମୃତ୍ୟୁହାର ଖସୁଥିବା ଦେଶର ୫ଟି ରାଜ୍ୟରେ ଏବେ ସାମିଲ୍ ହୋଇପାରିଛି ଓଡ଼ିଶା। ଶିଶୁ ଓ ମାତୃ ମୃତ୍ୟୁହାର କମାଇବାକୁ ରାଜ୍ୟ ସରକାର ➤ ପୃ-୬

## ଏପ୍ରିଲ ୨୯ରୁ ମାଟ୍ରିକ୍ ପରୀକ୍ଷା



**ଭୁବନେଶ୍ୱର :** ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ରାଜ୍ୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ ଘୋଷଣା କରିଛନ୍ତି। ଏହାସହ ଅଫଲାଇନ୍ ପରୀକ୍ଷା ହେବା ସହ ତିନୋଟି ପଦ୍ଧତିରେ ମୂଲ୍ୟ ନିର୍ଦ୍ଧାରଣ ହେବ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ୨ ବର୍ଷ ହେଲା କରୋନା ମହାମାରୀ ଲାଗି ରହିଛି। ପ୍ରଥମ ଥର ପାଇଁ ସମସ୍ତେ ଏପରି ମହାମାରୀର ସାମ୍ନା କରୁଛନ୍ତି। ତିନୋଟି ଲହରୀ ଗଲାଣି। ଏହା ମାନସିକ, ଶାରୀରିକ ଓ ଅର୍ଥନୈତିକ ଶକ୍ତିକୁ ପ୍ରଭାବିତ କରିଛି। ପାଠପଢ଼ାକୁ ମଧ୍ୟ ପ୍ରଭାବିତ କରିଛି। ଅନେକ ପିଲା ସ୍କୁଲ ଯାଇ ପାରିନାହାଁନ୍ତି। ➤ ପୃ-୬

### ଋଷକୁ ବାଇଡେନ୍‌ଙ୍କ ଚେତାବନୀ

## ନାଟୋ-ଋଷ ଯୁଦ୍ଧ ହେଲେ ହେବ ତୃତୀୟ ବିଶ୍ୱଯୁଦ୍ଧ

**ୱାଶିଂଟନ :** ରୁଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଥମିବାର ନାଁ ଧରୁନି। ଋଷର ଘନ ଘନ ବୋମା ମାଡ ସହ ମିସାଇଲ ମାଡରେ ଘାଇଲା ହୋଇଥିଲେ ହେଁ ୟୁକ୍ରେନ ଏଯାଏ ହାର ମାନିନି। ଆଗକୁ ଯୁଦ୍ଧର ତୀବ୍ରତା ଆହୁରି ଭୟଙ୍କର ହେବାର ଆଶଙ୍କା ପ୍ରକାଶ ପାଇଛି।ଏସବୁ ଭିତରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ମୁହଁରେ ପ୍ରଥମଥର ପାଇଁ ତୃତୀୟ ବିଶ୍ୱଯୁଦ୍ଧର ଶବ୍ଦ ଶୁଣିବାକୁ ମିଳିଛି। ଋଷ ହମଲାକୁ ରୋକିବା ପାଇଁ ୟୁକ୍ରେନ ଆମେରିକା ଓ ଅନ୍ୟ ପଶ୍ଚିମ ଦେଶଗୁଡ଼ିକୁ ଅନୁରୋଧ କରୁଛି। ହେଲେ କେହି ବି ୟୁକ୍ରେନ ପାଇଁ ଲଢ଼େଇ କରିବାକୁ ଆଗକୁ ଆସୁ ନାହାନ୍ତି। ସମସ୍ତେ କେବଳ ରୁଷ ଉପରେ ସାମରିକ ଓ ଆର୍ଥିକ କଟକଣା ଲଗାଇ ବସି ପଡ଼ିଛନ୍ତି।



ତେବେ କାହିଁକି ଆମେରିକା କିମ୍ବା ନାଟୋ ଋଷ ବିପକ୍ଷରେ ମୋର୍ଚ୍ଚା ସମ୍ଭାଳୁ ନାହିଁ, ତା'ର ଉତ୍ତର ରାଷ୍ଟ୍ରପତି ବାଇଡେନ ଦେଇଛନ୍ତି। ଯଦି ନାଟୋ ଓ ଋଷ ମଧ୍ୟରେ ଲଢ଼େଇ ହେବ, ତା'ହେଲେ ତୃତୀୟ ବିଶ୍ୱଯୁଦ୍ଧ ସୃଷ୍ଟି ହେବ। ଏହାର ପରିଣାମ ଅତ୍ୟନ୍ତ ଭୟଙ୍କର ରହିବ। ତୃତୀୟ ବିଶ୍ୱଯୁଦ୍ଧ ରୋକିବାକୁ ଆମେରିକା ସବୁବେଳେ ପ୍ରୟାସ କରିଛି। ଆମେରିକା କେବେ ହେଲେ ୟୁକ୍ରେନରେ ଋଷ ସହ ସିଧାସଳଖ ଲଢ଼େଇ କରିବ ନାହିଁ। କିନ୍ତୁ ନାଟୋ ଦେଶର ସୁରକ୍ଷା ପାଇଁ କେବେ ବି ପଛଘୁଞ୍ଚା ଦେବନାହିଁ ବୋଲି ବାଇଡେନ ସ୍ପଷ୍ଟ କରିଛନ୍ତି। ହ୍ୱାଇଟ ହାଉସରେ ସାମ୍ବାଦିକ ସମ୍ମିଳନୀ କରି ବାଇଡେନ ରୁଷ ବିରୋଧରେ ନିଜର ଆଭିମୁଖ୍ୟକୁ ଆହୁରି କଡ଼ା କରିଛନ୍ତି। ପୂର୍ବରୁ ଏକାଧିକ କଟକଣା ଲଗାଇ ଋଷକୁ ଆର୍ଥିକ ସ୍ତରରେ ଦୁର୍ବଳ କରିଥିବା ବାଇଡେନ ଏବେ ଆଉ ଏକ ପଦକ୍ଷେପ ନେଇଛନ୍ତି। ଏଣିକି ଋଷର କୌଣସି ସାମୁଦ୍ରିକ ସାମଗ୍ରୀ, ଭୋଡକା, ହୀରା କିମ୍ବା ଲକଜୁରୀ ସାମଗ୍ରୀ ଆମେରିକା ଆମଦାନୀ କରିବ ନାହିଁ। ସେହିପରି ଆମେରିକାର ➤ ପୃ-୬

## ବିଜୟର ବିନ୍ଧାଣୀ ଧର୍ମେନ୍ଦ୍ର

**ଭୁବନେଶ୍ୱର :** ନିକଟରେ ୫ ରାଜ୍ୟର ବିଧାନସଭା ଫଳାଫଳ ପ୍ରକାଶ ପାଇଛି। ଏହି ପାଞ୍ଚ ରାଜ୍ୟରୁ ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ଗୋଆ, ମଣିପୁରରେ ଉଡିଛି ଗେରୁଆ ପତାକା। ମାତ୍ର ପଞ୍ଜାବରେ ଆପ୍ ବାଜିମାତ କରିଛି। ଏଥିସହିତ ୪ ରାଜ୍ୟରେ ସରକାର ଗଢିବ ବିଜେପି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶ ଏବଂ ଗରିବ କଲ୍ୟାଣ ଯୋଜନାକୁ ଆଧାର କରି ଭୋଟରଙ୍କ ପାଖରେ ପହଞ୍ଚିଥିବା ବିଜେପି ପ୍ରଚଣ୍ଡ ଜନମତ ପାଇଛି। କିନ୍ତୁ ଉତ୍ତର ପ୍ରଦେଶର ନିର୍ବାଚନ ବିଜେପି ପାଇଁ ଥିଲା ବଡ଼ ଚ୍ୟାଲେଞ୍ଜ। ୫ ବର୍ଷର ଶାସନ ପରେ ପୁଣି ଥରେ କ୍ଷମତାକୁ ଫେରିବା ଥିଲା ବଡ଼ ଲ୍ୟାଲେଞ୍ଜ। ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ ଯୋଗୀ ଆଦିତ୍ୟନାଥଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ ଚେହେରା କରି ୟୁପି ରାଜନୀତିରେ ନୂଆ ଇତିହାସ ରଚି ପୁଣି ଥରେ ପୂର୍ଣ୍ଣ ବହୁମତରେ କ୍ଷମତାକୁ ଫେରିଛି ଦଳ। ବିଜେପିର ଏହି ସଫଳତାର ଅନ୍ୟ ଜଣେ ନାୟକ ହେଉଛନ୍ତି ଓଡିଆ ପୁଅ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ଠିକ ପୂର୍ବରୁ ଧର୍ମେନ୍ଦ୍ରଙ୍କ ଉପରେ ବିଶ୍ୱାସ ପ୍ରକଟ କରି ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଦେଇଥିଲେ ଗୁରୁ ଦାୟିତ୍ୱ। ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପାଇଁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଭାରୀ ନିଯୁକ୍ତ କରିଥିଲା ଦଳ। ୟୁପିରେ ଦଳକୁ ବିଜୟୀ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ରାଜ୍ୟ ବିଜେପି ସଭାପତି ସ୍ୱତନ୍ତ୍ର ଦେବ ସିଂଙ୍କ ସହ ➤ ପୃ-୬

### ନବ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

## ଗୋଟିଏ ଟିମ୍‌ରେ କାମ କର : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ହିଞ୍ଜିଳି ଓ ଶେରଗଡ ବ୍ଲକ୍‌ର ନବ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ମାନଙ୍କ ସହିତ ଆଲୋଚନା କରି ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଦଳମତରୁ ଊର୍ଦ୍ଧ୍ୱରେ ରହି ଲୋକଙ୍କ ସେବା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବର୍ତ୍ତମାନ ନିର୍ବାଚନ ଶେଷ ହୋଇଛି। ତେଣୁ ଆପଣମାନେ ବର୍ତ୍ତମାନ ସମସ୍ତଙ୍କ ପାଇଁ କାମ କରନ୍ତୁ। ଦଳମତରୁ



ଉପରକୁ ଉଠି କାମ କଲେ ଆମେ ସବୁବେଳେ ଲୋକଙ୍କ ଭରସା ଓ ଆଶୀର୍ବାଦ ପାଇପାରିବା ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ବିକାଶ ସବୁବେଳେ ଆମର ଫୋକସ୍ ହୋଇ ରହିଆସିଛି। ବିକାଶ ପାଇଁ ➤ ପୃ-୬

### ମା'ଙ୍କ ସହ ଭୋଜନ କଲେ, ଆଶୀର୍ବାଦ ନେଲେ



**ଅହମ୍ମଦାବାଦ :** ପୁଅ ଯେତେ ବଡ଼ ହେଲେ ବି ମା' ପାଖରେ ବାଳୁତ ପିଲା। ସଫଳତାର ଶିଖର ଛୁଇଁ ପୁଅ ରାଜ ସିଂହାସନରେ ଅଭିଷିକ୍ତ ହେଲେ ମଧ୍ୟ ତାହା କେବେ ମା' ଠାରୁ ବଡ଼ ହୋଇପାରେନା। ମା'ର ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଶକ୍ତିର ପଟ୍ଟାନ୍ତର ନାହିଁ। ତା'ର ପଣତକାନି ଆକାଶ ପରି ଅନନ୍ତ ଓ ସମୁଦ୍ର ପରି ଅଗଭୀର। ପୁଅ ଯେଉଁଠି ଥାଉ ଥରେ ମା' ପାଖକୁ ଫେରି ଆସିଲେ ➤ ପୃ-୬

### ବକ୍ରବାଣୀ



ଗଳି ଗଳିରେ ଚାଲେ ଆଲୋଚନା
ସୁବାଷ ସୌମ୍ୟ ଆଉ ସୁଲୋଚନା
ଦଉଥିଲେ ଗାଳି କାଲି ଯାହାକୁ
ଛୁଉଁଚନ୍ତି ଆଜି ତାଙ୍କ ପାଦକୁ
କହୁଥିଲେ ଯା'କୁ ନିକମାଟିଏ
ଏବେ ପୁଣି ଏକ ନମ୍ବର ସିଏ
ଚଉକିଟେ ପାଇଁ ଦୋଗଲାପଣ
ଏମାନେ ଜିତିଲେ ଫାଇଦା କଣ
ନିଜ ସ୍ୱାର୍ଥ ପାଇଁ ବିକିଲେ ମୁଣ୍ଡ
ବଦଳେଇ ଦେଲେ କାଲିର ତୁଣ୍ଡ।

——— ଟୁଟୁ

## କାହା ବଳରେ ବଳିୟାନ ବନ୍ତ ବିଇଓ

**ଭଦ୍ରକ :** ବନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ ଦୁର୍ନୀତି ଆଉ ଜାଲିଆତି ଚରମ ସୀମାରେ ପହଞ୍ଚି ଗଲାଣି। ଏନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିବା ବେଳେ କାର୍ଯ୍ୟାନୁଷ୍ଠାନ ବଦଳରେ ଜିଲ୍ଲାପାଳ ବିଇଓଙ୍କୁ ଭର୍ତ୍ସନା କରି ଛାଡି ଦେଇଛନ୍ତି। ହେଲେ ସାମାଜିକ କର୍ମୀ ବିକାଶ କୁମାର ଧଳଙ୍କ ସୂଚନା ଅନୁସାରେ ବିଇଓ ଅଧିର କୁମାର ତରାଇଙ୍କ ନାମରେ ପୂର୍ବରୁ ବହୁ ଅଭିଯୋଗ ହୋଇଆସୁଛି। ସେ କିନ୍ତୁ କୌଣସି ଅଭିଯୋଗକୁ ଖାତିର ନକରି ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ଠାରୁ ଚାନ୍ଦା ଆଦାୟ କରିବା, ହଇରାଣ ହରକତ କରିବା ଭଳି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଯେଉଁଥିପାଇଁ ସମଗ୍ର ବ୍ଲକରେ ବିଇଓଙ୍କ ନାମରେ ନାନା ପ୍ରକାର ଚର୍ଚ୍ଚା ହେଉଛି। ରାଜ୍ୟରେ ମୋ ସରକାର ଓ ୫-ଟି' ଭଳି କାର୍ଯ୍ୟକ୍ରମ ଜରିଆରେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଧରାଯାଉଥିଲା ବେଳେ ବନ୍ତ ବିଇଓଙ୍କ ଭଳି ଜଣେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ




ହେଇପାରୁନାହିଁ। ସୂଚନାଯୋଗ୍ୟ, ବିଇଓ ଅଫିସ କମ୍ପ୍ୟୁଟର କିଣା ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ କିଣିବାରେ ବହୁତ ଲାଞ୍ଚ କାରବାର ହେଉଥିବା ଅଭିଯୋଗ ହେଉଛି। ଏପରିକି ବିଇଓ ମହାଶୟ ସାମଗ୍ରୀ ନକିଣି ମିଛ ବିଲ୍ ଜରିଆରେ ସରକାରଙ୍କୁ ଲକ୍ଷାଧିକ ଟଙ୍କା ଚୁନ ଲଗାଉଛନ୍ତି। ଯାହାର ତଦନ୍ତ କରାଗଲେ ଅସଲ ତଥ୍ୟ ସାମ୍ନାକୁ ଆସିପାରିବ। କାହା ବଳରେ ବଳିୟାନ ବନ୍ତ ବିଇଓ ସ୍ଥାନୀୟ ଅଞ୍ଚଳରେ ଜୋରଦାର ଆଲୋଚନା ହେଉଛି। ବିଇଓଙ୍କ ବିରୁଦ୍ଧରେ ସରକାରୀ କାର୍ଯ୍ୟାନୁଷ୍ଠାନ ନହେବା ଫଳରେ ସେ ନିଜକୁ ସ୍ୱଚ୍ଛ ମନେ କରୁଛନ୍ତି। ହେଲେ ଏହାକୁ ନେଇ ➤ ପୃ-୬

### ତୁଟି ପାରୁନି ମହାନଦୀ ଜଳ ବିବାଦ ମାମଲା

## ନ୍ୟାୟ ଅପେକ୍ଷାରେ ରାଜ୍ୟବାସୀ

**ନୂଆଦିଲ୍ଲୀ :** ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ହୋଇଥିବା ଟ୍ରିବ୍ୟୁନାଲକୁ ୪ ବର୍ଷ ପୂରିଲା। ହେଲେ ତୁଟି ପାରିଲାନି ଜଳ ବିବାଦ ମାମଲା। ଓଡ଼ିଶା-ଛତିଶଗଡ ଜଳ ବିବାଦର ସମାଧାନ ପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାର ଅନ୍ତରାଜ୍ୟ ନଦୀ ଜଳବିବାଦ ଆଇନ ୧୯୫୬ର ଧାରା ୪ ଅନୁସାରେ ୨୦୧୮ ମସିହା ମାର୍ଚ୍ଚ ୧୨ ତାରିଖରେ ଟ୍ରିବ୍ୟୁନାଲ ଗଠନ କରିଥିଲେ। ସେହିବର୍ଷ ଏପ୍ରିଲ ୧୬ ତାରିଖରେ କେନ୍ଦ୍ର ଜଳସମ୍ପଦ ସଚିବଙ୍କ ପକ୍ଷରୁ ଟର୍ମସ ଅଫ ରେଫରେନ୍ସ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ବିଚାରପତି ଏ.ଏମ.ଖାନୱିଲକରଙ୍କୁ ପ୍ରଦାନ କରାଯାଇଥିଲା। ଅକ୍ଟୋବର ୧୦ରେ ଓଡ଼ିଶା ଦ୍ୱାରା ମଧ୍ୟବର୍ତ୍ତୀକାଳୀନ ଆବେଦନ ଟ୍ରିବ୍ୟୁନାଲରେ ଦାଖଲ କରାଯାଇଥିଲା ଏବଂ ଅକ୍ଟୋବର ୧୩



ତାରିଖରୁ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ହେଲେ ଛତିଶଗଡ ସରକାର ବେଆଇନ ଭାବେ ନିର୍ମାଣ କରିଥିବା ଡ୍ୟାମ ଉପରେ ଏଯାଏ କୌଣସି ରୋକ ଲାଗିପାରିନାହିଁ କିମ୍ବା ଅଣମୌସୁମୀ ସମୟରେ ମହାନଦୀରେ ଯେତିକି ଜଳ ବହିବା କଥା ତାହା ହୋଇପାରିନାହିଁ। ଯାହାଫଳରେ ମହାନଦୀର ଜଳ ବିବାଦ କୌଣସି ନିର୍ଣ୍ଣାୟକ ମୋଡରେ ପହଞ୍ଚି ପାରିନି। ମହାନଦୀ ଜଳ ପାଇଁ ଓଡିଶା ଓ ଛତିଶଗଡର ନ୍ୟାୟିକ ଲଢେଇ ବର୍ତ୍ତମାନ ଟ୍ରିବ୍ୟୁନାଲଙ୍କ ନିଷ୍ପତ୍ତି ଓ ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରୁଛି। ମହାନଦୀ ଜଳ ବିବାଦ ମାମଲାରେ ଓଡ଼ିଶାର ମୂଳ ଆବେଦନର ଶୁଣାଣି ପୂର୍ବରୁ ମଧ୍ୟବର୍ତ୍ତୀକାଳୀନ ଆବେଦନର ଶୁଣାଣି ୨୦୧୮ ମସିହା ଡିସେମ୍ବର ➤ ପୃ-୬






## କେମିତି କଟିବ ଏ ସପ୍ତାହ

**ମେଷ** – ଆର୍ଥିକ ସଫଳତା ମିଳିବ । ରୋକିଥିବା କାର୍ଯ୍ୟ ଗୁଡିକ ସମ୍ପୂର୍ଣ୍ଣ ହେବ । ଘର ଭୂମି ପ୍ରାପ୍ତି ଯୋଗ ଅଛି । ପରିବାରରେ ଶାନ୍ତି ମିଳିବ । ଛାତ୍ରମାନେ ସଫଳ ହେବେ । ବୈବାହିକ ଜୀବନ ପ୍ରସନ୍ନତାର ପୂର୍ଣ୍ଣ ରହିବ । ବିଦେଶ ଭ୍ରମଣର ଯୋଗ ଅଛି ।

**ବୃଷ** – ଶରୀର ସୁସ୍ଥ ରହିବ । ନିଷ୍ପତ୍ତି ନେବା ପୂର୍ବରୁ ଗୁରୁଜନଙ୍କ ମତ ନିଅନ୍ତୁ । ଭାଇଭଉଣୀ ଓ ପରିବାରର ସହଯୋଗ ମିଳିବ । କାର୍ଯ୍ୟକ୍ଷେତ୍ରରେ ପରିବର୍ତ୍ତନ ଆଣିପାରନ୍ତି । ପ୍ରେମ ସମ୍ପର୍କ ମଜବୁତ ହେବ । ପୂର୍ବରୁ ଲାଗି ରହିଥିବା ବିବାଦ ସମାଧାନ ହେବ ।

**ମିଥୁନ** – ଜମିଜମା ସମ୍ବନ୍ଧୀୟ ବିବାଦ ଆପୋଷ ବୁଝାମଣାରେ ସମାଧାନ ହୋଇପାରେ । ଭାଗୀଦାରୀ ବ୍ୟବସାୟ ପାଇଁ ସମୟ ଅନୁକୂଳ । କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି ।

**କର୍କଟ** – ଗଳାରେ ସଂକ୍ରମଣ ହୋଇପାରେ । ବ୍ୟବସାୟରେ ବିସ୍ତାର ହେବାର ସମ୍ଭାବନା ଅଛି । ଅନୁଭବି ଲୋକଙ୍କ ସହଯୋଗ ପାଇବେ । ଉଧାର ଦେଇଥିବା ପଇସା ଫେରସ୍ତ ମିଳିପାରେ । ପ୍ରେମ ସମ୍ବନ୍ଧରେ ଅହେତୁକ ବୃଦ୍ଧି ହେବ ।

**ସିଂହ** – ପୁରୁଣା ରୋଗରୁ ମୁକ୍ତି ମିଳିବ । ବ୍ୟବସାୟରେ ନୂତନ ମାର୍ଗ ମିଳିବ ଓ ଆୟରେ ବୃଦ୍ଧି ହେବ । ଛାତ୍ରମାନେ ନିଜ ମନ ମୁତାବକ ଅନୁଷ୍ଠାନରେ ନାମ ଲେଖାଇ ପାରନ୍ତି । ଜୀବନସାଥୀଙ୍କ ସହ ମତାନ୍ତର ହୋଇପାରେ ।

**କନ୍ୟା** – ସଂକ୍ରମଣ ଜନିତ ପୀଡା ଭୋଗ କରିପାରନ୍ତି । ମନବଳରେ ବୃଦ୍ଧି ହେବ । ପରିବାରର ସହଯୋଗ ଯୋଗୁ ପ୍ରତ୍ୟେକ କାର୍ଯ୍ୟରେ ବ୍ୟବସ୍ଥିତ ଢଙ୍ଗରେ ଅଗ୍ରସର ହେବେ । କ୍ରୋଧ ଓ ଶୀଘ୍ରତା ଠାରୁ ଦୂରେଇ ରହନ୍ତୁ ।

**ତୁଳା** – ଆଣ୍ଠୁଗଣ୍ଠି ଜନିତ ସମସ୍ୟା ଦେଖାଦେଇପାରେ । ଆୟ ଓ ବ୍ୟୟରେ ବୃଦ୍ଧି ହେବ । କାର୍ଯ୍ୟର ବୋଝ ଯୋଗୁ ପରିବାର ଠାରୁ ଦୂରେଇ ରହିପାରନ୍ତି । ଛାତ୍ରମାନେ ପାଠରୁ ଦୂରେଇ ରହିବେ । ଦମ୍ପତିମାନେ ପରିବାରର ସୁଖର ଆନନ୍ଦ ନେବେ ।

**ବିଛା** – ପେଟ ସମ୍ବନ୍ଧୀୟ କଷ୍ଟ ପାଇପାରନ୍ତି । ଅନେକ ଦିନରୁ ପଡି ରହିଥିବା କାର୍ଯ୍ୟ ପୁରା ହୋଇପାରେ । ଆଧ୍ୟାତ୍ମିକ କାର୍ଯ୍ୟରେ ରୁଚି ବଢ଼ିବ । କାର୍ଯ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି । ପତିପତ୍ନୀଙ୍କ ସମ୍ପର୍କ ମଧୁର ରହିବ ।

**ଧନୁ** – ପ୍ରଚୁର ଧନପ୍ରାପ୍ତି ଯୋଗ ଅଛି । ଛାତ୍ରମାନଙ୍କୁ କିଛି ଶୁଭ ସୂଚନା ମିଳିପାରେ । ଉପରିସ୍ଥ କର୍ମଚାରୀଙ୍କ ସହ ସମ୍ପର୍କ ବଢ଼ିବ । ଦମ୍ପତିମାନଙ୍କ ପାଇଁ ସମୟ ଅନୁକୂଳ । ଖାଦ୍ୟପେୟ ଉପରେ ସତର୍କତା ଅବଲମ୍ବନ କରନ୍ତି ।

**ମକର** – ମାନସିକ ଅଶାନ୍ତିରୁ ବାହାରକୁ ଆସନ୍ତୁ । ମନମୁତାବକ ଅର୍ଥପ୍ରାପ୍ତିର ମାର୍ଗ ପାଇପାରନ୍ତି । ଯୋଜନା ଗୁଡିକ ସଫଳ ହେବ । ପିତାଙ୍କ ସ୍ୱାସ୍ଥ୍ୟ ବିଗିଡିପାରେ । ଦାମ୍ପତ୍ୟ ଜୀବନ ସାମାନ୍ୟ ଅଶାନ୍ତ ହୋଇପାରେ ।

**କୁମ୍ଭ** – ରକ୍ତଚାପ ବଢ଼ିପାରେ । ମତିଭ୍ରମ ହେଲା ପରି ଅନୁଭବ କରିପାରନ୍ତି । ଅଭିମାନ ଓ କ୍ରୋଧ ପରିତ୍ୟାଗ କରନ୍ତୁ । ବ୍ୟବସାୟରେ ଲାଭ ଯୋଗ ଅଛି । ବାଣୀ ଉପରେ ଲଗାମ ଦିଅନ୍ତୁ । ପତିପତ୍ନୀଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇପାରେ ।

**ମୀନ** – ଉତ୍ତମ ସ୍ୱାସ୍ଥ୍ୟ ଅନୁଭବ କରିବେ । ଅର୍ଥପ୍ରାପ୍ତି ଯୋଗ ଅଛି । କିନ୍ତୁ ବ୍ୟୟ ଉପରେ ନିୟନ୍ତ୍ରଣ ରଖନ୍ତୁ । ଛାତ୍ରମାନେ ନୂତନ ଦିଗ ଚୟନରେ ସଫଳତା ପାଇବେ । ପ୍ରେମୀମାନେ ଅନ୍ୟ ଜଣଙ୍କୁ ଉପହାର ଦେଇପାରନ୍ତି । ବିଦେଶ ଭ୍ରମଣର ଯୋଗ ଅଛି ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର


# ୟୁକ୍ରେନ୍ ଆକ୍ରମଣକୁ ନେଇ ୟୁରୋପୀୟ ୟୁନିୟନ୍ ଖପ୍ପା



**ବ୍ରସେଲ୍ସ :** ୟୁରୋପୀୟ ସଂଘ ବୁଧବାର ୟୁକ୍ରେନ୍ ସ୍ଥିତିକୁ ଦୃଷ୍ଟିରେ ରଖି ଋଷ୍ ଏବଂ ବେଲାଋଷ୍ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ସହମତି ଦେଇଛି । ୟୁରୋପୀୟ ଆୟୋଗ ଏକ ବୟାନରେ କହିଛି ଯେ ନୂଆ ପ୍ରତିବନ୍ଧକ ଭାବରେ ଋଷିଆନ୍ ସଂଘକୁ ରାଜସ୍ୱ ପ୍ରଦାନ କରୁଥିବା ୧୪ ବଡ଼ ତଥା ପ୍ରମୁଖ ବ୍ୟବସାୟ ଉପରେ ପ୍ରତିବନ୍ଧକ ଲଗାଯାଇଛି । ଏହାଛଡ଼ା ଡୋନେଟସ୍କ ଏବଂ ଲୁହାନସ୍କ ପିପୁଲ୍ସ ରିପବ୍ଲିକ୍ ସହିତ ଋଷ ସହଯୋଗ ସନ୍ଧିର ସରକାରୀ ନିର୍ଣ୍ଣୟକୁ ଗ୍ରୀନ୍ ସିଗ୍ନାଲ୍ ଦେଇଥିବା ଋଷ୍ ସଂଘୀୟ ପରିଷଦର ୧୪୬ ସଦସ୍ୟଙ୍କ ଉପରେ ବି ପ୍ରତିବନ୍ଧକ ଲଗାଯାଇଛି । ୟୁରୋପୀୟ ସଂଘ ଋଷ ସମୁଦ୍ରରେ ନୌବାହନ ଏବଂ ରେଡ଼ିଓ ସଂଚାର ପ୍ରାଦ୍ୟୋଗିକ ନିଷ୍ପତ୍ତି ଉପରେ ନୂଆ ପ୍ରତିବନ୍ଧକ ଲଗାଇବାକୁ ଯୋଜନା କରୁଛି । ଏହା ସହିତ ସଂଘ ବେଲାଋଷ ୩ ବ୍ୟାଙ୍କ ଅର୍ଥାତ ବେଲାଗ୍ରୋପ୍ରୋମ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଡବ୍ରାବାଇଟ୍ ଏବଂ ବେଲା ଋଷ ଗଣରାଜ୍ୟର ବିକାଶ ବ୍ୟାଙ୍କକୁ ସ୍ୱିଫ୍ଟ ସିଷ୍ଟମ୍ରୁ ଅଲଗା କରିବାକୁ ସହମତି ପ୍ରକାଶ କରିଛି ।

# ପଞ୍ଜାବ ପରେ ଗୁଜୁରାଟ, ହିମାଚଳ ଉପରେ ଆପ୍‌ର ନଜର

**ନୂଆଦିଲ୍ଲୀ :** ପଞ୍ଜାବରେ ସବୁ ବଡ଼ବଡ଼ ରାଜନୀତିକ ଦଳର ସ୍ୱପ୍ନକୁ ଚୂରମାର କରିଦେଇଛି ଆପ୍ । ଦିଲ୍ଲୀ ପରେ ପ୍ରଥମଥର ପାଇଁ ଅରବିନ୍ଦ କେଜ୍ରିୱାଲଙ୍କ ଆପ୍ ପଞ୍ଜାବରେ ଐତିହାସିକ ବିଜୟ ହାସଲ କରିଛି । ଦଳ ଏକାକୀ ୯୨ଟି ଆସନ ଜିତିଥିବା ବେଳେ କ୍ଷମତାରେ ଥିବା କଂଗ୍ରେସ କେବଳ ୧୮ଟି ସ୍ଥାନରେ ବାଜିମାତ କରିବାକୁ ସକ୍ଷମ ହୋଇଛି । ପଞ୍ଜାବରେ ଆପ୍ର ଏପରି ସଫଳତା ପରେ ସବୁଆଡେ କେଜ୍ରିୱାଲଙ୍କ ଆଗାମୀ ଭବିଷ୍ୟତକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଦିଲ୍ଲୀ ଓ ପଞ୍ଜାବରେ ଆପ ସରକାର ଗଠନ କରିବାକୁ ସକ୍ଷମ ହେବା ପରେ ଏବେ ଆଉ ଦୁଇ ରାଜ୍ୟ ଉପରେ ଆଖି ପକାଇଛି । ଆଗାମୀ ଦିନରେ ନିର୍ବାଚନ ହେବାକୁ ଥିବା ଗୁଜରାଟ ଓ ହିମାଚଳ ପ୍ରଦେଶରେ ବି ଆପ୍ ଲଢ଼େଇ କରିବ । ଗୁଜୁରାଟ ପୌର ନିର୍ବାଚନରେ ଆପ୍‌କୁ ସଫଳତା ମିଳିଥିଲା । ଏହାକୁ ଦୃଷ୍ଟିରେ ରଖି ଆପ୍ ବିଧାନସଭାର ସବୁ ଆସନରେ ପ୍ରାର୍ଥୀ ଦେବାକୁ



ନିଷ୍ପତ୍ତି ନେଇଛି । ଗୁଜରାଟ ଓ ହିମାଚଳ ପ୍ରଦେଶ ପାଇଁ ଆପ୍ ତା'ର ରଣନୀତି ପ୍ରସ୍ତୁତ କରୁଥିବା ବରିଷ୍ଠ ନେତା ଅକ୍ଷୟ ମରାଠେ ସୂଚନା ଦେଇଛନ୍ତି । ସେ କହିଛନ୍ତି, "ହଁ, ଆମେ ନିଶ୍ଚିତ ଭାବେ ଗୁଜରାଟ ଓ ହିମାଚଳ ପ୍ରଦେଶରେ ନିର୍ବାଚନ ଲଢ଼ିବୁ । ଏହି ଦୁଇଟି ରାଜ୍ୟ ଆମ ରାଡାରରେ ରହିଛି ଓ ଦଳ ପକ୍ଷରୁ ନେତାମାନଙ୍କୁ ମଧ୍ୟ ସେଠାକୁ ପଠାଯାଉଛି । ଗୁଜୁରାଟ ଓ ହିମାଚଳରେ ଆମ ପ୍ରଭାବ ନିଶ୍ଚିତ ଅନୁଭବ ହେବ । ଦୀର୍ଘ ଦଶନ୍ଧି ହେଲାଣି ଦେଶରେ କେବଳ ୨ଟି ପାର୍ଟି(ବିଜେପି ଓ କଂଗ୍ରେସ) ମଧ୍ୟରୁ ଲୋକମାନେ ଜଣଙ୍କୁ ବାଛିବାକୁ ବାଧ୍ୟ ହେଉଛନ୍ତି । ଏହି ଦୁଇ ଦଳ ପର୍ଯ୍ୟାୟକ୍ରମେ କ୍ଷମତାକୁ ଆସୁଥିଲେ ମଧ୍ୟ ଲୋକଙ୍କ ପାଇଁ କିଛି କରୁନାହାନ୍ତି । ପ୍ରଥମଥର ପାଇଁ ଲୋକମାନେ ତୃତୀୟ ବିକଳ୍ପ ପାଇଛନ୍ତି । ଲୋକମାନେ ପରିବର୍ତ୍ତନ ଚାହୁଁଛନ୍ତି ।" ପଞ୍ଜାବରେ ଆପ୍ କ୍ଷମତା ଦଖଲ କରିପାରିବ ନାହିଁ ବୋଲି ଅନେକ ଲୋକ ପୂର୍ବରୁ କହୁଥିଲେ । ହେଲେ ଆପ୍ ରେକର୍ଡ ୯୨ଟି ଆସନରେ ଜିତିଛି । ଏହା ଉପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, "ଆପ୍ ସମ୍ପର୍କରେ ଏପରି କଥା ଆମେ ବହୁ ଦିନରୁ ଶୁଣି ଆସୁଛୁ । ବଡ଼ବଡ଼ ରାଜନୀତିକ ପଣ୍ଡିତ ଓ ବ୍ୟକ୍ତିମାନେ ଆମ ଉପସ୍ଥିତିକୁ ଆଦୌ ଗୁରୁତ୍ୱ ଦିଅନ୍ତି ନାହିଁ । କିନ୍ତୁ ଆମେ ସେମାନଙ୍କୁ ଭୁଲ ପ୍ରମାଣିତ କରି କ୍ଲିନ ସୁଇପ କରିଛୁ । ମୁଁ ବିନମ୍ରତାର ସହ କହିବାକୁ ଚାହେଁ ଯେ ଗତ ୧୦ ବର୍ଷ ହେଲାଣି ଆମେ କଠିନ ପରିଶ୍ରମ କରି ଚାଲିଛୁ । ଏବେ ଆମ ପ୍ରଦର୍ଶନ ସମସ୍ତ ଆଗରେ ରହିଛି ।" ୨୦୧୭ରେ ଆପ୍ ପଞ୍ଜାବରେ ନିର୍ବାଚନ ଲଢ଼ିଥିଲେ ମଧ୍ୟ କେବଳ ୨୦ଟି ଆସନ ଜିତିବାକୁ ସକ୍ଷମ ହୋଇଥିଲା । ହେଲେ ୨୦୨୨ରେ ଆପ୍ ସବୁ ଗଣିତକୁ ଓଲଟପାଲଟ କରି ୯୨ଟି ଆସନ ଦଖଲ କରିଛି ।

# ଡେଲଟା,ଓମିକ୍ରନ୍ ସୃଷ୍ଟି କରିଛି ନୂତନ ଭୂତାଣୁ

**ମୁମ୍ବଇ :** ଭାରତ ତଥା ସମଗ୍ର ବିଶ୍ୱରେ କରୋନା ଭୂତାଣୁ ହ୍ରାସ ପାଉଥିବା ହେତୁ ଏହା ସଭିଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛି । ମାତ୍ର ଏହି ସମୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଏକ ଚିନ୍ତାଜନକ ଖବର ସାମ୍ନାକୁ ଆସିଛି । ନିକଟରେ ହୋଇଥିବା ଅଧ୍ୟୟନରୁ ଜଣାପଡିଛି, ଡେଲଟା ଏବଂ ଓମିକ୍ରନ୍ ଏକ ନୂତନ ଭୂତାଣୁ ସୃଷ୍ଟି କରିଛି , ଏହାର ପ୍ରମାଣ ମଧ୍ୟ ମିଳିଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ, ଡେଲଟା ଏବଂ ଓମିକ୍ରନ୍ ର ଶୀଘ୍ର ବିସ୍ତାର ହେତୁ ଏହି ଭୟ ପୂର୍ବରୁ ରହିଥିଲା । ବୈଜ୍ଞାନିକଙ୍କ କହିବାନୁଯାୟୀ, ଏହା କେତେ ମାରାତ୍ମକ ଏବଂ ଏହା କେତେ ଶୀଘ୍ର ବ୍ୟାପିଥାଏ ସେ ବିଷୟରେ ଗବେଷଣା କରାଯାଉଛି । ଜାନୁଆରୀ ୨୦୨୨ ରେ ଫ୍ରାନ୍ସରେ ଏହି ଭୂତାଣୁ ବିସ୍ତାର ଆରମ୍ଭ ହୋଇସାରିଛି । ଏହାପୂର୍ବରୁ ବୈଜ୍ଞାନିକ କହିଛନ୍ତି , କରୋନା ଆମ ଭିତରୁ ଯାଇ ନାହିଁ, ଏହାର ପ୍ରକରଣ ଗୁଡିକ ଆସୁଥିବ । କରୋନାର ଡେଲଟା ଭାରିଆଣ୍ଟ ସମଗ୍ର ଦୁନିଆରେ ଭୟାବହ ପରିସ୍ଥିତି ସୃଷ୍ଟି କରିଥିଲା । ମାତ୍ର ଏହା ତୁଳନାରେ ଓମିକ୍ରନ କମ ଘାତକ ସାବ୍ୟସ୍ତ ହୋଇଥିଲା । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ କୁହାଯାଇଛି, ବର୍ତ୍ତମାନ ଓମିକ୍ରନ ଓ ଡେଲଟା ମିଶି ଏକ ନୂତନ ଭୂତାଣୁ ବ୍ୟାପିବାରେ ଲାଗିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବୈଜ୍ଞାନିକ ମାରିଆ ଭାନ କରଖୋବ ଟ୍ୱିଟ କରିଛନ୍ତି, ସାର୍ସକୋଭ୨ ଓମିକ୍ରନ୍ ଏବଂ ଡେଲଟା ପ୍ରକରଣ ଗୁଡିକ ଏକତ୍ର ବିସ୍ତାର ହେବାର ସମ୍ଭାବନା ରହିଛି । ଦ୍ରୁତ ଗତିରେ ବ୍ୟାପିବାର ମଧ୍ୟ ସମ୍ଭାବନା ରହିଛି । ସେ ଏହା ମଧ୍ୟ ଲେଖିଛନ୍ତି ଯେ ଆମେ ଏହାକୁ ଟ୍ରାକିଂ କରୁଛୁ ଏବଂ ଏହା ଉପରେ ଆଲୋଚନା ମଧ୍ୟ ଚାଲିଛି । ମାର୍ଚ୍ଚ ୯ ତାରିଖ ରେ ମାରିଆ ଏହି ଟୁଇଟ୍ କରିଛନ୍ତି । ମାରିଆ ଭୂତାଣୁ ବିଶେଷଜ୍ଞ ଜେରେମି କାମିଲଙ୍କ ଟ୍ୱିଟକୁ ଆଉ ଥରେ ଟ୍ୱିଟ କରିଛନ୍ତି । ଏହି ଟୁଇଟ୍ ଅନୁଯାୟୀ ଡେଲଟା-ଓମିକ୍ରନ୍ ରମିଶ୍ରିତ ଜୀବାଣୁ ବିଷୟରେ ପ୍ରମାଣ ମିଳିଛି । ଜାନୁଆରୀ ୨୦୨୨ ରୁ ଏହା ଫ୍ରାନ୍ସରେ ବ୍ୟାପିବାରେ ଲାଗିଛି । ସମାନ ଭୂତାଣୁ ଡେନମାର୍କ ଏବଂ ନେଦରଲ୍ୟାଣ୍ଡରେ ମଧ୍ୟ ଦେଖିବାକୁ ମିଳିଛି । ରିପୋର୍ଟ ଅନୁଯାୟୀ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବୈଜ୍ଞାନିକ ସାମ୍ବାଦିକ ସମ୍ମିଳନୀରେ ମଧ୍ୟ କହିଛନ୍ତି , ବର୍ତ୍ତମାନ ସୁଦ୍ଧା ଏହାର ମାରାତ୍ମକ ତଥା ଅଧିକ ବିସ୍ତାର ସହ ଜଡିତ କୌଣସି ବିଶେଷ ପରିବର୍ତ୍ତନ ଦେଖାଯାଇ ନାହିଁ, ମାତ୍ର ଅଧ୍ୟୟନ ଜାରି ରଖାଯାଇଛି ।

## ପ୍ରତିରକ୍ଷା କ୍ଷେତ୍ରରେ 'ଆତ୍ମନିର୍ଭର' ପାଇଁ ସରକାରଙ୍କ ବଡ଼ ପଦକ୍ଷେପ, ଆରମ୍ଭ ହେବ ନୂଆ ଏଜେନ୍



**ନୂଆଦିଲ୍ଲୀ :** ପ୍ରତିରକ୍ଷା ମନ୍ତ୍ରଣାଳୟ ହତିଆର ନିର୍ମାଣ ଏବଂ ଟେଷ୍ଟିଂ ମାମଲାରେ ଆତ୍ମନିର୍ଭର ହେବା ଦିଗରେ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି । ଏକ ନୋଡାଲ ଅମ୍ବ୍ରେଲା ଗଠନ କରିବା ପାଇଁ କେନ୍ଦ୍ର କ୍ୟାବିନେଟ ନିକଟରେ ପ୍ରସ୍ତାବ ଉପସ୍ଥାପନ କରିଛି ପ୍ରତିରକ୍ଷା ମନ୍ତ୍ରଣାଳୟ । ଏହି ସଂସ୍ଥା ଘରୋଇ ସେକ୍ଟରର କମ୍ପାନୀ ଗୁଡିକ ଦ୍ୱାରା ନିର୍ମାଣ କରାଯାଇଥିବା ପ୍ରତିରକ୍ଷା ଉପକରଣକୁ ସାର୍ଟିଫିକେଟ ପ୍ରଦାନ କରିବ । ଚଳିତ ବର୍ଷ ବଜେଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ଏହି କଥା ଉଲ୍ଲେଖ କରିଥିଲେ । ଏକ ସ୍ୱତନ୍ତ୍ର ଟେଷ୍ଟିଂ ଏବଂ ସାର୍ଟିଫିକେସନ ସଂସ୍ଥା ଗଠନ କରାଯିବ । ଭାରତରେ ଘରୋଇ ଉପକରଣ ନିର୍ମାଣକାରୀ କମ୍ପାନୀ ଗୁଡିକ ପାଇଁ ଏହା ଏକ ବଡ଼ ପଦକ୍ଷେପ ହୋଇପାରେ । ଏହାଦ୍ୱାରା ଘରୋଇ କମ୍ପାନୀ ଗୁଡିକର ପ୍ରତିରକ୍ଷା ଉପକରଣ ଯୋଗାଣ ମଧ୍ୟ ବୃଦ୍ଧି ପାଇବ । ଏହାସହ ଘରୋଇ ସଂସ୍ଥା ଗୁଡିକ ଯେପରି ଭୁଲ ଉପାୟରେ ଉପକରଣ ଗୁଡିକର ସାର୍ଟିଫିକେସନ ନ କରନ୍ତି ଏହା ଉପରେ ନଜର ରଖିବ ଏହି ସଂସ୍ଥା । ଚଳିତ ବର୍ଷ ପ୍ରତିରକ୍ଷା ବଜେଟର ୬୮ ପ୍ରତିଶତ ଘରୋଇ ଉତ୍ପାଦନ ପାଇଁ ରଖାଯାଇଛି । ଘରୋଇ ଉଦ୍ୟୋଗ ଏହାର ଲାଭ ଉଠାଇପାରିବେ ।

**ଚୀନର ପ୍ରତିରକ୍ଷା ବଜେଟ୍ ନେଇ ଆନନ୍ଦ ମହିନ୍ଦ୍ରାଙ୍କ ପ୍ରତିକ୍ରିୟା**

# ସାଇଜ୍ ଡୋଜ୍ ନଟ୍ ମ୍ୟାଟର

**ନୂଆଦିଲ୍ଲୀ :** ଚୀନ ନିଜର ପ୍ରତିରକ୍ଷା ବଜେଟ୍ ପୁଣି ଥରେ ବୃଦ୍ଧି କରିଛି । ଏଥିସହ ଭାରତ ତୁଳନାରେ ଚୀନର ପ୍ରତିରକ୍ଷା ବଜେଟ୍ ତିନି ଗୁଣ ବୃଦ୍ଧି ଘଟିଛି । କିନ୍ତୁ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଗ୍ରୁପର ମୁଖ୍ୟ ଆନନ୍ଦ ମହିନ୍ଦ୍ରାଙ୍କ କହିବା କଥା ଆକାରରେ କୌଣସି ଫରକ ପଡେ ନାହିଁ । ଚୀନର ରକ୍ଷା ବଜେଟ୍ ସଂପର୍କିତ ଏକ ଖବର ସେୟାର କରି ଆନନ୍ଦ ମହିନ୍ଦ୍ରା ନିଜର ଟୁଇଟରେ ଲେଖିଛନ୍ତି, ସାଇଜ୍ ମ୍ୟାଟର କରେ ନାହିଁ ଅର୍ଥାତ ଆକାରରେ କିଛି ଫରକ ପଡେ ନାହିଁ । ସେ କହିଛନ୍ତି ଭବିଷ୍ୟତର ଯୁଦ୍ଧ ଭିନ୍ନ ଧରଣର ହେବାକୁ ଯାଉଛି । ୟୁକ୍ରେନରେ ଡ୍ରୋନ, ଟ୍ୟାଙ୍କ ତାଣ୍ଡବଲୀଳା ମଚାଉଛନ୍ତି । ଏହା ମହତ୍ୱ ରଖେ ନାହିଁ ଯେ, ଆମେ କେତେ ଖର୍ଚ୍ଚ କରୁଛୁ ବରଂ ଏହା ମହତ୍ୱ ରଖେ ଯେ ଆମେ କେତେ ଚତୁରତାର ସହ ଖର୍ଚ୍ଚ କରୁଛନ୍ତି । ଚୀନ ନିଜର ପ୍ରତିରକ୍ଷା ବଜେଟ୍ରେ ୭.୧ ପ୍ରତିଶତ ବୃଦ୍ଧି କରି ୨୩୦ ଅରବ ଡଲାର କରିବାକୁ ପ୍ରସ୍ତାବ ଦେଇଛନ୍ତି । ଗତ ବର୍ଷ ଏହା ୨୦୯ ଅରବ ଡଲାର ରହିଥିଲା । ଏହି ବୃଦ୍ଧି ସହିତ ଚୀନର ପ୍ରତିରକ୍ଷା ବଜେଟ୍ ଭାରତର



ପ୍ରତିରକ୍ଷା ବଜେଟ୍ ତୁଳନାରେ ତିନି ଗୁଣ ଅଧିକ ରହିଛି । ଭାରତର ପ୍ରତିରକ୍ଷା ବଜେଟ୍ ପ୍ରାୟ ୭୦ ଅରବ ଡଲାର ରହିଛି । ଚୀନ ଦ୍ୱାରା ପ୍ରତିରକ୍ଷା ବଜେଟ୍ରେ ବୃଦ୍ଧି ପ୍ରସ୍ତାବ ଭାରତ ସହିତ ପୂର୍ବ ଲଦାଖରେ ଗତିରୋଧ ଏବଂ ଆମେରିକା ସହିତ ବଢୁଥିବା ରାଜନୈତିକ ଏବଂ ସୈନ୍ୟ ଉତ୍ତେଜନା ମଧ୍ୟରେ ଆସିଛି । ସୂଚନାଯୋଗ୍ୟ, ଆମେରିକା ପରେ ଚୀନ ପ୍ରତିରକ୍ଷା ବଜେଟ୍ରେ ଖର୍ଚ୍ଚ କରିବା ମାମଲାରେ ଦୁନିଆରେ ଦ୍ୱିତୀୟ ସ୍ଥାନରେ ରହିଛି ।

## କୋଭୋଭାକ୍ସକୁ ଅନୁମତି
## ୧୨-୧୭ ବୟସ୍କ ପିଲାଙ୍କୁ ମିଳିବ



**ନୂଆଦିଲ୍ଲୀ :** ସିରମ୍ ଇନଷ୍ଟିଚ୍ୟୁଟ୍ ଅଫ ଇଣ୍ଡିଆ ଦ୍ୱାରା ବିକଶିତ କରୋନା ଟିକା କୋଭୋଭାକ୍ସକୁ ଜରୁରୀ ବ୍ୟବହାର ଅନୁମତି ମିଳିଛି । ଭାରତ ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ବୁଧବାର ଏହି ଟିକାକୁ ଅନୁମତି ଦେଇଛନ୍ତି ଯାହା ୧୨ ବର୍ଷରୁ ଅଧିକ ବୟସର ପିଲାମାନଙ୍କୁ ଦିଆଯିବ । ୧୨ରୁ ୧୭ବର୍ଷର ପିଲାଙ୍କ କ୍ଷେତ୍ରରେ ଏହି ଟିକାର ବ୍ୟବହାର ନିମନ୍ତେ କେତେକ ସର୍ତ୍ତ ରହିବ । ୧୮ବର୍ଷରୁ କମ୍ ବୟସର ପିଲାଙ୍କ ନିମନ୍ତେ ୪ର୍ଥ କରୋନା ଟିକା କୋଭୋଭାକ୍ସକୁ ବ୍ୟବହାର ଅନୁମତି ମିଳିଛି । ଅନ୍ୟପକ୍ଷରେ ବାଓଲୋଜିକାଲ-ଇ ପକ୍ଷରୁ ବିକଶିତ କୋର୍ବାଭ୍ୟାକ୍ସର ଦ୍ୱିତୀୟ ଓ ଅନ୍ତିମ ପର୍ଯ୍ୟାୟର ପରୀକ୍ଷଣ ପାଇଁ ଡିଜିସିଆଇକୁ ଅନୁମତି ମଗାଯାଇଛି । ଏହି ଟିକାର ସଫଳ ପରୀକ୍ଷଣ ପରେ ଏହାକୁ ୫ରୁ ୧୧ ବର୍ଷ ବୟସ୍କ ଶିଶୁଙ୍କୁ ଦିଆଯିବ ।

**ୟୁପିରେ କଂଗ୍ରେସର ବଡ଼ ପରାଜୟ**

# କାମ ଦେଲାନି ଭାଇ ଭଉଣୀଙ୍କ ଫର୍ମୁଲା

**ଲକ୍ଷ୍ନୌ :** ଉତ୍ତରପ୍ରଦେଶର ବିଧାନସଭା ନିର୍ବାଚନରେ କଂଗ୍ରେସ ବଡ଼ ବିଫଳତାର ସମ୍ମୁଖୀନ ହୋଇଛି । ଉତ୍ତରପ୍ରଦେଶର ରାଜନୈତିକ ଇତିହାସରେ ସବୁଠାରୁ ବଡ଼ ପରାଜୟର ସମ୍ମୁଖୀନ ହୋଇଛି କଂଗ୍ରେସ । ଗତ ନିର୍ବାଚନରେ ମଧ୍ୟ ଏଠାରେ କଂଗ୍ରେସ ଭଲ ପ୍ରଦର୍ଶନ କରିନଥିଲା । ଚଳିତ ନର୍ବାଚନକୁ ଦୃଷ୍ଟିରେ ରଖି ପ୍ରିୟଙ୍କା ଗାନ୍ଧୀ ରାଜନୀତି ମୈଦାନକୁ ଓହ୍ଲାଇଥିଲେ । ହାଥ୍ରାସ୍ ଓ ଉନ୍ନାଓ ମାମଲାକୁ କଂଗ୍ରେସ ମୁଦ୍ଦା କରିଥିବା ବେଳେ ତାର କୌଣସି ପ୍ରଭାବ ବିଜେପି ଉପରେ ପଡ଼ିନାହିଁ । କଂଗ୍ରେସ କେବଳ ରାଜ୍ୟରେ ଆସନ ସଂଖ୍ୟା ହ୍ରାସ କରିନାହିଁ, ବରଂ ଭୋଟରେ ମଧ୍ୟ ହ୍ରାସ ଘଟିଛି । ୨୦୧୭ ବିଧାନସଭା ନିର୍ବାଚନରେ କଂଗ୍ରେସ ଦଳ ୬.୨୫ ପ୍ରତିଶତ ଭୋଟ୍ ପାଇଛି । ତା'ପରେ ସମାଜବାଦୀ ପାର୍ଟି ସହ ମିଳିତ ଭାବେ କଂଗ୍ରେସ ନିର୍ବାଚନରେ ପ୍ରବେଶ କରିଥିଲା । ଚଳିତଥର କଂଗ୍ରେସ ଏକଲା ଚାଲୋ ରଣନୀତି ଆପଣାଇ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲା । ହେଲେ ଲୋକ ମାନେ କଂଗ୍ରେସ ଉପରେ ଆସ୍ଥା ପ୍ରକାଶ କରିପାରିନଥିବା ଦେଖିବାକୁ ମିଳିଛି । ଦଳ ୨୦୧୭ ରେ ୬.୨୫ ପ୍ରତିଶତ ଭୋଟ୍



ତୁଳନାରେ ମାତ୍ର ୨.୩୩ ପ୍ରତିଶତ ଭୋଟ୍ ପାଇବାରେ ସଫଳ ହୋଇଛି । ଉତ୍ତରପ୍ରଦେଶରେ କଂଗ୍ରେସର ଅବସ୍ଥା ହଠାତ୍ ଖରାପ ହୋଇନାହିଁ । ଗତ ଅନେକ ନିର୍ବାଚନରୁ ଏହି ଧାରା ଦେଖାଯାଉଛି । ଦୀର୍ଘ ଦିନ ଧରି ରାଜ୍ୟରେ କ୍ଷମତାରେ ଥିବା ଦଳ ଧୀରେ ଧୀରେ ବିରୋଧୀ ଦଳ ହୋଇଛି । ବର୍ତ୍ତମାନ ଯଦି ଆମେ ଆକଳନକୁ ଦେଖିବା ତେବେ ଜଣାପଡିଛି ୟୁପି ନିର୍ବାଚନରେ ଦଳ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁନାହିଁ । ଶେଷ ଥର ପାଇଁ ୧୯୮୫ ବିଧାନସଭା ନିର୍ବାଚନରେ କଂଗ୍ରେସ ୫୦ ରୁ ଅଧିକ ଆସନ ପାଇଥିଲା । ସେତେବେଳେ କଂଗ୍ରେସ ଉତ୍ତରପ୍ରଦେଶରେ ୨୬୯ ଟି ଆସନ ଜିତି ସରକାର ଗଠନ କରିଥିଲା । କିନ୍ତୁ ସେବେଠାରୁ ଦଳ ୫୦ ମାର୍କ ମଧ୍ୟ ଅତିକ୍ରମ କରିପାରୁ ନାହିଁ ।


## ନିଟ୍(ୟୁଜି) ପାଇଁ ହଟିଲା ସର୍ବୋଚ୍ଚ ବୟସ ସୀମା




**ନୂଆଦିଲ୍ଲୀ :** ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ପ୍ରବେଶିକା ପରୀକ୍ଷା ନିଟ୍ (ୟୁଜି) ଲାଗି ପ୍ରାର୍ଥୀଙ୍କ ସର୍ବୋଚ୍ଚ ବୟସ ସୀମାର କୌଣସି ମାନଦଣ୍ଡ ରହିବ ନାହିଁ । ଏହି ପ୍ରବେଶିକା ପରୀକ୍ଷା ଲାଗି ସର୍ବୋଚ୍ଚ ବୟସ ସୀମା ନେଇ ପୂର୍ବରୁ ଧାର୍ଯ୍ୟ କରାଯାଇଥିବା ମାନଦଣ୍ଡକୁ ରାଷ୍ଟ୍ରୀୟ ଆୟୁର୍ବିଜ୍ଞାନ ଆୟୋଗ (ଏନଏମସି) ଅଧୀନ ଅଣ୍ଡର ଗ୍ରାଜୁଏଟ୍ ଡାକ୍ତରୀ ଶିକ୍ଷା ବୋର୍ଡ ଉଚ୍ଛେଦ କରିଦେଇଛନ୍ତି । ୨୦୨୨-୨୩ ଶିକ୍ଷା ବର୍ଷ ଲାଗି ହେବାକୁ ଥିବା ନିଟ୍ ୟୁଜିରେ ଏହି ନିୟମ ଲାଗୁ ହେବ । ୨୦୧୯ରେ ପ୍ରଣୀତ ନିୟମ ଅନୁଯାୟୀ ଏହି ପ୍ରବେଶିକା ପରୀକ୍ଷା ଲାଗି ସର୍ବୋଚ୍ଚ ବୟସ ସୀମା ୨୫ବର୍ଷ ଧାର୍ଯ୍ୟ କରାଯାଇଥିଲା । ଏହା ବିରୋଧରେ କେତେକ ପ୍ରାର୍ଥୀ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ଏହାର ରାୟ ପ୍ରକାଶ ପାଇବାକୁ ରହିଛି ।

# ଭାରତରେ ଆସିବନି ୪ର୍ଥ ଲହର !

**ନୂଆଦିଲ୍ଲୀ :** ମହାମାରୀ କରୋନାକୁ ନେଇ ଆଶା ଆଶଙ୍କାରେ ଥିବା ଲୋକଙ୍କ ପାଇଁ ଭଲ ଖବର ଆସିଛି । ମହାମାରୀ କରୋନାର ତୃତୀୟ ୱେଭ ବର୍ତ୍ତମାନ ଦେଶରେ ଶେଷ ହୋଇଯାଇଛି । ସେହିପରି ଦେଶକୁ କରୋନାର ୪ର୍ଥ ଲହର ଆସିବାର ସମ୍ଭାବନା ନାହିଁ କହିଲେ ଚଳେ । ସଂପୂର୍ଣ୍ଣ ଭାବେ ନୂଆ କରୋନା ଭାରିଏଣ୍ଟ ନ ଆସିବା ଯାଏ ସଂକ୍ରମଣ ଆଉ ବଢ଼ିବ ନାହିଁ ବୋଲି ବରିଷ୍ଠ ଭାଇରୋଲୋଜିଷ୍ଟ ଡା ଜ୍ୟାକବ ଜନ କହିଛନ୍ତି । ତାଙ୍କ ମତରେ ଭାରତ ବର୍ତ୍ତମାନ କରୋନାର ଏଣ୍ଡେମିକ୍ ପର୍ଯ୍ୟାୟରେ ପୁଣିଥରେ ପ୍ରବେଶ କରିଛି ଓ ୪ର୍ଥ ୱେଭର ବିପଦ ଦେଶ ଉପରେ ନାହିଁ । ଗୋଟିଏ ଗଣମାଧ୍ୟମକୁ ଡା. ଜ୍ୟାକବ ଜନ କହିଛନ୍ତି, "ମୋ ମତରେ ବର୍ତ୍ତମାନ ମହାମାରୀ କରୋନା ଭାରତରେ ଏଣ୍ଡେମିକ ପର୍ଯ୍ୟାୟରେ ପହଞ୍ଚିଛି । ଏଣ୍ଡେମିକ ପର୍ଯ୍ୟାୟ ଅର୍ଥ ଦୈନିକ ସଂକ୍ରମଣ ବହୁତ କମ ଓ କ୍ରମାଗତ ୪ ସପ୍ତାହ ସ୍ଥିର ଅବସ୍ଥାରେ ରହିବ । ବେଳେବେଳେ ଏହା ସାମାନ୍ୟ ଉପର ତଳ ମଧ୍ୟ ହୋଇପାରେ । ବର୍ତ୍ତମାନ ଭାରତରେ ୪ ସପ୍ତାହରୁ ଅଧିକ ଦିନ



ହେଲା ସଂକ୍ରମଣ ତଳମୁହାଁ ହୋଇଛି । ଦେଶର ସବୁ ରାଜ୍ୟରେ ସମାନ ଟ୍ରେଣ୍ଡ ଦେଖାଯାଉଛି । ତେଣୁ ଭାରତରେ କରୋନାର ତୃତୀୟ ଲହର ଶେଷ ହୋଇଥିବା ମୁଁ ବିଶ୍ୱାସର ସହ କହୁଛି । କରୋନାର ଆଲଫା, ବିଟା, ଗାମା, ଡେଲ୍ଟା ଓ ଓମିକ୍ରନ ଠାରୁ ସଂପୂର୍ଣ୍ଣ ଅଲଗା ଭାରିଏଣ୍ଟ ନ ଆସିବା ଯାଏ ସଂକ୍ରମଣ ବଢ଼ିବାର ଆଶଙ୍କା ନାହିଁ । ନୂଆ ଭାରିଏଣ୍ଟ ନ ଆସିବା ଯାଏ ଭାରତରେ କରୋନାର ୪ର୍ଥ ୱେଭ ଦେଖିବାକୁ ମିଳିବନି । ସାର୍ସ କୋଭ-୨ ଆଗକୁ ମ୍ୟୁଟେସନ ଜାରି ରଖିବ । କିଛି ମ୍ୟୁଟେନ ସାମାନ୍ୟ ସମସ୍ୟା ସୃଷ୍ଟି କରିପାରେ । ତେବେ ଭାଇରସର ସଂକ୍ରମଣ ବହୁତ କମ ଓ ନିୟନ୍ତ୍ରଣ ମଧ୍ୟରେ ରହିବ । ତଥାପି ଆମକୁ ରୋଗର ସର୍ଭେଲାନ୍ସ କରିବାକୁ ପଡ଼ିବ ଓ ନିୟମିତ ଜେନୋମ ସିକ୍ୱେନ୍ସିଂ କରିବାକୁ ପଡ଼ିବ । ଏହାଦ୍ୱାରା କୌଣସି ମ୍ୟୁଟେସନ ଆମ ନଜରରୁ ଖସିପାରିବ ନାହିଁ । ଅତୀତରେ ସମସ୍ତ ଶ୍ୱାସ ଜନିତ ମହାମାରୀ ଇନଫ୍ଲୁଏଞ୍ଜା ଯୋଗୁ ଘଟିଥିଲା । ପ୍ରତିଟି ଇନଫ୍ଲୁଏଞ୍ଜା ମହାମାରୀ ୨ଟି କିମ୍ବା ୩ଟି ୱେଭ ପରେ ଥମିଯାଏ । କରୋନା କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି ।" ସୂଚନାଯୋଗ୍ୟ, ଭାରତରେ କ୍ରମାଗତ ଭାବେ ଦୈନିକ ସଂକ୍ରମଣ ହ୍ରାସ ପାଇବାରେ ଲାଗିଛି ।


# ବିଏମ୍‌ସିକୁ ଛାଡି ସମସ୍ତ କୋଭିଡ୍ ହସ୍ପିଟାଲ ବନ୍ଦ

**ଭୁବନେଶ୍ୱର :** ରାଜ୍ୟର ସମସ୍ତ ୩୦ ଜିଲ୍ଲାରେ ଏବେ ପ୍ରାୟ ୧୧୧୦ଜଣ ସକ୍ରିୟ କରୋନା ସଂକ୍ରମିତ ରହିଥିଲେ ମଧ ରାଜ୍ୟ ସରକାର ମାର୍ଚ୍ଚ ୧ରୁ ସମସ୍ତ କୋଭିଡ୍ ହସ୍ପିଟାଲ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ ଟେକନିକାଲ କମିଟିର ସୁପାରିଶ ଓ ଜିଲ୍ଲାପାଳମାନଙ୍କ ପ୍ରସ୍ତାବ ଆଧାରରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏହି ନିଷ୍ପତ୍ତି ନେଇଛି। ରାଜ୍ୟର ସବୁ ଘରୋଇ ହସ୍ପିଟାଲରେ କୋଭିଡ୍ ଚିକିତ୍ସାକୁ ମାର୍ଚ୍ଚ ୧ରୁ ବନ୍ଦ କରାଯାଇଥିବାବେଳେ ଭୁବନେଶ୍ୱର ମହାନଗର ନିଗମକୁ ଏଥିରୁ ଦୂରେଇ ରଖାଯାଇଛି। ଭୁବନେଶ୍ୱର ମହାନଗରରେ କେତେ କୋଭିଡ୍ ବେଡ୍ ରହିବ ତା'ର ବାସ୍ତବ ସ୍ଥିତିକୁ ଆକଳନ କରି ସମ୍ପୃକ୍ତ ମହାନଗରର କମିଶନର ନିଷ୍ପତ୍ତି ନେଇପାରିବେ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି।ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ



ଡାକ୍ତର ଦୀନବନ୍ଧୁ ପଣ୍ଡା ଗତ ସପ୍ତାହରେ ସମସ୍ତ ଜିଲ୍ଲାପାଳ, ସବୁ ମହାନଗର ନିଗମର କମିନର, ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷ, ଭୀମସାର ଓ ଆଚାର୍ଯ୍ୟ ହରିହର କ୍ୟାନସର ଇନଷ୍ଟିଚ୍ୟୁଟ ନିର୍ଦ୍ଦେଶକଙ୍କୁ ଚିଠି ଲେଖି କୋଭିଡର ତୃତୀୟ ଲହରୀ ପାଇଁ ଜିଲ୍ଲାଗୁଡ଼ିକରେ ସକ୍ରିୟ କରାଯାଇଥିବା ଘରୋଇ କୋଭିଡ୍ ହସ୍ପିଟାଲ ଓ ସରକାରୀ ହସ୍ପିଟାଲରେ ବେଡ୍ ସଂଖ୍ୟା ହ୍ରାସ/ସମ୍ପୂର୍ଣ୍ଣ ବନ୍ଦ ପାଇଁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ, ୨୦୨୨ ଫେବୃୟାରୀ ୧୬ତାରିଖରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଚିଠି ଲେଖାଯାଇଥିଲା। ତେବେ ଟେକନିକାଲ କମିଟିର ସୁପାରିଶକୁ ବିଚାର କରିବା ପରେ ରାଜ୍ୟ ସରକାର କୋଭିଡ୍ ଚିକିତ୍ସା ଯୋଗାଉଥିବା ସମସ୍ତ ଘରୋଇ ହସ୍ପିଟାଲ ସହ ବୁଝାମଣା ସମାପ୍ତ କରିଛନ୍ତି। ଅର୍ଥାତ୍ ମାର୍ଚ୍ଚ ୧ରୁ କେବଳ ବିଏମସି ଅଂଚଳକୁ ଛାଡ଼ି ଏସବୁ ହସ୍ପିଟାଲରେ କୋଭିଡ୍ ଚିକିତ୍ସା ପାଇଁ ସରକାର କୌଣସି ଅର୍ଥ ଦେବେ ନାହିଁ। ଏହା ସହିତ ଜିଲ୍ଲାପାଳ ଓ ମହାନଗର ନିଗମ କମିଶନରମାନଙ୍କ ପ୍ରସ୍ତାବକୁ ଦୃଷ୍ଟିରେ ରଖି କୋଭିଡ୍ ଚିକିତ୍ସା ସୁବିଧା ଯୋଗାଇବାକୁ ମଧ ବନ୍ଦ କରାଯାଇଛି। ତେବେ ମାର୍ଚ୍ଚ ୧ରୁ କୋଭିଡ୍ ସୁବିଧା ବନ୍ଦ କରାଯାଇଥିଲେ ମଧ କେତେକ ହସ୍ପିଟାଲରେ ରୋଗୀମାନେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ସମ୍ପୃକ୍ତ ହସ୍ପିଟାଲଗୁଡ଼ିକ ସେହି ରୋଗୀମାନେ ଡିସଚାର୍ଜ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବେ ଓ ଚିକିତ୍ସା ବିଲ୍ ସରକାର ଯୋଗାଇ ଦେବେ ବୋଲି ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ସେହିପରି ବିଏମସି ଅଞ୍ଚଳ କ୍ଷେତ୍ରରେ ଭୁବନେଶ୍ୱର ମହାନଗର ନିଗମର କମିଶନର ସର୍ବନିମ୍ନ ବେଡ୍ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରର ବାସ୍ତବ ଆକଳନ ଅନୁସାରେ କୋଭିଡ୍ ବେଡ୍ ସଂଖ୍ୟା ସ୍ଥିର କରିପାରିବେ। ତେବେ ସରକାରଙ୍କ ଏହି ନିଷ୍ପତ୍ତି ଆଧାରରେ ଗତ ସପ୍ତାହରେ ବିଏମସି କର୍ତ୍ତୃପକ୍ଷ ଭୁବନେଶ୍ୱରର କେବଳ ୨ଟି ଘରୋଇ ହସ୍ପିଟାଲକୁ ଛାଡ଼ି ସମସ୍ତ ହସ୍ପିଟାଲରେ ସରକାରୀ ଖର୍ଚ୍ଚରେ କୋଭିଡ୍ ଚିକିତ୍ସା ସେବାକୁ ବନ୍ଦ କରିଛନ୍ତି। କେବଳ ସମ୍ ହସ୍ପିଟାଲରେ ୭୦ ଓ ଆଦିତ୍ୟ-ଅଶ୍ୱିନୀ ହସ୍ପିଟାଲରେ ୩୦ଟି ବେଡ୍ କୋଭିଡ୍ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ କରିଛନ୍ତି।

# ସମବାୟ ନିର୍ବାଚନ ପ୍ରକ୍ରିୟା ଆରମ୍ଭ




**ଭୁବନେଶ୍ୱର :** ରାଜ୍ୟ ସରକାର ଏବେ ନିର୍ବାଚନ ମୁହାଁ। ପଞ୍ଚାୟତ ପରେ ପୌର ନିର୍ବାଚନ ଚାଲୁ ରହିଥିବା ବେଳେ ସରକାର ଏବେ ସମବାୟ ନିର୍ବାଚନ ପାଇଁ ପାଗ ଭିଡ଼ିଲେଣି। ନିର୍ବାଚନ କିଭଳି ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରାଯିବ, ସେନେଇ ରାଜ୍ୟ ସମବାୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସବୁ ଜିଲାପାଳଙ୍କୁ ବୁଧବାର ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ସମବାୟ ନିର୍ବାଚନ ଆୟୋଗଙ୍କ ସଚିବ ସବୁ ଜିଲାପାଳଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ପୌର ନିର୍ବାଚନ ସରିବା କ୍ଷଣି ସମବାୟ ନିର୍ବାଚନ କରାଯିବ। ଏଥିଲାଗି ନିର୍ବାଚନ ଅଧିକାରୀ ନିଯୁକ୍ତି ଏବଂ ସେମାନଙ୍କ ତାଲିମ ସମ୍ପର୍କରେ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ସମବାୟ ନିର୍ବାଚନ ଆୟୋଗଙ୍କ ୨୦୧୪ ଅକ୍ଟୋବର ନିର୍ଦ୍ଦେଶନାମା ଅନୁଯାୟୀ, ପଞ୍ଚାୟତିରାଜ ବିଭାଗର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କୃଷି ବିଭାଗର ଭିଏଲଡବ୍ଲ୍ୟୁ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ପ୍ରାଣୀ ସମ୍ପଦ ନିରୀକ୍ଷକ ନିର୍ବାଚନ ପରିଚାଳନା ଅଧିକାରୀ ରହିବେ। ସମବାୟ ସମିତି ଉପ ନିବନ୍ଧକ ମାନେ ଜିଲାସ୍ତରୀୟ ସମନ୍ୱୟ ଅଧିକାରୀ ଭାବେ ଅନ୍ୟାନ୍ୟ ବିଭାଗ ସହ ସମନ୍ୱୟ ରଖି ନିର୍ବାଚନ ପରିଚାଳନା କରିବେ। ଏହି ପରିପ୍ରେକ୍ଷୀରେ ନିର୍ବାଚନ କିଭଳି ଶାନ୍ତି ଶୃଙ୍ଖଳାର ସହ ହେବ, ସେଥିପାଇଁ ଆବଶ୍ୟକ ମାନବ ସମ୍ବଳ ସଂପୃକ୍ତ ସମବାୟ ନିର୍ବାଚନ ପରିଚାଳନା ଅଧିକାରୀ ମାନଙ୍କୁ ଯୋଗାଇ ଦେବାଲାଗି ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନ ଆୟୋଗଙ୍କ ଏହି ନିର୍ଦ୍ଦେଶନାମାରୁ ପ୍ରଥମେ ସମିତି, ପରେ ଜିଲା ଏବଂ ଶେଷରେ ରାଜ୍ୟ ସ୍ତରୀୟ ନିର୍ବାଚନ ହେବ ବୋଲି ଜଣାପଡୁଛି।

## ଗ୍ରୀଷ୍ମ ମୁକାବିଲା ପାଇଁ ସ୍କୁଲରେ ପାଣି ସୁବିଧା କର



**ଭୁବନେଶ୍ୱର :** ବଢୁଥିବା ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ପଦକ୍ଷେପ ନେବାକୁ ଓସେପା ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ) ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଡିପିସି)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ତଥା ଶିକ୍ଷାନୁଷ୍ଠାନରେ ପାନୀୟ ଜଳ ଯୋଗାଣକୁ ସୁନିଶ୍ଚିତ ଏବଂ କ୍ୟାମ୍ପସରେ ଥିବା ନଳକୂଅ କିମ୍ବା ଅନ୍ୟାନ୍ୟ ପାନୀୟ ଜଳର ଉତ୍ସକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଇବାକୁ କୁହାଯାଇଛି। ଆବଶ୍ୟକ ହେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ସହରାଞ୍ଚଳ ପାନୀୟ ଜଳ ଯୋଗାଣ ସଂସ୍ଥା ସହ ଯୋଗାଯୋଗ କରିପାରିବେ। ସ୍କୁଲକୁ ଆସିବା ସମୟରେ ଛାତ୍ରଛାତ୍ରୀ ସାଙ୍ଗରେ ପାଣି ବୋତଲ ଆଣିବା ଲାଗି ଅଭିଭାବକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଦିଗରେ ପ୍ରଧାନଶିକ୍ଷକ ଓ ସ୍କୁଲ ପରିଚାଳନା କର୍ତ୍ତୃପକ୍ଷ ପଦକ୍ଷେପ ନେବେ। ପର୍ଯ୍ୟାପ୍ତ ଓଆରଏସ୍ ଉପଲବ୍ଧ କରିବା, ଶ୍ରେଣୀଗୃହ ବାହାରେ କୌଣସି କାର୍ଯ୍ୟକଳାପ ନ କରିବାକୁ ପରାମର୍ଶ ଦିଆଯାଇଛି।

## କୋଭିଡରେ ଆକ୍ରାନ୍ତ କାରଣରୁ ପ୍ରିକସନ୍ ଡୋଜ୍ ନେଇପାରି ନାହାନ୍ତି ସ୍ୱାସ୍ଥ୍ୟକର୍ମୀ



**ଭୁବନେଶ୍ୱର :** ରାଜ୍ୟରେ ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧାଙ୍କ କ୍ଷେତ୍ରରେ ପ୍ରିକସନ୍ ଡୋଜ୍ ହାର କମ୍ ରହିଛି। ତୃତୀୟ ଲହରରେ ମଧ ପୂର୍ବଭଳି ବହୁ ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧା କରୋନାରେ ସଂକ୍ରମିତ ହୋଇଥିବାରୁ ସେମାନେ ପ୍ରିକସନ୍ ଡୋଜ୍ ନେଇ ପାରିନାହାନ୍ତି। ଯାହାଫଳରେ ଜାତୀୟ ହାରଠାରୁ ଓଡ଼ିଶାରେ ପ୍ରିକସନ୍ ଡୋଜ୍ ହାର କମ୍ ରହିଛି। ଦ୍ୱିତୀୟ ଡୋଜ୍‌ର ୯ମାସର ବ୍ୟବଧାନରେ ଜଣେ ପ୍ରିକସନ୍ ଡୋଜ୍ ନେଇପାରିବ। ରାଜ୍ୟରେ ଯେତିକି ଲୋକଙ୍କ ୯ମାସ ସମୟ ପୂରଣ ହୋଇଛି ସେମାନଙ୍କ ମଧ୍ୟରୁ ଶତ ପ୍ରତିଶତ ପ୍ରିକସନ୍ ଡୋଜ୍ ନେଇଛନ୍ତି। ସାମଗ୍ରିକ ଭାବେ ଏହା ୪୬ ପ୍ରତିଶତ ରହିଛି। ସେହିପରି ୧୫-୧୮ବର୍ଗରେ ୮୦ ପ୍ରତିଶତ ନିଜର ପ୍ରଥମ ଡୋଜ୍ ନେଇ ସାରିଥିବା ବେଳେ ୬୨ ପ୍ରତିଶତ ଦ୍ୱିତୀୟ ଡୋଜ୍ ନେଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ମିଳିଛି। ଅପରପକ୍ଷରେ ରାଜ୍ୟର ୧୨ଟି ଜିଲ୍ଲାରେ ଦ୍ୱିତୀୟ ଡୋଜ୍ କୋଭିଡ ଟିକାକରଣ ହାର କମ୍ ଥିବାରୁ ଡୋର ଟୁ ଡୋର କ୍ୟାମ୍ପେନ୍ ଜରିଆରେ ଟିକାକରଣକୁ ବଢ଼ାଇବା ଲାଗି ଜିଲ୍ଲାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ କରୋନା ଟିକାକରଣ ନୋଡାଲ ଅଧିକାରୀ ଡା.ବିଜୟ ପାଣିଗ୍ରାହୀ କହିଛନ୍ତି, ଅନେକ ସ୍ୱାସ୍ଥ୍ୟକର୍ମୀ/ସମ୍ମୁଖ ଯୋଦ୍ଧା କୋଭିଡରେ ଆକ୍ରାନ୍ତ ହୋଇଥିବାରୁ ସେମାନେ ପ୍ରକିସନ୍ ଡୋଜ୍ ନେଇ ପାରି ନାହାନ୍ତି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩.୨୮ କୋଟିରୁ ଅଧିକ ହିତାଧିକାରୀ ନିଜର ପ୍ରଥମ ଡୋଜ୍ ନେଇଥିବା ବେଳେ ୨.୭୯ କୋଟି ଦ୍ୱିତୀୟ ଡୋଜ୍ ନେଇ ସାରିଲେଣି। ଆଜି ୭୧,୨୪୧ ଜଣ କୋଭିଡ ଟିକା ଦିଆଯାଇଛି।

### ଢିଙ୍କିଆରେ ଜେଏସଡବ୍ଲ୍ୟୁ ପ୍ରକଳ୍ପକୁ ଅନୁମତି ପ୍ରସଙ୍ଗ


# ୪ ସପ୍ତାହରେ ଜବାବ ଦାଖଲ ପାଇଁ କେନ୍ଦ୍ର ଓ ରାଜ୍ୟକୁ ନିର୍ଦ୍ଦେଶ

**କଟକ :** ଜଗତସିଂହପୁର ଜିଲ୍ଲାର ଢିଙ୍କିଆରେ ପୂର୍ବରୁ ପୋସ୍କୋ ପ୍ରକଳ୍ପକୁ ପ୍ରଦାନ କରାଯାଇଥିବା ଫରେଷ୍ଟ କ୍ଲିୟରାନ୍ସକୁ ୨୦୧୯ରେ ଜେଏସଡବ୍ଲ୍ୟୁ ପ୍ରକଳ୍ପକୁ ଟ୍ରାନ୍ସଫର କରାଯିବା ବେଆଇନ ବୋଲି ଦର୍ଶାଇ ଦାୟର ଜନସ୍ୱାର୍ଥ ଆବେଦନକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ଜବାବ ତଲବ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ଚାରି ସପ୍ତାହ ଭିତରେ କେନ୍ଦ୍ର ଓ ରାଜ୍ୟ ସରକାର ମାମଲାରେ ଜବାବ ଦାଖଲ କରିବେ। ଏହାପରେ ଆବେଦନକାରୀ ଚାହିଁଲେ ପ୍ରତିଜବାବ ଦାଖଲ କରି ପାରିବେ ବୋଲି ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ବାସୁଦେବ ଖଣ୍ଡୱାଲଙ୍କ ଆବେଦନର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି। ମେ ୯କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ଢିଙ୍କିଆରେ ପୋସ୍କୋ ପ୍ରକଳ୍ପ ପାଇଁ ସରକାର ପ୍ରଦାନ କରିଥିବା ଜମିରେ କିଛି ଜଙ୍ଗଲ କିସମ ଜମି ରହିଥିଲା। ଏଥି ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦନକ୍ରମେ କେନ୍ଦ୍ର ସରକାର ପୋସ୍କୋ ପ୍ରକଳ୍ପକୁ ଫରେଷ୍ଟ କଂଜରଭେସନ୍ ଆଇନ ଅନୁସାରେ ଫରେଷ୍ଟ କ୍ଲିୟରାନ୍ସ ୨୦୧୧, ମେ ୪ରେ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ପୋସ୍କୋ ପ୍ରକଳ୍ପ ବନ୍ଦ ରହିଥିଲା। ପୋସ୍କୋ ପାଇଁ ପ୍ରଦାନ କରାଯାଇଥିବା ଜମିରେ ଜେଏସଡଡବ୍ଲ୍ୟୁ ପ୍ରକଳ୍ପ ଲାଗି ସରକାର ଅନୁମତି ଦେଇଥିଲେ। ପୂର୍ବରୁ ପୋସ୍କୋକୁ ମିଳିଥିବା ଫରେଷ୍ଟ କ୍ଲିୟରାନ୍ସକୁ ଜେଏସଡବ୍ଲ୍ୟୁକୁ ଟ୍ରାନ୍ସଫର ପାଇଁ ରାଜ୍ୟ ସରକାର ସୁପାରିସ କରିଥିଲେ। ଏହାପରେ କେନ୍ଦ୍ର ସରକାରଙ୍କ ଅନୁମତିରେ ପୂର୍ବରୁ ପେସ୍କୋକୁ ପ୍ରଦାନ କରାଯାଇଥିବା ଫରେଷ୍ଟ କ୍ଲିୟରାନ୍ସକୁ ଜେଏସଡବ୍ଲ୍ୟୁ ପ୍ରକଳ୍ପକୁ ଟ୍ରାନ୍ସଫର କରାଯାଇଥିଲା। ଏପରି ଫରେଷ୍ଟ କ୍ଲିୟରାନ୍ସ ଟ୍ରାନ୍ସଫର ପ୍ରସଂଗ ବେଆଇନ ଓ ଏହା ଫରେଷ୍ଟ କଂଜରଭେସନ୍ ଆକ୍ଟର ଉଲ୍ଲଂଘନ କରୁଛି ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲାରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ, ଜଗତସିଂହପୁର ଜିଲ୍ଲାପାଳ ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ସ୍କଚ୍ ରିପୋର୍ଟ ଓ ଇଣ୍ଡିଆ ଟ୍ରେଣ୍ଡ୍ସରେ ନବୀନ ତୃତୀୟ

### ସୁଶାସନରେ ପ୍ରଥମରେ ଜଗନ, ୨ୟରେ ମମତା

**ଭୁବନେଶ୍ୱର :** ୨୪ ବର୍ଷ ଧରି କ୍ଷମତାରେ ଥିଲେ ବି ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାରେ ମଳିନ ପଡିନି। ପୂର୍ବାପେକ୍ଷା ବଢ଼ିଛି ଅଧିକ ଆଦର ଓ ସାଉଁଟୁଛନ୍ତି ପ୍ରଶଂସା। ୨୦୨୧ ସ୍କଚ୍ ପ୍ରଶାସନିକ ରିପୋର୍ଟରେ କାର୍ଡ ଏହାକୁ ପୁଣିଥରେ ପ୍ରମାଣିତ କରିଛି। ଗତ ବର୍ଷ ସ୍କଚ୍ ରିପୋର୍ଟ କାର୍ଡରେ ନବୀନ ୮ ନମ୍ବର ସ୍ଥାନରେ ଥିବା ବେଳେ ବର୍ଷକ ଭିତରେ ନବୀନଙ୍କ ପ୍ରଦର୍ଶନ ୩ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ରାଜ୍ୟର ପ୍ରଦର୍ଶନକୁ ନେଇ ବିରୋଧୀ ଯେତେ ଅଭିଯୋଗ କଲେ ବି ଦକ୍ଷତା ଭିତ୍ତିକ ରିପୋର୍ଟ କାର୍ଡ ସତ ବଖାଣିଛି। ଗତ ବର୍ଷ ସ୍କଚ୍ ପ୍ରଶାସନିକ ରିପୋର୍ଟ କାର୍ଡରେ ଓଡିଶା ମୁଖ୍ୟମନ୍ତ୍ରୀ ୮ ନମ୍ବର ସ୍ଥାନରେ ଥିଲେ ବି ବର୍ଷକ ଭିତରେ ତିନି ନମ୍ବର ସ୍ଥାନକୁ ଲମ୍ଫ ଦେଇଛନ୍ତି। ନିକଟରେ ଜଗନ ଓ ମମତା ନିର୍ବାଚନ ଜିତିଥିବାରୁ ଏହି ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକ ନମ୍ବର ଓ ଦୁଇ ନମ୍ବର ସ୍ଥାନରେ ଅଛନ୍ତି। କିନ୍ତୁ କ୍ରମାଗତ ଭାବେ ୨୪ ବର୍ଷ ଧରି କ୍ଷମତାରେ ଥିବା ନବୀନ ପଟ୍ଟନାୟକଙ୍କ ନିଜ ଲୋକପ୍ରିୟତାକୁ



ବଜାୟ ରଖିବା ନିଶ୍ଚିତ ଭାବେ ଉଲ୍ଲେଖନୀୟ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି କୌଣସି ଗୋଟିଏ ହେଲେ ବିଜେପି ଶାସିତ ରାଜ୍ୟ ଶ୍ରେଷ୍ଠ ତିନି ମୁଖ୍ୟମନ୍ତ୍ରୀଙ୍କ ଭିତରେ ନାହାଁନ୍ତି। ଏପିରିକି ଗୁଜୁରାଟ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଭଳି ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଗତ ବର୍ଷକ ମଧ୍ୟରେ ନିଜର ଲୋକପ୍ରିୟତା ଦ୍ରୁତ ଭାବେ ହରାଇଛନ୍ତି। ଗତ ୨୦୨୦ ସର୍ଭେରେ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଦୁଇ ନମ୍ବରରୁ ୪ ନମ୍ବର ସ୍ଥାନକୁ ଖସିଛନ୍ତି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଲୋକପ୍ରିୟତା ମଧ ୬ ନମ୍ବରରୁ ୭ ନମ୍ବର ସ୍ଥାନକୁ ହ୍ରାସ ପାଇଛି। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ପ୍ରଶାସନିକ ଦକ୍ଷତା ଓ ଲୋକପ୍ରିୟତା ମଧ ୫ ନମ୍ବରରୁ ୮ ନମ୍ବରକୁ ହ୍ରାସ ପାଇଛି। ସେପଟେ ଅଣ ବିଜେପି ଶାସିତ ରାଜ୍ୟ ମଧ୍ୟରେ ଓଡିଶାର ପ୍ରଦର୍ଶନ ଆଖିଦୃଶିଆ ହୋଇଥିବା ବେଳେ ମହାରାଷ୍ଟ୍ର, ତେଲେଙ୍ଗନା ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ପୂର୍ବ ଅପେକ୍ଷା ବଢିଛି। ମମତା ବାନାର୍ଜୀ ତିନି ନମ୍ବରରୁ ଦୁଇ ନମ୍ବରକୁ ଉଠିଥିବା ବେଳେ ଉଦ୍ଧବ ଠାକରେ ୭ରୁ ୫ ଓ କେ.ଚନ୍ଦ୍ରଶେଖର ରାଓ ୯ରୁ ୬ ନମ୍ବରକୁ ଉନ୍ନିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଆଧାର କରି ଏହି ତାଲିକା ପ୍ରସ୍ତୁତ ହୋଇଛି।

# ଡକ୍ଟର ହୃଷିକେଶ ମଲ୍ଲିକ ଗ୍ରହଣ କଲେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

**ଭୁବନେଶ୍ୱର :** ଓଡ଼ିଶାର ବିଶିଷ୍ଟ କବି ତଥା ସାହିତ୍ୟିକ ଡକ୍ଟର ହୃଷିକେଶ ମଲ୍ଲିକ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଗ୍ରହଣ କରିଛନ୍ତି। ସାହିତ୍ୟ ଏକାଦେମୀର ସଭାପତି ଡକ୍ଟର ଚନ୍ଦ୍ରଶେଖର କମ୍ବାରଙ୍କଠାରୁ ସେ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ଡକ୍ଟର ମଲ୍ଲିକଙ୍କ ସହ ଆଉ ୨୪ ଜନଜାତି ଭାଷାର ପ୍ରତିନିଧି ସମ୍ମାନିତ ହୋଇଛନ୍ତି। ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ 'ସାହିତ୍ୟୋତ୍ସବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୁରୁବାରଠାରୁ ନୂଆଦିଲ୍ଲୀରେ ଆରମ୍ଭ ହୋଇଥିବା ଏହି ଉତ୍ସବକୁ ଭାରତର ସବୁଠୁ ସମାବେଶୀ ସାହିତ୍ୟ ଉତ୍ସବ ବୋଲି ବିବେଚନା କରାଯାଉଛି। ଏହି ଉପଲକ୍ଷେ ରବୀନ୍ଦ୍ର ଭବନ ଲନ୍‌ରେ 'ଜନଜାତି ଲେଖକ ସମ୍ମିଳନୀ' ହୋଇଥିଲା। ଉତ୍ସବକୁ ବିଶିଷ୍ଟ ବଲତି କବି ଶ୍ରୀଅଖୋନେ ଅଜଗର ଅଲି ବଶରତ ଉଦ୍ଘାଟନ କରିଥିଲେ। ଏହି ଅବସରରେ ୨୪ଟି ଜନଜାତି ଭାଷାର ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଛି। ସାହିତ୍ୟ ଏକାଦେମୀର ସଭାପତି ଡକ୍ଟର ଚନ୍ଦ୍ରଶେଖର କମ୍ବାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ସମାରୋହରେ ବିଶିଷ୍ଟ ମରାଠୀ ଲେଖକ ଡକ୍ଟର ଭାଲଚନ୍ଦ୍ର ଦନମାଦେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ବିଜେତାଙ୍କ ମଧ୍ୟରେ ଅଛନ୍ତି- ଅନୁରାଧା ଶର୍ମା ପୂଜାରୀ (ଅହମିୟା), ବ୍ରତ୍ୟ ବସୁ (ବଙ୍ଗଳା), ମୋଦାୟ ଗାହାୟ (ବୋଡୋ), ରାଜ ରାହି(ଡୋଗ୍ରୀ), ନମିତା ଗୋଖଲେ (ଇଂରାଜୀ), ଯଜ୍ଞେଶ ଦଭେ (ଗୁଜରାଟୀ), ଦୟା ପ୍ରକାଶ ସିହ୍ନା (ହିନ୍ଦୀ), ୱାଲି ମହମ୍ମଦ ଅସୀର କିସ୍ତୱାରୀ (କଶ୍ମିରୀ), ସଞ୍ଜୀବ ଭେରେଙ୍କର (କୋଙ୍କଣୀ), ଜଗଦୀଶ ପ୍ରସାଦ ମଣ୍ଡଳ (ମୈଥିଳୀ), ଜଜମ ଓଣକ୍କର (ମାଲାୟଲମ୍), ଥୋକୋଚୋମ୍ ଇବୋହାନବୀ ସିଂ(ମଣିପୁରୀ), କୀରଣ ଗୌରବ (ମରାଠୀ), ଛବିଲାଲ୍ ଉପାଧ୍ୟାୟ (ନେପାଳୀ), ଡକ୍ଟର ହୃଷିକେଶ ମଲ୍ଲିକ(ଓଡ଼ିଆ), ଖାଲିଦ ହୁସୈନ (ପଞ୍ଜାବୀ), ମୀଠେଶ ନିର୍ମୋହୀ (ରାଜସ୍ଥାନୀ), ନିରଞ୍ଜନ ହାଁସଦା (ସାନ୍ତାଳୀ), ଅର୍ଜୁନ ଚାୱଲା (ସିନ୍ଧୀ), ଅମ୍ବାଇ (ତାମିଲ), ଗୋରେଟି ଭେଙ୍କନ୍ନା (ତେଲୁଗୁ), ନନ୍ଦନ ଭାନ୍ ଖୟାଲ୍ (ଉର୍ଦ୍ଦୁ), ବିନ୍ଧେଶ୍ୱରୀ ପ୍ରସାଦ ମିଶ୍ରା 'ବିନୟ' (ସଂସ୍କୃତ)।




# ପୌର ନିର୍ବାଚନ : ମଇଦାନରେ ୭୦୫୨ ପ୍ରାର୍ଥୀ


**ଭୁବନେଶ୍ୱର :** ପୌର ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ମୋଟ ୭୦୫୨ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ଥିବାବେଳେ ୧୦୦ଜଣଙ୍କ ନାମାଙ୍କନ ପତ୍ର ରଦ୍ଦ ହୋଇଛି। ଗତ ୨ରୁ ୭ତାରିଖ ମଧ୍ୟରେ ୧୦୬ଟି ମ୍ୟୁନିସପାଲଟି ଓ ଏନଏସି ଏବଂ ୩ଟି ମହାନଗର ନିଗମର ମୋଟ ୧୮୯୯ଟି ୱାର୍ଡରେ କର୍ପୋରେଟର/କାଉନସିଲର, ମେୟର୍‌/ଅଧ୍ୟକ୍ଷ ପାଇଁ ୭୧୫୨ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବା ସହ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିଲେ। ରାଜ୍ୟ ନିର୍ବାଚନ କମିଶନର କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ପୌର ନିର୍ବାଚନରେ ମୋଟ ୧୦୬ଟି ପୌର ପରିଷଦ,ଏନଏଏସିର ଅଧ୍ୟକ୍ଷ ପଦବୀ ଓ ୩ଟି ମହାନଗରର ମେୟର ପଦବୀ ନିମନ୍ତେ ମୋଟ ୬୯୩ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। କିନ୍ତୁ ଯାଞ୍ଚରେ ସେମାନଙ୍କ ମଧ୍ୟରୁ ୨୨ଜଣଙ୍କ ନାମାଙ୍କନ ପତ୍ର ରଦ୍ଦ ହୋଇଛି। ସେହିପରି ୩ଟି ମହାନଗର ନିଗମର ୧୬୮ଟି ୱାର୍ଡ ସମେତ ୧୦୬ ପୌର ଓ ଏନଏସିର ମୋଟ ୧୮୯୯ଟି ୱାର୍ଡରେ ୬୪୫୯ଜଣ କର୍ପୋରେଟର/ କାଉନସିଲର ପଦବୀ ପାଇଁ ପ୍ରାର୍ଥୀ ହୋଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ୭୮ଜଣଙ୍କ ନାମାଙ୍କନ ପତ୍ର ରଦ୍ଦ ହୋଇଛି। ଉଲ୍ଲେଖଯୋଗ୍ୟ, ପୌର ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଯାଞ୍ଚ ଶେଷ ହୋଇଥିବାବେଳେ ଆସନ୍ତା ୧୪ତାରିଖ ୩ଟା ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ଉକ୍ତ ଦିନ ଅପରାହ୍ନ ୫ଟା ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମହାନଗର ନିଗମ ସମେତ ୪୭ଟି ପୌର ପରିଷଦ ଓ ୫୯ଟି ଏନଏସିର ମୋଟ ୧୮୯୯ଟି ୱାର୍ଡରେ ଆସନ୍ତା ମାର୍ଚ୍ଚ ୨୪ ତାରିଖରେ ନିର୍ବାଚନ ହେବ। ଏଥିପାଇଁ ମୋଟ ୪୪୭୫ଟି ବୁଥରେ ପ୍ରାୟ ୪୧ ଲକ୍ଷ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ।



### ବିଜେପିକୁ ପୌର ନିର୍ବାଚନ ଚିନ୍ତା

# ପ୍ରଚାର ମଇଦାନକୁ ଓହ୍ଲାଇବେ ଧର୍ମେନ୍ଦ୍ର, ବୈଜୟନ୍ତ, ସମ୍ବିତ

**ଭୁବନେଶ୍ୱର :** ପଞ୍ଚାୟତ ନିର୍ବାଚନରେ ଶୋଚନୀୟ ପରାଜୟ ପରେ ନିଜର ସମ୍ମାନ ରକ୍ଷା ପାଇଁ ରାଜ୍ୟ ବିଜେପି ଏବେ ଜୋରଦାର ରଣନୀତି ସହ ନିଜ ଦଳର ହେଭିୱେଟ୍ ନେତାଙ୍କୁ ପୌର ନିର୍ବାଚନର ପ୍ରଚାର ମଇଦାନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଓ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଚଳିତ ପୌର ନିର୍ବାଚନରେ ଦଳ ପାଇଁ ପ୍ରଚାର କରିବେ ବୋଲି ରାଜ୍ୟ ବିଜେପି ସୂଚନା ଦେଇଛି। ରାଜ୍ୟ ବିଜେପି ମୁଖପାତ୍ର ସୁରଥ ବିଶ୍ୱାଳ ଆଜି ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଅନ୍ୟ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ଓଡ଼ିଶାର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବୈଜୟନ୍ତ ପଣ୍ଡା ଓ ସମ୍ବିତ ପାତ୍ର ଚଳିତ ପୌର ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ। ୨-୩ଦିନ ମଧ୍ୟରେ ଏହି ୩ ତୁଙ୍ଗ ନେତାଙ୍କୁ ପୌର ନିର୍ବାଚନ ପ୍ରଚାରରେ ଦେଖିବାକୁ ମିଳିବ। ରାଜ୍ୟରେ ପଂଚାୟତ ନିର୍ବାଚନବେଳେ ଦଳ ପକ୍ଷରୁ ଏହି ନେତାମାନଙ୍କୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଥିବାରୁ ସେମାନେ ଓଡ଼ିଶା ଆସିପାରିନଥିଲେ। ଏବେ ସେମାନେ ନିଜ ଘର ଓଡ଼ିଶା ଆସିବେ ଓ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପୌର ନିର୍ବାଚନରେ ପ୍ରଚାର କରିବେ। ପଞ୍ଚାୟତ ନିର୍ବାଚନରେ ଦଳର ସିଟ୍ ସଂଖ୍ୟା ଅଧିକ ପରିମାଣରେ କମିଛି ସତ କିନ୍ତୁ ଭୋଟ ହାର ସାମାନ୍ୟ ହ୍ରାସ ହୋଇଛି। ଏହାର ଆତ୍ମନିରୀକ୍ଷଣ ଚାଲିଛି। ବରିଷ୍ଠ ନେତାମାନେ ଓଡ଼ିଶା ଆସିଲେ ଏହି ଚର୍ଚ୍ଚା ଓ



ଆଲୋଚନାକୁ ଅଧିକ ତ୍ୱରାନ୍ୱିତ କରାଯିବ ଓ ଦଳ କିଭଳି ଅଧିକ ସଫଳ ହେବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପଞ୍ଚାୟତ ନିର୍ବାଚନରେ ବିଜେପି ଯେଉଁ ଢଙ୍ଗରେ ରାଜ୍ୟରେ ଲଢ଼ିବାର ଆବଶ୍ୟକତା ଥିଲା ସେଭଳି ପ୍ରତିଦ୍ୱନ୍ଦ୍ୱିତା କରିବାରେ ସକ୍ଷମ ନହେବାରୁ ତା'ର ଫଳ ଦଳକୁ ଭୋଗିବାକୁ ପଡ଼ିଛି। ଦଳର ଜିଲ୍ଲା ପରିଷଦ ସିଟ୍ ସଂଖ୍ୟା ୨୯୮ରୁ ୪୨କୁ ହ୍ରାସ ପାଇଥିବାବେଳେ ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେପିର ଭୋଟ ହାର ୩୩% ଓ ୨୦୨୨ରେ ଏହା ୩୦.୦୭%କୁ କମିଛି । ତେବେ ବିଜେପି କୌଣସି ଗୋଟିଏ ବି ଜିଲ୍ଲାରେ ପରିଷଦ ଗଠନ କରିବାକୁ ସକ୍ଷମ ହୋଇପାରିନି । ୧୦ଟି ଜିଲ୍ଲାର ଜିଲ୍ଲା ପରିଷଦରେ ସମ୍ପୂର୍ଣ୍ଣ ମୂଳପୋଛ ହୋଇଯାଇଛି। ୨୦୧୭ରେ ବିଜେପି ୮ଟି ଜିଲ୍ଲାରେ ନିଜର ପରିଷଦ ଗଢ଼ିବାରେ ସକ୍ଷମ ହୋଇଥିଲା। ରାଜ୍ୟର ହେଭିୱେଟ୍ ନେତାମାନେ ଅନ୍ୟ ରାଜ୍ୟର ନିର୍ବାଚନୀ ଦାୟିତ୍ୱରେ ରହିବା ଏବଂ ଦଳର ରାଜ୍ୟ ନେତାମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଓ ଦୁର୍ବଳ ରଣନୀତି ଯୋଗୁ ବିଜେପି ଚଳିତ ପଞ୍ଚାୟତ ନିର୍ବାଚନରେ ଅନୁରୂପ ଫାଇଦା ଉଠାଇ ପାରିବାରେ ସକ୍ଷମ ହୋଇନଥିବା ଜଣାପଡ଼ିଛି। ପଞ୍ଚାୟତ ନିର୍ବାଚନ ଫଳାଫଳ ବିଜେପି କର୍ମୀ ଓ ନେତାଙ୍କ ଉତ୍ସାହକୁ ଫିକା ପଡ଼ିଥିବାରୁ ପୌର ନିର୍ବାଚନରେ ଦଳ ହେଭିୱେଟ୍ ରାଜ୍ୟ ନେତାଙ୍କୁ ପ୍ରଚାର ମଇଦାନକୁ ଓହ୍ଲାଇ ତୃଣମୂଳସ୍ତରର କର୍ମୀ ଓ ନେତାମାନଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି ପାଇଁ ରଣନୀତି ପ୍ରସ୍ତୁତ କରିଥିବା ଚର୍ଚ୍ଚା ହେଉଛି। ତେବେ ଜୁଲାଇ-ଅଗଷ୍ଟ ମାସରେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଜାତୀୟ ରାଜନୀତିରେ ଏନଡିଏ ସରକାର ନିମନ୍ତେ ବିଜେଡିର ସମର୍ଥନ ଆବଶ୍ୟକ ପଡ଼ିବାର ସମ୍ଭାବନା ଥିବାରୁ ଏହି ହେଭିୱେଟ୍ ନେତାମାନେ ଓଡ଼ିଶାରେ ପୌର ନିର୍ବାଚନ ପ୍ରଚାର ସମୟରେ ବିଜେଡି ପ୍ରତି କେଉଁଭଳି ଆଭିମୁଖ୍ୟ ପୋଷଣ କରୁଛନ୍ତି ତା'ଉପରେ ସମସ୍ତଙ୍କ ନଜର ରହିଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୪ - ୨୦ ମାର୍ଚ୍ଚ, ୨୦୨୨

# ନିର୍ବାଚନରେ ନିରପେକ୍ଷତା !

ଜନବହୁଳ ଦେଶ ଭାରତରେ ଗଣତାନ୍ତ୍ରିକ ପଦ୍ଧତିରେ ହେଉଥିବା ନିର୍ବାଚନ ମହତ୍ୱପୂର୍ଣ୍ଣ ହୋଇଥିଲେ ବି ନିର୍ବାଚନରେ ବାସ୍ତବ ନିରପେକ୍ଷତା କେତେ ତାହା ଆଲୋଚନାର ବିଷୟ। କାହିଁକି ନା ନିର୍ବାଚନ ଆସିଲେ ଶାସକ ଦଳ ପ୍ରତି ବିରୋଧୀଙ୍କ ଅଭିଯୋଗ ହୁଏ ଯେ, ନିର୍ବାଚନରେ ସରକାରୀ କର୍ମଚାରୀ ମାନେ ସ୍ୱଚ୍ଛତା ରଖିବା ବଦଳରେ ଶାସକ ଦଳର କର୍ମୀ ଭାବେ ସହଯୋଗ କରୁଛନ୍ତି। ଏହି ଅଭିଯୋଗର ସତ୍ୟତା ଓ ମିଥ୍ୟା ଦିଗଟି କଣ ତାହା ସାଧାରଣଲୋକ ଜାଣନ୍ତି। ନିକଟରେ ପୌର ନିର୍ବାଚନକୁ ନେଇ ମୁଖ୍ୟ ସଚିବ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିରେ ସେ ପୋଲିସ ସମେତ ସରକାରୀ କର୍ମଚାରୀଙ୍କୁ ପୌର ନିର୍ବାଚନରେ ନିରପେକ୍ଷତା ଅବଲମ୍ବନ କରିବାକୁ ସବୁ ବିଭାଗର ସଚିବ, ପୋଲିସ ଡିଜି, ଆରଡିସି, ବିଭାଗୀୟ ମୁଖ୍ୟ,ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି। ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି ଯେ, କୌଣସି ସରକାରୀ କର୍ମଚାରୀ କୌଣସି ରାଜନୈତିକ ଦଳ ପାଇଁ ପ୍ରଚାର କରିବେନି। ସମ୍ପୂର୍ଣ୍ଣ ନିରପେକ୍ଷତା ଅବଲମ୍ବନ କରିବେ। କୌଣସି ଅଧିକାରୀ ତାଙ୍କ ସରକାରୀ ଗାଡି,ସରଞ୍ଜାମ, କର୍ମଚାରୀଙ୍କୁ ନିର୍ବାଚନ କାର୍ଯ୍ୟରେ ବ୍ୟବହାର କରିପାରିବେନି। ସରକାରୀ ଅର୍ଥରେ କୌଣସି ବିଜ୍ଞାପନ ଦିଆଯିବନି। ସେହିପରି ଅପରାଧ ଧାରା ୧୫୩ ଏ,୧୫୩ ବି, ୧୭୧ବି, ୧୭୧ସି, ୧୭୧ଡି ,୧୭୧ଜି, ୧୭୧ଏଚ ଏବଂ ଆଇପିଓର ୫୦୫ ସମ୍ପର୍କିତ ଯେଉଁ ଅପରାଧ ଘଟିବ ସେଗୁଡିକୁ ତୁରନ୍ତ, ନିରପେକ୍ଷ ଭାବେ ଏବଂ ଠିକ ଭାବେ ଠିକ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ସବୁ ସରକାରୀ କର୍ମଚାରୀ ରାଜ୍ୟ ନିର୍ବାଚନ କମିଶନଙ୍କ ଆଦର୍ଶ ଆଚରଣ ବିଧିକୁ ପାଳନ କରିବେ। ଯିଏ ଉଲ୍ଲଂଘନ କରିବେ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଇନ ଠିକ ରହିଥିଲେ ମଧ୍ୟ, କେତେକ କ୍ଷେତ୍ରରେ ନିୟମ ସଠିକ ଭାବେ କାର୍ଯ୍ୟକାରୀ ନହେବା ହେତୁ ବିଡମ୍ବନା ଦେଖାଯାଉଛି। ସମସ୍ତଙ୍କ ପାଇଁ ସମାନ ନିୟମ ଥିଲେ ବି ଏହା ପ୍ରକୃତ ପକ୍ଷେ ପାଳନ ହେଉଛି କି ? ତାହା ହେଉଥିଲେ ଏଭଳି ସମସ୍ୟା ଦେଖାଦିଅନ୍ତାନହିଁ। ବାହାରକୁ ସବୁ ଚିକ୍କଣ ଦିଶିଲେ ବି ବ୍ୟବସ୍ଥାର ବ୍ୟତିକ୍ରମ ହିଁ ସମସ୍ୟାର ମୂଳ କାରଣ। ତେଣୁ ମୂଳ ସମସ୍ୟା ଖୋଜି ନିରାକରଣ କରିବା ପରିବର୍ତ୍ତେ ଯେତେବେଳେ ଗୋଟେ ସରକାର କେବଳ ଶାସନ କ୍ଷମତାରେ ରହିବା ପାଇଁ ବିଭିନ୍ନ ପ୍ରକାର କୌଶଳ ଅବଲମ୍ବନ କରେ ଏଥିରେ ଆଉ ଗଣତାନ୍ତ୍ରିକ ମୂଲ୍ୟବୋଧ ନଥାଏ। କାରଣ କ୍ଷମତା ଦଖଲ ଏକ ନିଶା ବା ଅହଂକାର ଭଳି ମଣିଷକୁ ଅନ୍ଧ କରିପାରେ। ବିଭିନ୍ନ ଦିଗରୁ ଏ ବିଷୟ ଅନୁଶୀଳନ କଲେ ଜଣାପଡେ ଯେ, ରାଜତନ୍ତ୍ର ଭଳି ଆଜିର ଗଣତନ୍ତ୍ର ସମାନ ଢଙ୍ଗରେ କାର୍ଯ୍ୟ କରୁଛି। ଦେଶର କୌଣସି ସାଧାରଣ ନାଗରିକ ଇଚ୍ଛା କଲେ ବି ସଂସଦ, ବିଧାନସଭା କିମ୍ବା ସାଧାରଣ ପଂଚାୟତ ନିର୍ବାଚନରେ ଜିତିବା ଅସମ୍ଭବ। ବର୍ତ୍ତମାନର ରାଜନୀତି ପୁଞ୍ଜିପତି ମାନଙ୍କ ଦ୍ୱାରା ନିୟନ୍ତ୍ରଣ କରାଯାଉଛି। ଯେଉଳି ରାଜପୁତ୍ର ରାଜା ହେବ, ଅନ୍ୟ ସବୁ ପ୍ରଜା। ପୁରୁଣା ଜମିଦାରୀ ଶୈଳୀରେ ଗରିବ ଶୋଷିତ, ଧନୀ ଅଧିକ ଧନୀ ହେବାରେ ଲାଗିଛି।

**ସମ୍ପାଦକୀୟ**



**ତାରକ ମହାନ୍ତି**

ଆଜିର ରାଜନୈତିକ ପ୍ରେକ୍ଷାପଟ୍ଟ ଅନୁଶୀଳନ କଲେ ଏ କଥାର ବାସ୍ତବ ଚିତ୍ର ଆଖି ସାମ୍ନାକୁ ଆସିଯିବ। ଜାତିର ପିତା ମହାତ୍ମା ଗାନ୍ଧୀ ଦେଖିଥିବା ଗ୍ରାମ୍ୟ ସ୍ୱରାଜ୍ୟ ଆଜି କର୍ପୋରେଟ ସ୍ୱରାଜ୍ୟ ଭାବେ ନିଜର କାୟା ବିସ୍ତାର କରିଚାଲିଛି। କିଛି ଲୋକ ସରକାର ମାଗଣା ଦେଉଛନ୍ତି ଭାବି ଟଙ୍କା, ସୁନା, ଭାତ, ଚାଉଳ ଯାହା ନେଉଛନ୍ତି, ତାହା ସେମାନଙ୍କ ଦ୍ୱାରା ପ୍ରଦତ୍ତ ଟିକସ ଅର୍ଥ ବୋଲି ଭୁଲିଯାଇଛନ୍ତି। ଯାହାଫଳରେ ଲୋକଙ୍କ ଟଙ୍କା ଲୋକଙ୍କୁ ଦେଇ ନେତା, ଦଳ ବାହାଦୁରୀ ମାରୁଛନ୍ତି। ପୂର୍ବେ ଅଶିକ୍ଷିତ ଥାଇ ଜନତା ଯାହା କରୁଥିଲେ, ଏବେ ଉଚ୍ଚ ଶିକ୍ଷିତ ହୋଇ ଲୋକ ସେଇଆ ହିଁ କରୁଛନ୍ତି। କେବଳ ଦେବା ନେବାର ତରିକା ବଦଳିଯାଇଛି। ସାଆନ୍ତ କହି ମଥାପାତି ଗ୍ରହଣ ବଦଳରେ ବ୍ୟାଙ୍କ ଆକାଉଣ୍ଟ କିମ୍ବା ସଫେଦ ପକେଟରେ ଲାଞ୍ଚ କାରବାର ଚାଲିଛି। ମଦ ବିରୋଧୀ ଆନ୍ଦୋଳନ ନାମକୁମାତ୍ର ଚାଲିଥିଲାବେଳେ ଅଧିକ ସଂଖ୍ୟକ ମଦ ଦୋକାନ ଖୋଲାଯାଉଛି। ଏଭଳି ଅନୁମତି ଦେଉଛି କିଏ ?

ସେହି ସରକାର ବା ଶାସନ କ୍ଷମତାରେ ଥିବା ଦଳ ହିଁ ଏଇଆ କରୁଛି। ଲୋକ ଯେତେ ଅଧିକ ମଦ ପିଇବେ ସେତେ ଅଧିକ ଟିକସ ରାଜକୋଷକୁ ଆସିବ, ପୁଣି ସେଇ ଟଙ୍କା ଲୋକଙ୍କୁ ଦାନ ଆକାରରେ ପ୍ରଦାନ କରିବେ ସରକାର। ଏଥିରେ ଜନତା ଖୁସ, ନେତା ବି ଖୁସ। ଏଇୟା ତେବେ ଆମ ଗଣତନ୍ତ୍ର ! ତେଣୁ ଗଣତନ୍ତ୍ର କିଭଳି ପ୍ରାସଙ୍ଗିକତା ରଖୁଛି, ସେ ଦିଗରେ ଦେଶର ବୁଦ୍ଧିଜୀବୀ ନିରବ। କେବଳ ନିଜ ସ୍ୱାର୍ଥ ହାସଲ ହୋଇଗଲେ କଥା ଶେଷ। ଯେଉଁମାନେ କିଛି ହାସଲ ନକରି ସରକାର ବିରୋଧୀ ସ୍ୱର ଉଠାଉଛନ୍ତି, ସେମାନଙ୍କୁ ଅକଥନୀୟ ଅତ୍ୟାଚାରର ଶିକାର ହେବାକୁ ପଡୁଛି। ନାରଦ ରୂପୀ ସାମ୍ବାଦିକ ସତ ଜାଣୁଥିଲେ ବି ପରିପ୍ରକାଶ କରିବା ନିମନ୍ତେ ସାହସ ଜୁଟାଇ ପାରୁନାହାନ୍ତି। ଏହାର ବିଭିନ୍ନ କାରଣ ମଧ୍ୟ ରହିଛି। ଆଗରୁ ସାମ୍ବାଦିକତା ଅବୈତନିକ ଥିଲାବେଳେ ଏବେ ଏଥିପାଇଁ ପ୍ରକାଶନ ସଂସ୍ଥା ପ୍ରଚୁର ଅର୍ଥ ବ୍ୟୟ କରୁଛନ୍ତି। ତେଣୁ ପ୍ରଚୁର ଅର୍ଥ ବିନିମୟରେ କେହି କେବେ ନିଜ ପାଇଁ ବିପଦ କିଣିବାକୁ ଚାହିଁବ କି ? ଅନ୍ୟପକ୍ଷରେ ପୌର ନିର୍ବାଚନରେ ପ୍ରାର୍ଥୀମାନଙ୍କ ଖର୍ଚ୍ଚ ଉପରେ ନଜର ରଖିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ଅର୍ଥ ସେବାର ବରିଷ୍ଠ ଅଧିକାରୀଙ୍କୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଏଥିପାଇଁ ସେମାନଙ୍କର ଏକ ତାଲିମ କାର୍ଯ୍ୟକ୍ରମ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ତାଲିମ ନେଇଥିବା ଅଧିକାରୀମାନେ ଦାୟିତ୍ୱରେ ଥିବା ଜିଲ୍ଲା ଗସ୍ତ କରି କାମ କରି ପ୍ରାର୍ଥୀମାନଙ୍କ ଖର୍ଚ୍ଚ ସବୁକୁ ପ୍ରାର୍ଥୀଓ୍ୱାରୀ ରେଜିଷ୍ଟରରେ ଲିପିବଦ୍ଧ କରିବ। ନିର୍ବାଚନ କମିଶନଙ୍କ ଦ୍ୱାରା ଧାର୍ଯ୍ୟ ନିର୍ବାଚନ ଖର୍ଚ୍ଚ ଓ ଗାଡି ଠାରୁ ଅଧିକ ଖର୍ଚ୍ଚ ବା ଗାଡି ବ୍ୟବହାର କରିବା ନଜରକୁ ଆସିଲେ ସାଧାରଣ ପର୍ଯ୍ୟବେକ୍ଷକ ଏବଂ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଯୋଗସୂତ୍ର ରକ୍ଷା କରି କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା କରିବାକୁ କୁହାଯାଇଛି। ହେଲେ ବାସ୍ତବରେ ଏଭଳି ନିୟମ କେତେଜଣ ପ୍ରାର୍ଥୀ ପାଳନ କରୁଛନ୍ତି ତାହା ଦେଖିବାର କଥା। ନଚେତ ନିର୍ଦ୍ଦେଶ ଓ କଟକଣା ଗୋଟେ ଆଡେ ଏବଂ ପ୍ରାର୍ଥୀ ମାନଙ୍କର ବାସ୍ତବ ଖର୍ଚ୍ଚ ଭିନ୍ନ। ନିର୍ବାଚନରେ ସ୍ୱଚ୍ଛତା ଆଣିବା ପାଇଁ ଯେତେଗୁଡିଏ ପଦକ୍ଷେପ ନିଆଯାଉଛି ତାହା ଶୁଣିବାକୁ ବା ଜାଣିବା ପାଇଁ ଭଲ ଲାଗୁଥିଲେ ମଧ୍ୟ ପ୍ରକୃତରେ ଏଭଳି କିଛି ହେଉଥିବା ସାଧାରଣ ଲୋକ ଦେଖିପାରନ୍ତି ନାହିଁ। ନିର୍ବାଚନ ବୈତରଣୀ ପାର ହେବା ପାଇଁ ପ୍ରାର୍ଥୀମାନେ ଯେକୌଣସି ସ୍ତରକୁ ଓହ୍ଲାଇ ନିଜ ନିଜର ସ୍ୱତନ୍ତ୍ର ରଣକୌଶଳ ଦ୍ୱାରା ଭୋଟରଙ୍କୁ ପ୍ରଭାବିତ କରିଚାଲୁଛନ୍ତି। ଏଥିରେ ନିୟମଠାରୁ ଯଥେଷ୍ଟ ଅଧିକ ଅର୍ଥ ବ୍ୟୟ କରାଯାଉଥିଲା ବେଳେ ତାହାର ପ୍ରକୃତ ହିସାବ ଭୋଟ ପରେ ସାଧାରଣ ଲୋକଙ୍କ ଦୃଷ୍ଟିଗୋଚର ହୋଇନଥାଏ। ତେଣୁ ପ୍ରକୃତରେ ସରକାର ଯଦି ନିର୍ବାଚନରେ ସ୍ୱଚ୍ଛତା ଆଣିବାକୁ ଇଚ୍ଛା କରୁଛନ୍ତି ସମୟ ଅନୁସାରେ କଡା ପଦକ୍ଷେପ ନେବା ମଧ୍ୟ ଜରୁରୀ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଦୁଇ ମାସରେ ଦୁଇଟି ଜିହାଦ



**ସୌମେନ୍ଦ୍ର ଜେନା**

ଗତ କିଛିଦିନ ତଳେ ଏକ ଖବର ଓଡିଶାରେ ସମସ୍ତଙ୍କ ଦୃଷ୍ଟିକୁ ଆକର୍ଷିତ କରିଥିଲା । ତା ହେଲା ମାଲିକାର ବିଷୟକୁ ନେଇ କାର୍ଯ୍ୟକ୍ରମ କରୁଥିବା ଏକ ୟୁଟ୍ୟୁବରଙ୍କୁ ବଙ୍ଗଳାଦେଶରୁ ହତ୍ୟା ଧମକ ମିଳିବା । ଏ ପ୍ରକାର ଧମକ ଏବଂ ଏ ପ୍ରକାର ଟାର୍ଗେଟ ଦେଶରେ କିଛି ନୂଆ ନୁହେଁ ସତ, କିନ୍ତୁ ଓଡିଶାରେ ନୂଆ ସତ । କ୍ରମବର୍ଦ୍ଧିଷ୍ଣୁ ବଙ୍ଗଳାଦେଶୀ ଜନସଂଖ୍ୟା, ସନ୍ତ୍ରାସବାଦୀମାନଙ୍କ ସହ ସେମାନଙ୍କ ସଂପର୍କ, ରାଜ୍ୟରେ ସେମାନଙ୍କ କାର୍ଯ୍ୟକଳାପ ଏହାର ପ୍ରମାଣ । ଅତୀତ ଦିନମାନଙ୍କରେ ସାଲେପୁର ଅଞ୍ଚଳରୁ ସନ୍ତ୍ରାସ ଶିକ୍ଷା ଦେଉଥିବା ଜଣକୁ ଗିରଫ କରାଯିବା, ରାଉରକେଲାରେ ୪ ଆତଙ୍କବାଦୀ ଲୁଚି ରହିବା ପରେ ଗିରଫ ହେବା ଘଟଣା ସବୁ ଏହି ଧାରାର ଗୋଟିଏ ଗୋଟିଏ ସୋପାନ । ଇସଲାମିକ ଆତଙ୍କବାଦ ଦେଶରେ ଶାନ୍ତିକୁ ନଷ୍ଟ କରିବା ପାଇଁ କିପରି ଭୂତାଣୁ ପରି କାର୍ଯ୍ୟ କରିଚାଲିଛି ସେ ସଂପର୍କରେ ଦୁଇଟି ଘଟଣାକୁ ଦୃଷ୍ଟି ପକାଇଲେ ସମସ୍ତେ ଜାଣିପାରିବେ । ଦୁଇଟିଯାକ ଘଟଣା ଗତ ଦୁଇ ମାସରେ ଘଟିଛି ।

ପ୍ରଥମ ଘଟଣାଟି ଏହିପରି । ଗତ ୨୫ ଜାନୁଆରୀ ୨୦୨୨ରେ ଗୁଜରାଟର ଅହମ୍ମଦାବାଦ ଜିଲ୍ଲା ଅନ୍ତର୍ଗତ ଧାନୁକା ଗ୍ରାମର ଜଣେ ହିନ୍ଦୁ ଯୁବକ କିଷନ ଭରୱାଡଙ୍କୁ ଇସଲାମିକ ଜିହାଦି ଗୋଷ୍ଠୀର ଲୋକେ ଗୁଳିମାରି ହତ୍ୟା କଲେ । ଏହି ମାମଲାର ଅନୁସନ୍ଧାନ କରି ଗୁଜୁରାଟ ସନ୍ତ୍ରାସ ବିରୋଧୀ ପୁଲିସ ୩୦ଜାନୁଆରୀ ଦିନ ଦିଲ୍ଲୀର ମୌଲାନା କମରଗନିକୁ ଗିରଫ କଲେ । ହତ୍ୟାକାଣ୍ଡରେ ସଂପୃକ୍ତ ଅପରାଧୀଙ୍କୁ ଏହି ମୌଲାନା ହତ୍ୟାପାଇଁ ପଠାଇଥିବା ଜଣାପଡିଥିଲା । ପୂର୍ବରୁ ଅସହିଷ୍ଣୁ ମୌଲାନା ଜଣକ ଇସଲାମ ଓ ମୁସଲମାନଙ୍କ ସମାଲୋଚକଙ୍କୁ ହତ୍ୟା କରାଯିବା ଆବଶ୍ୟକ ବୋଲି ସମସ୍ତଙ୍କୁ କହି ଆସୁଥିଲା । ଅପରାଧ ପ୍ରବୃତ୍ତିର ମୌଲାନାମାନେ ମସଜିଦ୍ ଭିତରେ ନିଜ ଧର୍ମାବଲମ୍ବୀମାନଙ୍କୁ ହତ୍ୟାର ପାଠପଢାଇବା କିପରି ଭୟଙ୍କର ତାହା ଏଥିରୁ ଅନୁମାନ କରାଯାଇପାରେ । ଦିଲ୍ଲୀର ଏହି ମୌଲାନାକୁ ଗିରଫ କରାଯିବା ପରେ ତାର ମୋବାଇଲରୁ ଅହମ୍ମଦାବାଦର ମୌଲାନା ଅୟୁବର ସୂଚନା ମିଳିଲା , ଯିଏକି ହତ୍ୟାକାରୀମାନଙ୍କୁ ବନ୍ଧୁକ ଯୋଗାଇଥିଲା । ଏହି ମାମଲାରେ ଉତ୍ତର ପ୍ରଦେଶର ଏଟିଏସ୍, ତେଲେଙ୍ଗାନା ପୁଲିସ ମଧ୍ୟ ସାମିଲ ହୋଇ ଅନୁସନ୍ଧାନ ଚଳାଇ ଆଗାମୀ ଦିନରେ ହତ୍ୟା କରିବା ଲାଗି ୨୬ଜଣଙ୍କ ନାମ ତାଲିକାକୁ ଜବତ କଲେ । ସେହି ତାଲିକା ମୋବାଇଲ ଫୋନ୍ ମଧ୍ୟରେ ରଖାଯାଇଥିଲା । ତାଲିକାରେ ଯେଉଁମାନଙ୍କୁ ଟାର୍ଗେଟରେ ରଖାଯାଇଥିଲା ସେମାନେ ସମସ୍ତେ ଜଣାଶୁଣା ୟୁଟ୍ୟୁବର । ସେମାନଙ୍କର ଲକ୍ଷଲକ୍ଷ ସଂଖ୍ୟକ ନିୟମିତ ଦର୍ଶକ ରହିଛନ୍ତି, ସେମାନଙ୍କ କାର୍ଯ୍ୟକ୍ରମ ଦେଖୁଛନ୍ତି । ହତ୍ୟା ହେବାକୁ ଥିବା ତାଲିକାରେ ଯେଉଁମାନଙ୍କ ନାମ ଥିଲା ସେମାନଙ୍କ ମଧ୍ୟରୁ ୧୦ଜଣ ହେଲେ ବିଏସ୍ ପଟେଲ, ପଙ୍କଜ ଆର୍ଯ୍ୟ, ପୁଷ୍ପେନ୍ଦ୍ର କୁଳଶ୍ରେଷ୍ଠ, ମହେନ୍ଦ୍ର ପାଲ ଆର୍ଯ୍ୟ, ରାହୁଳ ଆର୍ଯ୍ୟ, ରାଧେଶ୍ୟାମ ଆର୍ଯ୍ୟ, ଉପଦେଶ ରାଣା, ଉପାସନା ଆର୍ଯ୍ୟ,ସଜନ ଓଡେଦରା ଏବଂ ଆରଏସ୍ଏନ୍ ସିଂହ । କିଷନ ଭରୱାଡ ହତ୍ୟାକାଣ୍ଡରେ ଦେଶର ଭିନ୍ନ ଭିନ୍ନ ସ୍ଥାନରୁ ୬ଜଣ ମୌଲାନାଙ୍କ ସମେତ ମୋଟ ୧୦ଜଣଙ୍କୁ ପୁଲିସ ଗିରଫ କରିସାରିଛି । ଏହାଛଡା ଯେଉଁ ପ୍ରସିଦ୍ଧ ଧର୍ମଗୁରୁ ଓ ବକ୍ତାଙ୍କ ନାମ ଏଥିରେ ରହିଛି ସେମାନଙ୍କ ମଧ୍ୟରେ ଗାଜିଆବାଦର ଡସନା ମନ୍ଦିରର ଯତି ନରସିଂହାନନ୍ଦ ଏବଂ ଜିତେନ୍ଦ୍ର ନାରାୟଣ ତ୍ୟାଗୀ ଯିଏକି ପୂର୍ବରୁ ଓ୍ୱସିମ ରିଜ୍ଭି ନାମରେ ପରିଚିତ ଥିଲେ । ଏହି ମାମଲାର ଅନୁସନ୍ଧାନ କରାଯିବା ପରେ ପାକିସ୍ତାନର ମୌଲବାଦୀ ସଂଗଠନ ଦାଓ୍ୱତେ -ଏ- ଇସଲାମୀର ଦୁଇହଜାରରୁ ଅଧିକ ଦାନପାତ୍ର ଅହମ୍ମଦାବାଦରୁ ମିଳିଲା । ଏହି ପାତ୍ରରୁ ସଂଗୃହୀତ ଅର୍ଥକୁ ପାକିସ୍ଥାନକୁ ନିୟମିତ ପଠାଯାଉଥିଲା । ପାକ୍ ସଂଗଠନ ଉକ୍ତ ସଂଗୃହୀତ ଅର୍ଥରୁ କିଛି ଅଂଶ ଦୁବାଇ ବାଟ ଦେଇ ଭାରତର ମୁସଲିମ ଯୁବକଙ୍କୁ ସନ୍ତ୍ରାସୀ, ମୌଳବାଦୀ ହେବାଲାଗି ପଠାଉଥିଲା । କିଷନ ଭରୱାଡ ହତ୍ୟାକାଣ୍ଡରେ ସଂପୃକ୍ତ ଅଭିଯୁକ୍ତ ମୌଲାନା ଉସମାନୀ ଦାଓ୍ୱତେ-ଏ- ଇସଲାମୀ ସହ ସଂପର୍କ ରଖିଥିବା ଜଣାପଡିଛି । ଅହମ୍ମଦାବାଦର ଜମାଲପୁରାସ୍ଥିତ ହୋଟେଲ ରିୟାଜ ନିକଟରେ ଥିବା ମୌଲାନା ଅୟୁବର ମସଜିଦ୍‌ରୁ ହିନ୍ଦୀ ଓ ଗୁଜୁରାଟୀରେ ଲିଖିତ ପୁସ୍ତକ ଜଜବା-ଏ-ସହାଦତ୍ ଶୀର୍ଷକ ଏକ ମୌଳବାଦୀ ବିଚାରର ପୁସ୍ତକକୁ ପୁଲିସ ଜବତ କରିଛି । ଏହି ପୁସ୍ତକ କିଷନ ଭରୱାଡର ହତ୍ୟାକାରୀଙ୍କୁ ପଢିବାକୁ ମୌଲାନା ଦେଇଥିଲା । ସେଥିରେ ଜିହାଦ ପାଇଁ ଜୀବନ ଦେବାକୁ ଧର୍ମରେ ଉଲ୍ଲେଖଥିବା ନେଇ ହିଂସା ପ୍ରଧାନ କାର୍ଯ୍ୟ ପାଇଁ ଉତ୍ତେଜନା ସୃଷ୍ଟିକାରୀ ବର୍ଣ୍ଣନା ରହିଥିଲା । ଅୟୁବ ପାଖରୁ ଏକ ଏୟାରଗନ ଜବତ ହୋଇଥିଲା, ଯାହାକୁ ସେ ଗୁଳିଚାଳନା ଅଭ୍ୟାସ ପାଇଁ ବ୍ୟବହାର କରୁଥିଲା । ଏଥିରେ ସେ ଯୁବକମାନଙ୍କୁ ମଧ୍ୟ ଶିକ୍ଷା ଦେଉଥିଲା । ଅଭିଯୁକ୍ତ ହତ୍ୟାକାରୀ ସବୀର ଏବଂ ଇମତିଆଜ ପଠାନକୁ ମଧ୍ୟ ମୌଲାନା ବନ୍ଧୁକ ଶିକ୍ଷା ଦେଇଥିଲା । ଏହି ହତ୍ୟାକାଣ୍ଡ ବିରୋଧରେ ଗୁଜରାଟର ଅନେକ ସହରରେ ହିନ୍ଦୁ ସଂଗଠନମାନଙ୍କ ଦ୍ୱାରା ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା । ସୁରଟ, ଗାନ୍ଧିନଗର, ଟଙ୍କାରା ଜେତପୁର, ମୋରବୀ, ପୋରବନ୍ଦର, ରାଜୁଲା, ମହୁଆ, ଦୀସା, ସିଦ୍ଧପୁର, କିର୍ଜନ, ଦଭୋଇ ପାଦରା ଆଦି ସହରରେ ବନ୍ଦ ପାଳିତ ହୋଇଥିଲା । ଏଟିଏସ୍ ପକ୍ଷରୁ ଜମାଲପୁର ମସଜିଦକୁ ଯାଞ୍ଚ କଲା ପରେ ସେଠାରୁ ଅସ୍ତ୍ରଶସ୍ତ୍ର ମିଳିଥିଲା । ତେବେ ମୋରବୀରୁ ଗିରଫ ହୋଇଥିବା ଅଜିମ ଏବଂ ତାର ଭାଇ ଓ୍ୱସିମ ସମା ବନ୍ଧୁକ ଏବଂ ଗୁଳି ନେଇ ହତ୍ୟାକାରୀକୁ ଦେଇଥିଲେ । କିଷନ ପୂର୍ବରୁ ପୋରବନ୍ଦରର ସାଜନ ଓଡେଦରାଙ୍କୁ ହତ୍ୟା କରିବାକୁ ଷଡଯନ୍ତ୍ର ହୋଇଥିଲା । ସେହି ଉଦ୍ଦେଶ୍ୟରେ ମୌଲାନା ଅୟୁବ ଏବଂ ସବୀର ଦୁଇଦିନ ଧରି ପୋରବନ୍ଦରଠାରେ ସାଜନଙ୍କୁ ହତ୍ୟା କରିବାକୁ ଅପେକ୍ଷା କରିବା ସତ୍ତ୍ୱେ ତାଙ୍କ ସହ ସେମାନଙ୍କ ସାକ୍ଷାତ ହୋଇପାରିନଥିଲା । ମୌଲାନା ଅୟୁବର ଘର ଯାଞ୍ଚ ପାଇଁ ପୁଲିସ ଗଲାବେଳେ ତା ସ୍ତ୍ରୀ ଏବଂ ଦୁଇ ପିଲା ଘରେ ତାଲା ପକାଇ ଫେରାର ହୋଇଯାଇଥିବା ଜଣାପଡିଲା । ୬ ଜାନୁଆରୀ ଦିନ କିଷନ ଏକ ଭିଡିଓରେ ଶ୍ରୀକୃଷ୍ଣଙ୍କୁ ମହମ୍ମଦ ଏବଂ ଯୀଶୁଙ୍କଠାରୁ ଶ୍ରେଷ୍ଠ ବୋଲି ଉଲ୍ଲେଖକରି ପୋଷ୍ଟ କରିଥିଲେ । ଯାହାକୁ ନେଇ ମୁସଲିମ ଲୋକେ ଅଭିଯୋଗ କରିବାରୁ କିଷନଙ୍କୁ ଗିରଫ କରାଯାଇ କ୍ଷମାପ୍ରାର୍ଥନା ପରେ ପୁଲିସ ଛାଡିଦେଇଥିଲା । ଏହା ଥିଲା ହତ୍ୟାର ୮ ଦିନ ପୂର୍ବର ଘଟଣା । ତେବେ ପୁଲିସ ହାଜତରୁ ବାହାରିବା ପରେ ୨୫ ଜାନୁଆରୀ ସକାଳ ୫ଟା ୩୦ ମିନିଟରେ କିଷନ ନିଜ ଘରୁ ବାହାରିଲା କ୍ଷଣି ମୋଟର ସାଇକେଲରେ ଥିବା ଦୁଇଜଣ ଅଭିଯୁକ୍ତ ତାଙ୍କ ଉପରକୁ ଗୁଳି ଚଳାଇ ଖସି ଚାଲିଯାଇଥିଲେ ।

ଗୁଜରାଟ ପୁଲିସର ଏଟିଏସ୍ ଅନୁସନ୍ଧାନ କରି ଏହି ଘଟଣାରେ ସଂପୃକ୍ତ ନୂଆଦିଲ୍ଲୀର ଦରିୟାଗଞ୍ଜରୁ ମୌଲାନା କମର ଗନିକୁ ଗିରଫ କଲେ । ସେ ତେହେରିକ ଫାରୋବା-ଇ-ଇସଲାମୀ ନାମରେ ଏକ ମୌଳବାଦୀ ସଂଗଠନ ଚଳାଇଥିବା ଜଣାପଡିଛି । ଏହି ସଂଗଠନ ପକ୍ଷରୁ ଅତୀତରେ ଇସଲାମକୁ ବିରୋଧ କରୁଥିବା ଲୋକମାନଙ୍କୁ ମୁସଲିମ ଯୁବକମାନେ ହତ୍ୟା କରିବା ଦରକାର ବୋଲି ଉଲ୍ଲେଖ କରି ଭିଡିଓ ପ୍ରସାରିତ ହୋଇଥିଲା । ହତ୍ୟାକାରୀକୁ ବନ୍ଧୁର ପାଇବାରେ ସହାୟତା କରିବା,ନିଜ ପାଖରେ ଅପରାଧୀକୁ ଲୁଚାଇ ରଖିବା ଅଭିଯୋଗରେ ରଜୀମ ସେତା, ହୁସେନ ଖତ୍ରୀ ଏବଂ ମାଟିନ ମୋଡାନକୁ ପୁଲିସ ଗିରଫ କରିଥିଲା । ୧୬ ଫେବୃଆରୀ ଦିନ ପୁଲିସ ମୌଲାନା କମରକୁ ବିଚାର ବିଭାଗୀୟ ହାଜତକୁ ପଠାଇଥିଲେ । ହତ୍ୟାକାରୀ ସବୀର ଓ ମୌଲାନା ଅୟୁବ ମଧ୍ୟରେ ଜୁନ୍୨୦୨୧ରୁ ଜାନୁଆରୀ ୨୦୨୨ମଧ୍ୟରେ ୩୫ଥର କଥାବାର୍ତ୍ତା ହୋଇଥିବା ଏବଂ ସବୀର ସହ ମୌଲାନା ଗନିର ଜୁନ-ସେପ୍ଟେମ୍ବର ୨୦୨୧ ମଧ୍ୟରେ ୧୦ଥର କଥାହେବା କଲ ଡିଟେଲ ରେକର୍ଡସରୁ ମିଳିଛି ।

ନିକଟରେ କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରଠାରୁ ୨୭୦ କିମି ଦୂର ଶିବମୋଗା ଜିଲ୍ଲା ଅନ୍ତର୍ଗତ ସିଗେହଟୀଠାରେ ହର୍ଷା ନାମକ ଜଣେ ୨୬ବର୍ଷୀୟ ହିନ୍ଦୁ ଯୁବକକୁ ସମାନ ଢଙ୍ଗରେ କାମାତ ପେଟ୍ରୋଲ ପମ୍ପଠାରେ ରାତି ୯ ଟା ୩୦ମିନିଟରେ ଗୁଳିକରି ହତ୍ୟା କରାଯାଇଥିଲା । ୩୧ ଡିସେମ୍ବର ୨୦୧୫ରେ "ମାଙ୍ଗାଲୋର ମୁସଲିମ"ନାମକ ଏକ ଫେସବୁକ୍ ପେଜରେ ପୂର୍ବରୁ ହର୍ଷାକୁ ହତ୍ୟା ଧମକ ମିଳିଥିଲା । 'କାରାବଲୀ ମୁସଲିମ' ଫେସବୁକ୍ ପୃଷ୍ଠାରେ ସେହି ଧମକକୁ ୩୧ ଡିସେମ୍ବର ୨୦୧୫ରେ ସେୟାର କରାଯାଇଥିଲା । ୩ ଜାନୁଆରୀ ୨୦୧୬ରେ ସିମୋଗାସ ମୁସଲିମର ଫେସବୁକ୍‌ରେ ମଧ୍ୟ ସେହିପରି ଏକ ବାର୍ତ୍ତାକୁ ପ୍ରସାରିତ କରାଯାଇଥିଲା । ଜିହାଦ ସମର୍ଥକମାନେ ହର୍ଷାଙ୍କ ହତ୍ୟା ଘଟଣାରେ ଖୁସି ହୋଇ ଧନ୍ୟବାଦ ଜଣାଇ ବାର୍ତ୍ତା ମଧ୍ୟ ଦେଇଥିଲେ । ହର୍ଷା ହତ୍ୟାକାଣ୍ଡ ଘଟଣାରେ ଅନୁସନ୍ଧାନ ଚଳାଇ ପୁଲିସ ମହମ୍ମଦ କାସିଫ, ସୟଦ ନଦୀମ, ଅସିଫୁଲ୍ଲା ଖାଁ, ରେହାନ ଖାଁ, ନେହାଲ ଏବଂ ଅବଦୁଲ ଆଫଗାନକୁ ଗିରଫ କରିଛି । କର୍ଣ୍ଣାଟକର ଉଡୁପିଠାରେ ହିଜାବ ବିତର୍କ ସୃଷ୍ଟି ହୋଇଥିଲା ବେଳେ ଜିହାଦିଙ୍କ ଏହି ହତ୍ୟାକାଣ୍ଡରୁ ସମଗ୍ର ଦେଶରେ ସଂଗଠିତ ଭାବେ ହିନ୍ଦୁ ହତ୍ୟାପାଇଁ ଜିହାଦି ଗୋଷ୍ଠୀ କାର୍ଯ୍ୟ କରୁଥିବା ବେଶ୍ ସ୍ପଷ୍ଟ ହୋଇଛି । ତେଣୁ ଓଡିଶାରେ ଏମାନଙ୍କ ଭୂମିକାକୁ ନେଇ ପୁଲିସ ଏବେଠାରୁ ଅନୁସନ୍ଧାନ କରିବା ଦରକାର । କାରଣ ରାଜ୍ୟର ମହାନଗରୀଠାରେ ବସ୍ତି, ସହରତଳି ଏବଂ ଷ୍ଟେସନ ନିକଟସ୍ଥ ଅଞ୍ଚଳରେ ଅଧିକରୁ ଅଧିକ ଅପରାଧୀମାନେ ଆଡ୍ଡା ଜମାଇବାରେ ଲାଗିଛନ୍ତି । ଏମାନେ ନିଶା କାରବାର, ଦେହ ବ୍ୟବସାୟ, ଯାନବାହନ ଚୋରୀ, ବାସଗୃହ ଓ ଦୋକାନ ଚୋରୀରେ ସାମିଲ ରହୁଛନ୍ତି । ପୌର ନିର୍ବାଚନ ବେଳେ ଏମାନଙ୍କୁ ଭିନ୍ନ ଭିନ୍ନ ଦଳୀୟ ଲୋକେ ଉପଯୋଗ କରିବାର ଆଶଙ୍କା ରହିଛି । ରାଜ୍ୟ ବାହାରର ଲୋକଙ୍କ ସହ ସାମିଲ ହୋଇ ଏମାନେ ଜିହାଦି କାର୍ଯ୍ୟରେ ସାମିଲ ହେବା କିଛି ବଡ କଥା ନୁହେଁ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ବିଶ୍ୱ ଦେଖ ମଧୁମୟ

**କିଶୋର ମହାନ୍ତି**

ଜୀବନ ପରି ଜୀବନ ନେଇ ବଂଚିବା ସ୍ୱପ୍ନ ସାର୍ଥକ ହୁଏ ଏହି ସସାଗରା ପୃଥିବୀରେ । ପୃଥିବୀଠାରୁ ଆଉ ସୁନ୍ଦର ତଥା ମନୋରମ ସୁରକ୍ଷିତ ଆଶ୍ରୟସ୍ଥଳ ଆଉ ସତରେ କାହିଁ । କେଉଁ ମନ୍ୱନ୍ତର କାଳରୁ ଏ ଜନବସତି । ପୁରାତନ ପ୍ରସ୍ତର ଯୁଗରୁ ଡ଼େଇଁ ଡ଼େଇଁ ଆସି ମଣିଷ ଆଜି ଏ ପ୍ରଜ୍ଞାଦୀପ୍ତ ପୃଥିବୀରେ କେହି କ'ଣ ବିଶ୍ୱାସ କରିପାରିବେ । ସମୟ ସହିତ ତାଳ ଦେଇ ଆଗେଇ ଚାଲିଛି ଜୀବନ ଜଗତ, ପ୍ରାଣୀ ସକଳ, ବୃକ୍ଷଲତା । ସେହିଗୁଡ଼ିକ ମଣିଷକୁ ବଂଚାଇ ଅଶେଷ ସାହାଯ୍ୟ ଦେଇଛନ୍ତି । ବିଶ୍ୱ ହେଉଛି ବଂଚିବା ପାଇଁ ଶ୍ରେଷ୍ଠ ଆଶ୍ରୟସ୍ଥଳ । ତା ଠାରୁ ଅଧିକ ପ୍ରାଣସତା କେଉଁଠି ବା ଜୀବନ ଧାରଣ କରିପାରିବ । ବଂଚିବା ପାଇଁ କେତେ ପାଣି, ପବନ, ଆଲୋକର ଦରକାର ତାହା ହିଁ ଏହିଠୁ ମିଳେ । କେତେ ସୂର୍ଯ୍ୟକିରଣ ଆମେ ଲୋଡୁଛେ - କେତେ ଆଲୋକ ବ୍ୟବହାର କରୁଛେ ତାହାତ ଏ ପୃଥିବୀର । ପୃଥିବୀ ନଥିଲେ ସୂର୍ଯ୍ୟ, ଚନ୍ଦ୍ର ଆତଯାତ ହେଉଥାନ୍ତେ କି ? ଆମେ ତାକୁ ଦେଖି ପାରିଥାନ୍ତେ କି ? ଚନ୍ଦ୍ର କେତେ ଶୀତଳ ଛାୟା ପ୍ରଦାନ କରି ଆମ ମନ ଆଉ ଦେହକୁ ଶୀତଳେଇ ଦେଇ, କେତେ ଜ୍ୟୋତ୍ସ୍ନା ବିଧୌତ ରଜନୀ ଆମ ମନକୁ ଉତ୍‌ଫୁଲିତ କରିଦିଏ । କହିବାକୁ ଗଲେ ଏ ବିଶ୍ୱ ସହିତ ଆମର ସଂପୃକ୍ତି ଖୁବ୍ ଗଭୀରତମ । ଦର୍ଶନ କହେ ବିଶ୍ୱ ଓ ଆମେ ଅଭିନ୍ନାତ୍ମା ଅଟୁ, ଆତ୍ମୀୟତା ଡ଼ୋରିରେ ଏ ବିଶ୍ୱ ପ୍ରକୃତି ଆମ ସହିତ ଛନ୍ଦି ହୋଇ ରହିଛି । ବିଶ୍ୱରୁ ଆମେ ଯେ ଅନାବିଳ ବାତ୍ସଲ୍ୟ ମମତା ପାଉ ତାହାର ତୁଳନା ନାହିଁ । ତେଣୁ ମା ଭିତରେ ସେଇ ଆତ୍ମୀୟତା ଭରି ରହିଛି - ପୃଥିବୀ ପରି ମା ମଧ୍ୟ ସର୍ବଂସହା ।

ଆମ ବଂଚି ରହିବାକୁ ଆହୁରି ମନୋଜ୍ଞ ଆଉ ନୈସର୍ଗିକ କରିବା ପାଇଁ ଭରି ଦେଇଛି ବିଶାଳ ସାଗର । ମାଳମାଳ ଅରଣ୍ୟାନୀ, ସୁଉଚ୍ଚ ପର୍ବତ, ଘଂଚ ଦିଗନ୍ତ ବିସ୍ତାରି ଘଂଚ ଜଙ୍ଗଲ । ଏପରି ଶୋଭନୀୟ ପ୍ରକୃତିର ଅଫୁରନ୍ତ ସୌନ୍ଦର୍ଯ୍ୟରେ ପ୍ରତିଟି ମଣିଷ ସତରେ ଆତ୍ମହରା ହୋଇ ଉଠେ । ବିଶ୍ୱରେ ଭରି ରହିଥିବା ପ୍ରକୃତିର ଅପୂର୍ବ ରୂପଚିତ୍ର ମଣିଷର ମନକୁ ବହୁ ରଙ୍ଗରେ ରଙ୍ଗାୟିତ କରିଦିଏ । ଏକଥା ମଧ୍ୟ ଆମକୁ ସ୍ୱୀକାର କରିବାକୁ ହେବ ଯେ-

''ଧନ୍ୟ ଜୀବନ ତା ଜଗତେ
ଯେ ପ୍ରାଣଧରେ ପ୍ରାଣୀ ହିତେ...''

ସେଇଠୁ ଆମେ ଶକ୍ତି, ଶାନ୍ତି, ଆଲୋକ ଓ ପ୍ରଜ୍ଞା ପାଇଥାଉ । ଏହା ଆମ ବ୍ୟକ୍ତିତ୍ୱକୁ ପରିପୁଷ୍ଟ କରେ । ଅସଂଖ୍ୟ ପ୍ରବାହିତ ନଦୀ ହିଁ ଜଳଦାନ କରେ - ସେ ଭେଦଭାବ ସୃଷ୍ଟି କରେନା । ନଦୀର ଜାତି ନଥାଏ - ଧର୍ମ ଓ ଅପାର କୃପାକୁ ପାଥେୟ କରି ମରିଷକୁ ସୁମାର୍ଗରେ ଯିବା ପାଇଁ ପ୍ରଯୋଦିତ କରେ । ବେଳେ ବେଳେ ତାର ଧୀର ମନ୍ଥର ଗତି ନିରବ ପ୍ରଶାନ୍ତି ମନକୁ ଆଣିଦିଏ । ସମୁଦ୍ର ଭିତରେ ଏକୀଭୂତ ହୋଇଥିବା ନଦୀର ପୃଥକ୍ ପରିଚୟ ବି କିଛି ନଥାଏ ।

ସେଇ ପ୍ରଶାନ୍ତି ଭିତରେ ତାର ଭୀମଭୈରବ ମୂର୍ତ୍ତୀ ଆମକୁ ବି ଭିତତ୍ରସ୍ତ କରିଦିଏ । ବିଶ୍ୱ ଆମକୁ ଦେଖାଇ ବି ଦେଇଛି ତାର ଅନନ୍ୟ ଅସାଧାରଣ ରୂପ - ଯେଉଁଠି ମାଇଲ ମାଇଲ ବ୍ୟାପୀ ଶ୍ୟାମାୟିତ ହିରତ ଉପବନ, ପୁଣି ଅପର ପକ୍ଷରେ ଦିଗନ୍ତ ବ୍ୟାପୀ ମରୁଭୂମି, ଅଦୃଶ୍ୟ ସ୍ଥପତିଙ୍କର ଏ ଯେ ଅଲୌକିକ କଳା କାରିଗରୀ ।

ସାରା ବିଶ୍ୱକୁ ଏକ ପରିବାର ବୋଲି ପରିକଳ୍ପନା କରାଯାଇଛି - ଏହି ଦିବ୍ୟ ମହାମନ୍ତ୍ର ଭାରତ ଭୂଖଣ୍ଡରୁ ଉଦ୍‌ଘୋଷିତ ହୋଇଥିଲା । ମଣିଷର ଭାବତ୍ମକ ଚିନ୍ତାଧାରା ଓ ନିଜର ବିଚାରଧାରା ଓ କାର୍ଯ୍ୟଶୈଳୀ ପରିବ୍ୟାପ୍ତ କରିବାର ଏକ ବଳିଷ୍ଠ ସୂତ୍ର । ଭାରତୀୟଙ୍କର ଏହି ଅମୂଲ୍ୟ ବିଚାରଧାରା ଆଜି ସାରା ବିଶ୍ୱକୁ ଅଭିମନ୍ତ୍ରିତ କରୁଛି ।

ଶ୍ଳୋକରେ ଉଲ୍ଲିଖିତ ଅଛି -

ଅୟଂ ବନ୍ଧୁରୟଂ ନେତି ଗଣନା
ଲଘୁଚେସୋମ ଉଦାର ଚରିତାନାଂ ତୁ
ବସୁଧୈବ କୁଟୁମ୍ବକମ୍ ।

ମହାଉପନିଷଦ ଚତୁର୍ଥ ଅଧ୍ୟାୟ ୭୨ ଶ୍ଳୋକରେ ଏହା ରହିଛି ।

ବସୁଧୈବ କୁଟୁମ୍ବକମ୍‌ର ବୃହତ ଭାବନାକୁ ସୁବାସିତ କରବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିକୁ ସ୍ୱୟଂ ଆତ୍ମା ଭିତରେ ବସୁଧୈବ କୁଟୁମ୍ବକମ୍‌ର ପୁଷ୍ପକୁ ପରିସ୍ଫୁଟ କରିବାକୁ ହେବ । ଜଣେ ବ୍ୟକ୍ତି ଆଉ ଜଣେ ବ୍ୟକ୍ତି ସହ ହାତମିଳାଇ ପରିବାର ଗଢ଼େ । ପରିବାରରୁ ସମାଜର ଜନ୍ମ । ସମାଜ ଗଢ଼େ ଦେଶ । ଦେଶ ଦେଶ ମିଶି ବିଶ୍ୱ ତିଆରି ହୁଏ - ବିଶ୍ୱ ହୁଏ ସମଗ୍ର ମାନବଜାତିର ବାସସ୍ଥାନ । ପ୍ରଶ୍ନ ଉଠେ ଆମ ମୁନିଋଷିମାନେ ଏ ବିଚାରଧାରା ଉପରେ ଏତେ ଜୋର କାହିଁ ଦେଇଥିଲେ । ଏହାର କାରଣ ଏହିକି ଯେ ଅଲଗା ଅଲଗା ଭୂଖଣ୍ଡରେ, ଭିନ୍ନ ଭିନ୍ନ ପରିସ୍ଥିତିରେ ପୁଣି ମଣିଷ ରୂପ ରଙ୍ଗ, ଚାଲିଚଳଣୀ, ଖାଦ୍ୟପେୟ, ବେଶଭୂଷା ଆଉ ପ୍ରାକୃତିକ ଭିନ୍ନତା ପରିଲକ୍ଷିତ ହେଲେ ବି ଏହି ଭିନ୍ନତାକୁ ଏଡ଼ାଇ ଦେଇ ସମାନତା ଆଣିବା ପାଇଁ ତାଙ୍କର ଏ ପ୍ରୟାସ । ଏ ବିଶ୍ୱ ଶାନ୍ତି ଲୋଡ଼େ, ମଣିଷ ଭିତରେ ଏହି ଭିନ୍ନତା ନିଜ ନିଜ ଭିତରେ ସଂଘର୍ଷ କରିବାକୁ ଆଗେଇ ଆସେ କିନ୍ତୁ ଗୋଟିଏ ପରିବାର, ଏକ ବିଶ୍ୱ ଏ ସଂକ୍ଷିପ୍ତ କଥାଟା ସମଗ୍ର ମାନବ ସମାଜ ପାଇଁ କେତେ ଲୋଡ଼ା ତାହା ଆଜିର ଚିନ୍ତାର ବିଷୟ ।

ଶାନ୍ତିପୂର୍ଣ୍ଣ ସହବସ୍ଥାନ ପାଇଁ ଏହା ଏକ ଯଥାର୍ଥ ଉଦ୍ୟମ । ଆଧାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ଅଧିକରୁ ଅଧିକ ବ୍ୟକ୍ତି ନିଗୁଢ଼ ଆତ୍ମୀୟତା ଭିତରେ ବାନ୍ଧି ହେବାକୁ ପଡ଼ିବ । ମଣିଷର ସୁଖ, ଦୁଃଖ, ଆନନ୍ଦ ନିରାନନ୍ଦକୁ ସମସ୍ତେ ସମପରିମାଣରେ ଗ୍ରହଣ କରିବେ । ବିଶ୍ୱ ମହାମାରୀର ପ୍ରକୋପ ଆଜି ସମସ୍ତେ ଅନୁଭବ କରୁଛନ୍ତି । ସାମୁହିକ ସ୍ୱାସ୍ଥ୍ୟସେବା ସବୁ ଦେଶ ମିଶି କରିପାରିଲେ ଏ ବିଶ୍ୱ ଯଥାର୍ଥରେ ମଧୁମୟ ହେଇଉଠିବ । ପରୋକ୍ଷରେ ଏହା ମାନବବାଦର ଚେତନାଧର୍ମୀ ମହାମନ୍ତ୍ର ନୁହେଁ କି ?

ଆଜି ସାରା ବିଶ୍ୱ ସାମୁହିକ ଭାବରେ ଅନ୍ତରାଷ୍ଟ୍ରିୟ ଚର୍ଚ୍ଚା ଓ ଗବେଷଣା କ୍ଷେତ୍ରରେ ହାତ ମିଳାଇଛନ୍ତି । ମାନବବାଦର ଜୟଯାତ୍ରା ଅବ୍ୟାହତ ରହିଥିବ ଯେତେବେଳେଯାଏ ଏକ ବିଶ୍ୱର ପରିକଳ୍ପନା ସମସ୍ତେ କରିବେ । ଐକ୍ୟ, ସଂହତି, ଭାତୃତ୍ୱ, ସଂଘବଦ୍ଧତା ପ୍ରତି ଅଧିକ ଧ୍ୟାନ ଦେଇ ସମଗ୍ର ମାନବ ସମାଜ ଦେଶ ଦେଶ ଓ ମଣିଷ ମଣିଷ ଯୋଡ଼ି ହେବାର ପ୍ରୟାସ ଆରମ୍ଭ କରିବାର ପ୍ରୟାସ ଜାରି ରଖିବ । ବାସ୍ତବିକ ଏ ବିଶ୍ୱ ସୁନ୍ଦର, ମଧୁର ଆଉ ବର୍ତ୍ତୁଳ । ଏହି ମଧୁରତାକୁ ଦେଇ ସ୍ୱଭାବ କବି ଗଙ୍ଗାଧର ମେହର ଗାଇଛନ୍ତି -

''ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ
ତୋ ପାପ ମରଣ ଭୟରେ, ଜୀବନ
ବିଶ୍ୱ ଦେଖ ମଧୁମୟ'' ।

*ଇ-୫୦, ସେକ୍ଟର -୭,*
*ସିଡ଼ିଏ, କଟକ-୧୪*
*ଫୋନ୍-୯୪୩୭୭୨୮୪୭୫*

# ଭୂତଳ ଜଳ ସଂକ୍ରମିତ



**ଶେଖ୍ ଫରିଦ୍‌ଉଦ୍ଦିନ**


ଆଗକୁ ଖରାଦିନ ଆସିଲାଣି। ଜଳ ସଙ୍କଟ ଅନେକ ଜାଗାରେ ଦେଖାଯାଏ। ଭୂତଳ ଜଳ ହେଉଛି ଆମ ସମସ୍ତଙ୍କ ପାଇଁ ମୁଖ୍ୟ ପାନୀୟର ବଡ଼ ଅବଲମ୍ବନ। ତେବେ ଏସବୁ ସମୟରେ ଏକ ବିଶ୍ୱସ୍ତରୀୟ ରିପୋର୍ଟ ବଡ଼ ସଙ୍କଟଜନକ ଖବର ଦେଇଛି। ଗାଙ୍ଗେୟ ଉପତ୍ୟକାରେ ଭୂତଳ ଜଳ ମାରାତ୍ମକ ସ୍ଥିତିରେ ପହଞ୍ଚିଛି। ଇଣ୍ଟରନ୍ୟାସନାଲ ଓ୍ୱାଟର ପ୍ରୋଜେକ୍ଟ ନାମକ ଏକ ଆନ୍ତର୍ଜାତିକ ବୈଜ୍ଞାନିକ ଗୋଷ୍ଠୀ କରିଥିବା ଅନୁଧ୍ୟାନ ଅନୁସାରେ ଏହି ଅଞ୍ଚଳର ୬୦ ପ୍ରତିଶତ ଭୂତଳ ଜଳ ପିଇବା ପାଇଁ ଅଥବା ଜଳସେଚନ ଲାଗି ଉପଯୋଗୀ ନୁହେଁ। କାରଣ ହେଲା ଏଥିରେ ଲବଣାଂଶ ସ୍ତର ଅତ୍ୟଧିକ ଓ ଏହି ପାଣିରେ ଆର୍ସେନିକ ମାତ୍ରା ମଧ୍ୟ ଖୁବ୍ ବେଶୀ। ଯେହେତୁ ଉତ୍ତର ଭାରତରେ ଗାଙ୍ଗେୟ ଉପତ୍ୟକାରେ ୭୫ କୋଟି ଲୋକ ରହନ୍ତି ଓ ସେମାନେ ବିଷାକ୍ତ ଜଳ ବ୍ୟବହାର କରୁଛନ୍ତି ବୋଲି ଏହି ରିପୋର୍ଟରୁ ବୁଝାପଡୁଛି, ଏଥିରୁ ସହଜରେ କୁହାଯାଇପାରେ ଯେ ସମସ୍ୟାଟି ଅତି ଉଦ୍‌ବେଗଜନକ। ଏହି ରିପୋର୍ଟ ଚଳିତ ମାସ ଅର୍ଥାତ୍ ୨୦୨୨ ମସିହାର ସର୍ବଶେଷ ତଥ୍ୟ।

ଦେଶର ଭୂତଳ ଜଳ ସମ୍ପର୍କରେ ବିଭିନ୍ନ ସମୟରେ ଚିନ୍ତାଜନକ ରିପୋର୍ଟ ସବୁ ପ୍ରକାଶ ପାଇ ଆସିଛି। ଏ ବର୍ଷ ଆରମ୍ଭରେ କେନ୍ଦ୍ର ଭୂତଳ ଜଳ ବୋର୍ଡ଼ ସମଗ୍ର ଦେଶ ସମ୍ପର୍କରେ ନିକଟରେ ଫେବୃଆରୀ ୧୭, ୨୦୨୨ରେ ପ୍ରକାଶ କରିଥିବା ରିପୋର୍ଟରେ କୁହାଯାଇଥିଲା ଯେ ଭାରତର ଅଧା ଅଞ୍ଚଳର ଭୂତଳ ଜଳ ସଂକ୍ରମିତ। ଦେଶରେ ୨୭୬ଟି ଜିଲ୍ଲାରେ ଏହି ଜଳସ୍ତରରେ ଫ୍ଲୋରାଇଡ ମାତ୍ରା ଅଧିକ ଥିବାବେଳେ ୩୮୭ଟି ଜିଲ୍ଲାରେ ନାଇଟ୍ରେଟ୍ ସ୍ତର ନିରାପଦ ମାତ୍ରା ଠାରୁ ଅଧିକ। ୪୬ଟି ଜିଲ୍ଲାର ଭୂତଳ ଜଳ ଅତ୍ୟଧିକ ଆର୍ସେନିକରେ ଆକ୍ରାନ୍ତ। ଗାଙ୍ଗେୟ ଉପତ୍ୟକାରେ ଭୂତଳ ଜଳସ୍ତର ହ୍ରାସ ପାଉଥିବା ଆଗରୁ ଉଦ୍‌ବେଗର ବିଷୟ ଥିଲା। ଯେହେତୁ ସେ ଅଞ୍ଚଳର ଲୋକସଂଖ୍ୟା ଅଧିକ ଓ କୃଷି ପାଇଁ ଜଳସେଚନ ତଥା ଅନ୍ୟାନ୍ୟ ଆବଶ୍ୟକତା ସକାଶେ ଭୂତଳ ଜଳ ଉପରେ ଚାପ ବଢ଼ି ଚାଲିଛି ସେ କାରଣରୁ ଏହି ଜଳସ୍ତର ହ୍ରାସ ପାଉଛି। କିନ୍ତୁ ଜଳସ୍ତର ଖସି ଚାଲିଲେ ଭବିଷ୍ୟତରେ ସାଧାରଣ ଲୋକେ ଓ ଗୃହପାଳିତ ପଶୁ ଜଳାଭାବର ସମ୍ମୁଖୀନ ହେବେ। ଏହା ଚିନ୍ତାର ବିଷୟ ଥିଲା। ଏବେ ଜଣାପଡ଼ିଛି ଯେ ଗାଙ୍ଗେୟ ଉପତ୍ୟକାରେ ୭୦ ପ୍ରତିଶତ ଇଲାକାରେ ଜଳସ୍ତରରେ ଉନ୍ନତି ଘଟିଛି। ଏଣୁ ଜଳସ୍ତର ହ୍ରାସ ସମସ୍ୟା ନେଇ କିଛିଟା ଆଶ୍ୱସ୍ତି ମିଳିଛି। କିନ୍ତୁ ଭୂତଳ ଜଳରେ ଲବଣାଂଶ ବୃଦ୍ଧି ଓ ଏହାର ସଂକ୍ରମିତ ହେବା ଉଦ୍‌ବେଗର ବିଷୟ। ଗାଙ୍ଗେୟ ଉପତ୍ୟକା ସମ୍ପର୍କରେ ହୋଇଥିବା ଅନୁଧ୍ୟାନରେ ଅନେକ ପ୍ରତିଷ୍ଠିତ ଭାରତୀୟ ଅନୁଷ୍ଠାନର ବୈଜ୍ଞାନିକମାନେ ମଧ୍ୟ ସାମିଲ ଥିଲେ। ଭୂତଳ ଜଳରେ ଲବଣାଂଶ ଓ ଆର୍ସେନିକ ଥାଏ କିନ୍ତୁ ତାହାର ମାତ୍ରା ବଢ଼ିଗଲେ ଜଳ ବ୍ୟବହାର ଯୋଗ୍ୟ ହୁଏନାହିଁ। ଏହି ସମସ୍ୟା ପ୍ରାୟତଃ ମଣିଷକୃତ। ଜଳ ନିଷ୍କାସନ ଠିକ୍ ଭାବେ ନହେଲେ, ଜଳସେଚିତ ଇଲାକାରେ ଜଳବଣ୍ଟନ ବ୍ୟବସ୍ଥା, ଦୁର୍ବଳ ରହିଲେ ସାର ବ୍ୟବହାର ବଢ଼ିଲେ ଏପରିକି ଖଣି ଖନନ ବୃଦ୍ଧି ପାଇଲେ ଏହି ସମସ୍ୟା ଉପୁଜେ। ଭୂତଳ ଜଳ ସଂକ୍ରମିତ ହେଲେ ମଣିଷର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହୁଏ। ସଂକ୍ରମିତ ଜଳ ବ୍ୟବହାର କରି ଲୋକେ ଅସୁସ୍ଥ ହୁଅନ୍ତି। ଫ୍ଲୋରାଇଡ଼ ବଢ଼ିଲେ ଫ୍ଲୋରସିସ୍ ହୁଏ। ଆର୍ସେନିକ ମାତ୍ରା ଅଧିକ ହେଲେ ଚର୍ମ ସମସ୍ୟା ଦେଖାଦିଏ, ଲୋକେ ଶୀଘ୍ର ବୁଢ଼ା ହୋଇଯାଆନ୍ତି, କର୍କଟରୋଗ ସୃଷ୍ଟି ହୁଏ ଓ ତାହା ମଧ୍ୟ ମୃତ୍ୟୁର କାରଣ ହୁଏ। ଭାରତର ୮୫ ପ୍ରତିଶତ ଗ୍ରାମାଞ୍ଚଳ ଲୋକେ ଭୂତଳ ଜଳ ବ୍ୟବହାର କରନ୍ତି। ପିଇବା ପାଇଁ, ଘରୋଇ ବ୍ୟବହାର ଲାଗି ତଥା କୃଷି ସକାଶେ ସେମାନେ ଏହି ଜଳ ଉପରେ ନିର୍ଭର କରନ୍ତି। ଅବଶ୍ୟ ଭୂତଳ ଜଳର ଏହି ସମସ୍ୟାକୁ ବଦଳାଇବା ହେବ। ଏଥିପାଇଁ ପଦକ୍ଷେପ ନେବାକୁ ପଡ଼ିବ। ଯଦ୍ୱାରା ଜଳରେ ବିଶୁଦ୍ଧତା ବଢ଼ିବ। ଜଳକୁ ପରିଷ୍କାର କରିବା ପାଇଁ କୌଶଳ, ଭୂତଳ ଜଳସ୍ତରର ଶୁଦ୍ଧିକରଣ ପାଇଁ ପ୍ରତିକାର ଦ୍ୱାରା ସମସ୍ୟାର ମୁକାବିଲା କରାଯାଇପାରିବ। ଏଥିପାଇଁ ବୈଷୟିକ ପରାମର୍ଶ ଅନୁସାରେ କାମ କରିବାକୁ ହେବ। ଏବେ ସଂକ୍ରମିତ ଜଳକୁ ଶୁଦ୍ଧ କରାଯାଇ ବ୍ୟବହାର କରାଯାଇପାରିବ। ଏଥିପାଇଁ ରୀତିମତ ଭୂତଳ ଜଳର ପରୀକ୍ଷା ଓ ତଦାରଖ ବ୍ୟବସ୍ଥା ଲୋଡ଼ା। କେନ୍ଦ୍ର ଓ ରାଜ୍ୟ ଗୁଡ଼ିକ ସମସ୍ୟାକୁ ହାଲୁକା ଭାବେ ନନେଇ ଏହି ସମସ୍ୟାରୁ ପ୍ରତିକାର ପାଇଁ ପଦକ୍ଷେପ ନେବା ଉଚିତ। ଯେଉଁ ଶିଳ୍ପ ଗୁଡ଼ିକ ପ୍ରଦୂଷଣ କରୁଛନ୍ତି ସେଗୁଡ଼ିକ ଯେପରି ପ୍ରଦୂଷିତ ଜଳ ମାଟିକୁ ନଛାଡ଼ନ୍ତି ସେଥିଲାଗି ଆଇନ ରହିଛି। ତାହା କଡ଼ାକଡ଼ି କାର୍ଯ୍ୟକାରୀ ହେବା ଦରକାର। ବଡ଼ କଥା ହେଲା ଜନସାଧାରଣଙ୍କୁ ଉପରୋକ୍ତ ସମସ୍ୟା ସମ୍ପର୍କରେ ସଚେତନ କରାଯିବା ଦରକାର। ଭୂତଳ ଜଳର ସମସ୍ୟା କେବଳ ଭାରତରେ ନୁହେଁ ଦକ୍ଷିଣ ଏସିଆରେ ସଂକଟଜନକ ରୂପ ନେଉଛି। ଏ ଦୃଷ୍ଟିରୁ ସମସ୍ୟାର ସମାଧାନ ପାଇଁ ସମସ୍ତଙ୍କ ମଧ୍ୟରେ ସହଯୋଗ ଲୋଡ଼ା।

*ମଧୁପୁର, ମାହାଙ୍ଗା, କଟକ*
*ଦୂରଭାଷ : ୯୪୩୭୦୦୪୮୮୮*

# କୁହୁକ ରାତି





**ବିଜୟ କୁମାର ପଣ୍ଡା**

**(ଭାଗ-୫)**

ବୁବୁ ଚାଲିଥାଏ ସେଇ ଛାଇ ପଛେ ପଛେ। ବୃକ୍ଷରୁ ତଳକୁ କିଛି ଗୋଟାଏ ଖସି ପଡୁଥାଏ। କୀଟର ମାନେ କିଚିରି ମିଚିରି ଶବ୍ଦରେ ଗୁଣୁ ଗୁନୁ ହେଉଥାନ୍ତି। ସାଇଁ କରି କିଛି ଗୋଟେ ଦେହରୁ ଖୁବ ପାଖ ଦେଇ ଅତିକ୍ରମ କରି ଯାଉଥାଏ। ଯେମିତି କେଉଁ ଏକ ଅଜଣା ଶକ୍ତି ଟାଣି ନେଉଥିଲା ତାକୁ ଆଗକୁ ଆଗକୁ। ରାତ୍ରି ଅନ୍ଧାରରେ ଦୁର୍ଗମ ପଥ ବି ଅଜାଣତରେ ଅତିକ୍ରମ କରି ଯାଉଥିଲା ଅନାୟାସରେ। ରାତ୍ରିର ଶେଷ ପ୍ରହର..ତଥାପି ରାତ୍ରିଚର ମାନେ ଅନାୟାସରେ ଆତଯାତ ହେଉଥାନ୍ତି। ବୁବୁର ମନ ଆହୁରି ଭୟଭୀତ ହେଉଥିଲା। ଲୋମ ଟାଙ୍କୁରି ଉଠୁଥିଲା। ତଥାପି ସେ ଝିଅକୁ ଅନୁସରଣ କରି ଚାଲିଲା ଆଗକୁ ବୁବୁ। ଏକ ଘଞ୍ଚ ଝାଡ଼ି ପାଖାପାଖି ହଠାତ ଉଭାନ ହୋଇଗଲା ଝିଅଟି। ବୁବୁ ସେ ଝିଅର ସନ୍ଧାନରେ ଆଖ ପାଖ ଚାରିଆଡେ ନଜର ପକାଇଲା। ରାତ୍ରିର ଶେଷ ପ୍ରହର ଏବେ ଶେଷ ହୋଇ ଆସୁଥିଲା। ଅନ୍ଧାର ଫେରିଯାଉଥିଲା ତା ନିର୍ଧାରିତ ଠିକଣାକୁ। ଅନ୍ଧାର ଫେରିଯିବାବେଳେ ଯେବେ ଆଲୁଅକୁ ସ୍ୱାଗତ କରୁଥିଲା, ସେଇ କିଛି ମୁହୂର୍ତ୍ତରେ ହଠାତ ଆଖି ପଡ଼ିଲା କେହି ଜଣେ ଶୋଇଛି ଝାଡ଼ି ସେପଟେ। ବୁବୁ କିଂକର୍ତ୍ତବ୍ୟବିମୁଢ଼ ହେଇ ଅଟକି ଗଲା। ସେ ସ୍ୱପ୍ନ ଦେଖୁଛି କି ଏଇଟା ସତ ବୋଲି ସନ୍ଦେହରେ ପଡ଼ିଗଲା। ହାତ ଥରୁଥିଲା। ଧୀରେ ଧୀରେ ସେଠାରେ ଶୋଇଥିବା ଲୋକଟି ପାଖକୁ ଗଲା। ଧଳା ଚାଦରଟିଏ ଘୋଡ଼ିଥାଏ। ରାତିସାରା ଏ ଜଙ୍ଗଲ ମଧରେ କଣ କେହି ଶୋଇପାରେ!! ଏତେ ସବୁ ବନ୍ୟଜନ୍ତୁ, ନିଶାଚର ମାନଙ୍କ ମଧରେ କେହି ଜଣେ ମଣିଷ ଶାନ୍ତିରେ ନିଦ୍ରା ଯିବା ସମ୍ଭବ!! ମନରେ ଅନେକ ପ୍ରଶ୍ନବାଚୀ। ତଥାପି ସେ ଲୋକଟା ଅତି ନିକଟରେ ଯେତେବେଳେ ପହଁଞ୍ଚିଲା, ଦେହର ଗଠନରୁ ତାକୁ ଜଣାପଡ଼ିଲା ଯେ ଏ ଜଣେ ନାରୀ। ଆହୁରି ବିବ୍ରତ ବୁବୁ..କଣ ଘଟୁଛି ଏସବୁ ତା ସହ। ଏବେ ମନରେ ସଂଶୟ, ସେ ଏଠାରୁ ପଳାଇବ ନା ଏ ନାରୀ ଜଣକ କିଏ ଅନ୍ତତଃ ତାର ମୁହଁ ଆଡ଼େ ନଜର ପକେଇବ। ଅନେକ ସାହସ ଜୁଟାଇ ବୁବୁ ମୁହଁ ଆଡୁ କପଡ଼ା ଉଠାଇବାକୁ ଚେଷ୍ଟାକଲା। ଏ କଣ!! ନିଜ ଆଖିକୁ ବିଶ୍ୱାସ କରି ପାରିଲାନି ବୁବୁ। ଯେମିତି ନିଜର ସତ୍ତା ହରାଇ ବସିଥିଲା। ସ୍ଥାଣୁ ପ୍ରାୟ ବସି ପଡ଼ିଥିଲା ସେ। ମୁହଁରୁ କପଡ଼ା ଉଠାଇଲା ପରେ.. ମିନୁର ଚେହେରା ଦେଖି ନିଜ ଆଖିକୁ ବିଶ୍ୱାସ କରିପାରିଲାନି ବୁବୁ।

ମୁହଁରୁ ବେକ ଯାଏଁ ଯେ ଅନେକ କ୍ଷତ।

'କେମିତି ହେଲା ଏ ସବୁ?'

'କାହାକୁ ପଚାରିବ?'

'ମିନୁର ଘରେ ଖବର ଦେବ?'

ପ୍ରଶ୍ନର ସମ୍ଭାରକୁ ଉତ୍ତର ନଥିଲା।

ସେଦିନ ମିନୁର ଘର ଲୋକେ ତ ବୁବୁ ଉପରେ ବହୁତ ରାଗିଥିଲେ। ଆଜି ଜଙ୍ଗଲରେ ତାର ଶବ ବିଷୟରେ ଯଦି ସେ ପ୍ରଥମେ ଖବର ଦେବ ତାହେଲେ ନିଜର ପ୍ରାଣ ସଂକଟରେ ନିଶ୍ଚିତ। ସକାଳ ବୟସ୍କ ହେଲାଣି। ଜନମାନସ ଚଳଚାଞ୍ଚଳ ହେଲେଣି। ବୁବୁ ତାର ଘନିଷ୍ଠ ସାଙ୍ଗ ବିନୋଦକୁ ଜଣେଇଲା। ବିନୋଦ ଜରିଆରେ ମିନୁର ଘରକୁ ଖବର ଦିଆଗଲା। ବିନୋଦ ବୁବୁକୁ ଉପଦେଶ ଦେଲା ମିନୁର ଘର ଲୋକେ ଆସିବା ପୂର୍ବରୁ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ..ନଚେତ ସବୁ ଦୋଷ ତାରି ମୁଣ୍ଡରେ ଲଦିଦେଇ ଜେଲ ପଠେଇଦେବା ଟା ସ୍ୱାଭାବିକ।

ବିନୋଦର କଥା ମାନି ବୁବୁ ଫେରିଗଲା ହଷ୍ଟେଲକୁ। ମିନୁର ଘର ଲୋକେ ଆସି ପହଞ୍ଚିଲେ। ବିନୋଦ କୁ ମିନୁର ବାପା ଆଉ ଭାଇଙ୍କ ପ୍ରଥମ ପ୍ରଶ୍ନ ଥିଲା ..

'ତମେ କେମିତି ଏ ଘଟଣା ଜାଣିଲ? ଏଠାରେ କେମିତି ପହଁଞ୍ଚିଲ?'

ବିନୋଦ ଡରି ଯାଇଥିଲା।

ଡରରେ ଥରି ଉଠି କହିଲା ..'ମୁଁ ବେଳେ ବେଳେ ସକାଳ ସମୟରେ ଏଇପଟେ କିଛି ଔଷଧ ଗଛର ସନ୍ଧାନରେ ଆସେ। ସେଇ ଗଛ ମାନଙ୍କୁ ନେଇ ପରୀକ୍ଷା ନିରୀକ୍ଷା କରେ। ଏହା କଲେଜ୍ ର ମୁଁ ଜଣେ ଡାକ୍ତରୀ ଛାତ୍ର।' ବିନୋଦର କଥାକୁ ସେମାନେ ବିଶ୍ୱାସ କଲେନି। ପୋଲିସ୍‌କୁ ଖବର ଦିଆଗଲା। ପୋଲିସର ତନାଘନା ପରେ ବିନୋଦ ସତକଥା ମାନିଲା। ବୁବୁକୁ ଥାନାକୁ ଡକାଗଲା। ଏହା ମଧରେ ଲୁସି ନିଖୋଜ ଥିବା ଏଫ.ଆଇ.ଆର ବି ଦିଆ ଯାଇଥିଲା। ପୋଲିସ ବୁବୁକୁ ସନ୍ଦେହ କରି ଥାନାରେ ଅଟକାଇ ରଖିଥିଲା।

*(କ୍ରମଶଃ..)*


*ସମ୍ପାଦକ -କନକପ୍ରଭା*
*ସବଙ୍ଗ, ସିମୁଳିଆ, ବାଲେଶ୍ୱର,*
*ଯୋଗାଯୋଗ : ୯୭୩୯ ୫୯୧୮୧୬*



## ବୈଧବ୍ୟର ବ୍ରତ

**ମହାଦେବ ପ୍ରଧାନ**





କାହାର କିଛି ଘୋଷଣା ପୂର୍ବରୁ
ସେ ବାହାରି ଆସୁଛି ନିର୍ଘାତ ଖରାକୁ
ହକଳା ସାଦା ଲୁଗାଟେ ହେଇ
ଶୁଖିଚାଲୁଛି ତାରରେ...
ଦାଗକୁ ଡରି ମରି
ଅସରା ଅସରା ମେଘରେ ଘଷି ରଗଡ଼ି
ଧୋଇ ଦେଉଛି ଦେହ
ଚୂନ ପଥର ପରି ପ୍ରସ୍ତ ପ୍ରସ୍ତ ସାରି ଦେଇ ନିଜକୁ।
କହିବା କଥା ପଦକ ତା'ର ଏଯାଏଁ ବି ଅକୁହା!
ଓଠରୁ ଖସି ଯିବା ଭୟରେ
କାଉଁରିଆ କାଠି ଅଗରେ ଜାଳି ଦେଉଛି
ଧୀରେ,ଅତି ଧୀରେ
କହୁଛି 'ଜଳିଯିବା ତା' ନିୟତି'!
ଚୁଲି କାନ୍ଧରେ ଗବ ଗବ ଫୁଟୁଛି ହବିଷ
ନାଁ ଧମନୀର କୋଉ କୋଣରେ ରକ୍ତ
ବୁଝିହେଉନି କେତେବେଳେ



ପେଜ ସାଙ୍ଗରେ ଉତୁରି ଯାଉଛି ଦୀର୍ଘଶ୍ୱାସ..
ଶିବମନ୍ଦିର ବେଢାରେ ବସି
ସଜାଡ଼ି ଦେଉଛି ବଳିତା
ଗୁନ୍ଥି ଦେଉଛି ମଲ୍ଲୀ,ଟଗର, ତରାଟ...
ଜାଗରରେ ବ୍ରାହ୍ମଣ ହାତକୁ
ବଢ଼େଇ ଦେଉଛି କେତକୀ
ପଚାରୁନି ବି ଥରେ
'ଧଳା ଫୁଲରେ ଈଶ୍ୱର ଏତେ ସନ୍ତୁଷ୍ଟ କାହିଁକି'?
ଖଣ୍ଡ ଖଣ୍ଡ ହାଡ଼ପରି
ଶୁନ୍ୟରେ ଭାସି ବୁଲୁଛି ବାଦଲ
ଧରାକୁ ଆହୁରି ଧୂସରକରି ଖସି ପଡୁଛି
ଠାଏ ଠାଏ ଛିଣ୍ଡା ରୁଦ୍ରାକ୍ଷ ପରି ମାଟିରେ
କିଏ କୋଉଠି କାନ୍ଦୁଛି
ଅରକ୍ଷିତ ଛୁଆଟେ ପରି ନିଃଶବ୍ଦରେ
ସେ କିନ୍ତୁ ହସୁଛି ନିରନ୍ତର
ଧୋବ ଫର ଫର ମନ୍ଦିର କାନ୍ଥ ଭଳି
ବେଶ୍ ଉଜ୍ଜ୍ୱଳ ମୁଦ୍ରାରେ।

*ଗାରୋଇ, ନାଉଗାଁ, ଜଗତସିଂହପୁର*
*ଦୂରଭାଷ : ୮୨୪୯୫୧୬୭୭୬୫*

# ବ୍ଲୁ ଟିକ୍ ଓ ରୁକୁଣା ରଥ

**ମୌସୁମୀ ଦାସ୍**



ସେ ଦିନ ସାରା ବ୍ୟସ୍ତ ଥାଏ ତା' ଅଫିସ୍ କାମରେ। ଘରର ଅନେକ ଛୋଟମୋଟ କାମ ମନେ ପକେଇ କରିବାରେ ସକାଳୁ ସଞ୍ଜ ହେଇଯାଏ। ମଝିରେ ମଝିରେ ତା'ଙ୍କୁ ମନେ ପକେଇ ଦିଏ ଲଞ୍ଚ୍ ସମୟ ହେଲା, ସ୍ନାକ୍ ଟାଇମ୍ ହେଲା। ସେ ମେସେଜ ଫେରାନ୍ତି, ଓକେ। ଘରକୁ ଫେରିବା ରାସ୍ତାରେ ଅଟକି ବଜାରରୁ ଦରକାରୀ ସଉଦା ପରିବା ଔଷଧ କିଣେ। ଫେରିଲା ପରେ ଚୁପଚାପ ଘରର ତାଲା ଖୋଲେ। ଘରେ ପହଞ୍ଚି ଯାଇଥିବାର ମେସେଜ ଟାଇପ୍ କରେ। ଉତ୍ତର ଫେରେ, 'ହଉ'। ବନ୍ଦ ଓଠ ସାମାନ୍ୟ ପ୍ରସାରିତ ହୁଏ। ଟେବୁଲ ଉପରେ ମୋବାଇଲ ଥୋଇ ଦିଏ। ଜାଣିଥାଏ, ଏବେ ବେଶ୍ କିଛି ସମୟ ଏଇ ଫୋନ୍‌ରେ ନା ଆସିବ କଲ୍, ନା ମେସେଜ୍।

ସେ ଲୁଗା ବଦଳେଇ ବାଥରୁମରେ ପଶି ଧୁଆଧୋଇ ହୁଏ। ପୂଜା ମଠା ପିନ୍ଧି ଗଳବସ୍ତ୍ର ହେଇ ତୁଳସୀମୂଳରେ ସନ୍ଧ୍ୟା ଧୂପ ଦିଏ। ଓଳଗି ହେଇ ମଙ୍ଗଳ ମନାସେ। ପ୍ରାର୍ଥନା କରେ।

ମନ୍ଦିରରୁ ଆଳତୀର ଘଣ୍ଟ ଶଙ୍ଖ ଧ୍ୱନି ସହିତ ମସଜିଦର ମାଇକ୍ ରୁ ଆଜାନ୍ ର ବାଣୀ ବାଜେ ତା' କାନରେ। ଏଠି ମାତ୍ର ଶହେ ମିଟର ଦୂରତାରେ ମନ୍ଦିର ଓ ମସଜିଦ। ଅନତିଦୂରରେ ଛୋଟିଆ ଗୁରୁଦ୍ୱାରା ବି, ଏବଂ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଛୋଟ ଏକ ଉପାସନାଗୃହ ବି। ବର୍ଷ ସାରା ବିଭିନ୍ନ ମତବାଦୀଙ୍କ ବିଭିନ୍ନ ପର୍ବପର୍ବାଣି। ଅଥଚ, କି ସୁନ୍ଦର ଭାଇଚାରା! ଏତେ ବର୍ଷର ରହଣି ଭିତରେ ଦିନେ ବି ସାମାନ୍ୟ ଗଣ୍ଡଗୋଳ ହେବା ସେ ଦେଖିନି। ଅଥଚ ସାରା ଦୁନିଆ କେବଳ ଏମିତି ସଙ୍କୀର୍ଣ୍ଣ ଧର୍ମାନ୍ଧତାର ନିଆଁରେ ଜଳୁଛି ବାରମ୍ବାର। ସେ ଭାବେ, ଏଠିକି ଆସି ସମସ୍ତେ ଦେଖନ୍ତେ କି...!

ଭିନ୍ନ ଭାଷାଭାଷୀ, ଭିନ୍ନ ଜାତିବର୍ଣ୍ଣ ବୋଲି ସେ ବି ତ ଅସ୍ୱୀକୃତ ହେଇ ଯାଇଛି ନା! ଜୀବନର ଗତିପଥ ବଦଳି ଯାଇଛି ତା'ର। ସେ ଇଲେକ୍ଟ୍ରିକ୍ କେଟିଲରେ ପାଣି ଗରମ କରେ। ନିଜପାଇଁ ଗ୍ରୀନ୍ ଟି ବନାଏ। କପ୍ ହାତରେ ଧରି ସିପ୍ କରୁକରୁ ମୋବାଇଲ ଦେଖେ। ତା' କପ ଧରି କିଛି ସମୟ ବାଲକୋନିର ଚେୟାରରେ ବସେ ଯେବେ, କେତେ କ'ଣ କଥା ଖେଳିଯାଏ ମନରେ। ସେ କେବେକେବେ କିଛି ଭାବନାକୁ ଡାଏରୀରେ ଲେଖେ ତ କେବେକେବେ ତା'କୁ ମେସେଜରେ ଲେଖି ପଠେଇଦିଏ। ବାରମ୍ବାର ଫୋନ୍ ଚେକ୍ କରେ। ହ୍ୱାଟ୍ସଆପରେ କଳା ଟିକ୍ ଦି'ଟା ବ୍ଲୁ ହେବାକୁ ଅପେକ୍ଷା କରେ। ଉତ୍ତର ପାଇଁ ଅପେକ୍ଷା କରେ। ବିପ୍ ହେଲେ, ଚାଟ୍ ବକ୍ସ୍ ଖୋଲି ଦେଖେ। ତା' ମେସେଜ୍ ବ୍ଲୁ ହେଇ ଯାଇଥାଏ। ସଂକ୍ଷିପ୍ତ ଉତ୍ତରଟେ ଥାଏ, ଓକେ। ସେ ହସେ ମନେ ମନେ। ଖୁବ୍ ବ୍ୟସ୍ତ ବୋଧେ। ଅଫିସ ଛାଡ଼ିବା ପୂର୍ବରୁ ଦିନ ସାରାର କାମ ଶେଷ କରିବା ତାଙ୍କ ଅଭ୍ୟାସ। ସେ ରାତି ପାଇଁ ରୁଟି ବନାଏ। ସକାଳ ପାଇଁ ପରିବା କାଟେ। ମୋବାଇଲ୍ ବିପ୍ ହୁଏ। ସେ ଦେଖେ ତାଙ୍କ ମେସେଜ୍, 'ଘରକୁ ବାହାରୁଛି' କିମ୍ବା 'ଘରେ ପହଞ୍ଚିଲି'। ସେ ବୁଢ଼ାଆଙ୍ଗୁଠି ଚିହ୍ନଟେର ଇମୋଜି ପଠାଏ। ସେପଟୁ ବ୍ଲୁଟିକ୍ ହୁଏ।

ଖାଇସାରି ଶୋଇବାକୁ ଯାଏ ତ ପୁଣି ଶୁଭରାତ୍ରୀର ସନ୍ଦେଶ ପଠାଏ ଆଉ ଢେର୍ ସମୟ ଅପେକ୍ଷା କରେ ବ୍ଲୁ ଟିକ୍‌ର। ବେଳେବେଳେ ନିଦରେ ଶୋଇ ଯାଏ। ସକାଳେ ତାଙ୍କ ଶୁଭରାତ୍ରୀ ବାର୍ତ୍ତା ପଢେ। ଦିନେ ଦିନେ କିଛି ସମୟ ସେ ଚାଟିଙ୍ଗ୍ କରନ୍ତି ତ ତା'କୁ ଖୁବ୍ ଖୁସି ଲାଗେ। ସିଏ ତା' ଡବଲ୍ ବେଡ୍ ରେ ଅନ୍ୟ ତକିଆଟିକୁ ଆଉଁସି ଦିଏ। କିଛି ବର୍ଷ ପୂର୍ବେ ଅନ୍ଧାରରୁ ସାଉଁଟିଥିବା ଅନୁଭୂତିକୁ ଜଗାଏ। ନିଜେନିଜେ ଶିହରିତ ହୁଏ। ଆଉ ଶୋଇପଡ଼େ।

ଦିନେ ଦିନେ ଠିକ୍ ନିର୍ଦ୍ଦିଷ୍ଟ ସମୟରେ ରାତି ଅଧରେ ତା' ନିଦ ଭାଙ୍ଗି ଯାଏ। ସେ ଜାଣିଥାଏ ସମୟ। ତଥାପି ବେଡ୍ ଲାଇଟ୍ ଜଳାଏ ଆଉ ସମୟ ଦେଖେ। ହଁ, ଠିକ୍ ବାରଟା ଚାଳିଶ ବାଜିଥାଏ। ତା'କୁ ଖୁବ୍ ଗରମ ଲାଗେ। ସେ ଉଠି ବାଥରୁମ୍ ଯାଏ। ମୁହଁ ଆଉ ଦେହରେ ପାଣି ଛିଟକା ମାରେ। ଆଉ ସେମିତି ଓଦା ସରସର ଶୋଇପଡ଼େ ବିଛଣାରେ। ତା'କୁ କାନ୍ଦ ମାଡ଼େ। କିନ୍ତୁ ସେ କାନ୍ଦେନା। କାରଣ ସେ ବୁଝି ସାରିଥାଏ, ରୁକୁଣା ରଥ ଅଣଲେଉଟା। ପୁଣି ସକାଳଟେ ପାଇଁ ଅପେକ୍ଷା କରୁ କରୁ ତା' ଆଖିରେ କେତେବେଳେ ନିଦ ଆସିଯାଏ, ଜାଣିପାରେନି।

ପୁଣି ଆଉ ଗୋଟେ ଦିନ ଆରମ୍ଭ ହୁଏ ବ୍ଲୁ ଟିକ୍ ର ଅପେକ୍ଷାରେ, ଫେରନ୍ତା ମେସେଜର ଅପେକ୍ଷାରେ। ଏମିତି ବିତିଯାଏ ଦିନ ପରେ ଦିନ, ରାତି ପରେ ରାତି।

'ଜୀବନର ଜଉଘରେ ନିତି
ଜଳୁଥାଏ ସମ୍ପର୍କର ତାତି।
କେବେ ମାଘ କେବେ ମେଘରାତି
ଆୟୁଷର ଅଣସର ସରେନି ଯେମିତି।'

ଏତିକି ଲେଖି ସାରିଲା ବେଳକୁ ତା'କୁ ଖୁବ୍ ଥକା ଲାଗିଲା। ଆଜିକାଲି ମୋବାଇଲକୁ ବେଶୀ ସମୟ ଚାହିଁଲେ ତା' ଆଖି ବିନ୍ଧୁଛି। ଡାକ୍ତର କହିଥିଲେ ଲୋତକଗ୍ରନ୍ଥି ଶୁଷ୍କ ହେଇ ଗଲାଣି। ଆଉ ଟିଅର୍ ଡ୍ରପ୍ ଲେଖି ଦେଇଥିଲେ। ସେ ନିୟମିତ ପକେଇବାକୁ ଭୁଲି ଯାଉଛି। ଏମିତି କେତେ କ'ଣ କଥା ସେ ଭୁଲି ଯାଉଛି। ଠିକ୍ ସମୟରେ ଇଲେକ୍ଟ୍ରିକ୍ ବିଲ୍ ପଇଠ କରିବାକୁ ଭୁଲି ଯାଉଛି ତ ରିବେଟ୍ ମିଳୁନି ଆଉ। ଠିକ୍ ସମୟରେ ସିଲିଣ୍ଡର୍ ବୁକିଙ୍ଗ୍ କରିବାକୁ ବି ଭୁଲି ଯାଉଛି ଯେ ବେଶ୍ କିଛି ଦିନ ଇଣ୍ଡକସନ୍ ରେ ଖେଚୁଡ଼ି ବନେଇ ଖାଇବାକୁ ପଡୁଛି। ବ୍ୟାଙ୍କରେ ଲୋନ୍ ଇ .ଏମ୍ .ଆଇ . ଡିପୋଜିଟ୍ କରିବାକୁ ବି ଭୁଲି ଯାଉଛି। ବେଳେବେଳେ ଅନ୍ୟମନସ୍କତା ଭିତରୁ ଓହରି ଆସିବାକୁ ଖୁବ୍ କଷ୍ଟ ହେଉଛି। ଦର୍ପଣରେ ନିଜ ମୁହଁ ବି ଏବେ ଅପରିଚିତ ଲାଗୁଛି।

ନା ଆଉ,ସେ କିଛି ଭାବିବନି। କେଜାଣି କେବେଠୁ ତ ସେ ବୁଝେଇ ନେଇଛି ନିଜକୁ, ଏମିତି ହିଁ ତା' ଜୀବନ ବିତିବ। ଏମିତି ହିଁ ତମାମ ଦିନ ଆଉ ରାତି ବିତିବ କେତୋଟି ସଂକ୍ଷିପ୍ତ ବାର୍ତ୍ତା ଓ ବ୍ଲୁ ଟିକ୍ ଭରସାରେ। କାରଣ, ସେ ବୁଝି ସାରିଛି ରୁକୁଣା ରଥ ଅଣଲେଉଟା।



*ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର*


## କବିତା



**ସୁପ୍ରିୟା ପଣ୍ଡା**

ଅନନ୍ତ ଅସୀମ ତା' ପରିବ୍ୟାପ୍ତ ପରିଧି
ଆହତ ଆକାଂକ୍ଷା, ଗୁଞ୍ଜରିତ ଶବ୍ଦମାଳ
ଫେଣ୍ଟା ଫେଣ୍ଟି ମନସ୍ତତ୍ତ୍ୱ
କିଛି ଅବ୍ୟକ୍ତ ଅନୁଚ୍ଚରିତ ବ୍ୟଥା
ଭାବ ଲୟର ସମାହାର
ଅବଚେତନର ଉର୍ଦ୍ଧ୍ୱରେ
ଉକୁଟି ଆସୁଥିବା ଉଚ୍ଛ୍ୱାସ
ଅମାପ ଯନ୍ତ୍ରଣା ଭିତରର ମାପକାଠି
ସୂର୍ଯ୍ୟ ତରଳେଇ ପାରୁନଥିବା ହିମଖଣ୍ଡ
କୁଢ଼ କୁଢ଼ ଦୁଃଖ ଭିତରର ଶୀତଳ ନିଆଁ
ଦଳକାଏ ପ୍ରତ୍ୟୟ ଭିତରେ
ବଖାଣି ପାରେ ତା ଅସ୍ତିତ୍ୱ।

କବିତା କ'ଣ?
ଆଖି ଆଗରେ ଥିବା ଧୂଆଁଳିଆ
ପରଦାଟା ଟିକେ ଆଡ଼େଇ ଦେଲେ



ଠିକ୍ ଦିଶିବ
ପରିଚୟ କରେଇ ଦେବ
କେବେ ବହି ପାରି ନ ଥିବା
ଆର ପାଖର ସଳଖ ନଈ ସହ।
ଅଙ୍କା ବଙ୍କା ଅକ୍ଷର ଚେତେଇ ଦେବ
ବାୟୁମଣ୍ଡଳର ସ୍ଥିତି
ଗୁଡ଼ାଏ ଉତ୍ତାପ ଓ ଉଷ୍ମତା ଭିତରେ
ସଜେଇ ଦେବ
ଚେନାଏ ଆତ୍ମବିଶ୍ୱାସ

ବରଫପାତ ଭିତରେ ଚିକ ଚିକ ସୂର୍ଯ୍ୟ କିରଣ
ଚଟାଣ ଛୁଇଁ ଚହଟି ଯାଉଥିବା
ଅଜଣା ଫୁଲର ମହକ
ଦୀର୍ଘଶ୍ୱାସ ନା ଭାବୋଚ୍ଛ୍ୱାସ
ଉତ୍ତାପ ନା ଉଦ୍ଦୀପନା !
ଏକ ବିରାଟ ପ୍ରଶ୍ନବାଚୀ ?
ସମୁଦ୍ରେ ଶବ୍ଦ ଯୋଡ଼ି
ତାରା ଫୁଲ ଫୁଟେଇ
ଜହ୍ନର ଜୋଛନା ଜଡ଼େଇ
ଆକାଶ ଫର୍ଦ୍ଦରେ
ବାସ୍ତବିକ ଲେଖିହୁଏ କି କବିତା !

*ରସୁଲଗଡ଼, ଭୁବନେଶ୍ୱର*
*ଦୂରଭାଷ : ୮୮୯୫୫୬୦୫୫୦*

# କବିତାର କଥା

**(ଭାଗ-୬୦)**



**ଉମାକାନ୍ତ ରାଉତ**



## ଚିତାଗ୍ନି ଦେଖିବାର ଚଉଡ଼ା କପାଳ

ଶରତ ଋତୁର ଜହ୍ନ ଛୋଟ ଛୋଟ ବଉଦର ଶିଡି ଡେଇଁ ଡେଇଁ ଯାଉଥିଲାବେଳେ ପାହାଡ଼ କଡର ବାସ୍ନାମୟ ଗଛପାଖକୁ ଫେରିଯାଏ କବିଟିର ଦୃଷ୍ଟି। ଉଜୁଡ଼ା ଅତୀତ ନିଗିଡ଼ା ସ୍ମୃତିରୁ ଖିଅ ଖିଅ ସୂତା ବାହାର କରି ସିଏ ଦେଖେ ବିଛଣାରେ ନିଦ ଭାଙ୍ଗି ଭାଙ୍ଗି ଆସୁଥିବା ଲାବଣ୍ୟବତୀକୁ। ଆହୁରି ମଧ ଦେଖେ କେମିତି ତା'ର ଚାରିପଟେ ନିର୍ବିବାଦେ କ୍ଷୟ କ୍ଷୟ ହୋଇଯାଉଛି ରାତିର ଆୟୁଷ! ଏସବୁ ଯେତେବେଳେ ତା' ତୂଳି ଆଗରେ ଗଜରା ହୋଇ ଫୁଟେ, ତାକୁ ଦୁନିଆ କହେ ପ୍ରେମ କବିତା

ସେତେବେଳେ କେବଳ ପ୍ରୀତି, ରତି ଅବା ଛାତି ପାଇଁ ନୁହେଁ - ଏସବୁର ଉର୍ଦ୍ଧ୍ୱରେ କବି ଆକଳନ କରି ବସେ ତା'ର ଶକ୍ତି ଦୀପ୍ତି ଓ ଐଶ୍ୱର୍ଯ୍ୟକୁ। ଯେତେବେଳେ ତା'ର ଗଭୀରତା ମାପିବାକୁ ସିଏ ଅସମର୍ଥ ହୋଇପଡ଼େ ସେତେବେଳେ ସେ ତାକୁ ପ୍ରେମରେ ସମ୍ବୋଧନ କରେ ନାରାୟଣୀ। ଏଇ ତ ପ୍ରେମ!

ଏଇ ପ୍ରମରୁ ନିଃଷ୍କ୍ରାନ୍ତ ମନ୍ଥନର ରକ୍ତ କଣିକାକୁ ଜରାୟୁର ମନ୍ଦିରରେ ଥୋଇ ଅନନ୍ତ ସ୍ପନ୍ଦନ ଓ ନିର୍ଲିପ୍ତ ଚିତ୍ତରେ ସର୍ଜ୍ଜନାର ରୂପ ଦିଏ କବି। ପ୍ରେମର ଏତାଦୃଶ ମହନୀୟତା ଓ ଜନ୍ମସିଦ୍ଧ ଅନୌପଚାରିକତା ତା'ର ପ୍ରାଗୈତିହାସିକ ପଥର ଛାତିକୁ ତରଳେଇ ଦେଇ ଉଷ୍ମ ଝରଣାର ପ୍ରବାହ ସୃଷ୍ଟି କରେ .....ତାହା ହିଁ ପ୍ରେମ , ଯାହା ଆକାଶ ପରି ତା'ର ବିଶାଳ ପଣରେ ପ୍ରେମିକା ମଥାର ଜକଜକ ସିନ୍ଦୂର ସୂର୍ଯ୍ୟକୁ ସମ୍ପୂର୍ଣ୍ଣ ସକାଳର ପ୍ରତୀକ କରିଦେଇପାରେ।

"ଆକାଶର କପାଳରେ
ଉଭାସିତ ସୂର୍ଯ୍ୟଟିଏ ପରି
ତମର କପାଳରେ
ମୋ' ହାତର ସଜଳ ସିନ୍ଦୂର
ଆଙ୍କିଦେଲା ତମ ମୋର ଭାବର ସକାଳ"

ଏଇବେଳେ ଇନ୍ଦ୍ରଧନୁର ଛାଇ, ରଙ୍ଗୀନ୍ ଆକାଶ,ବତୁରି ବତୁରି ଫୁଲି ଉଠୁଥିବା ଜହ୍ନବାଉଳା କଇଁଫୁଲ ଆଉ ଟିପି ଟିପି ଛିଟ ପ୍ରଜାପତିର ଡେଣାରେ ପହଁରୁଥାଏ ପ୍ରେମିକ କବି। ପ୍ରୀତିର ବଗିଚାର ପ୍ରତିଟି ଫୁଲରେ ସିଏ ଅନୁଭବ କରେ ଅନନ୍ତ ପ୍ରେମର ବାସ୍ନା। ସେତେବେଳେ ଆଖିର ଲୁହକୁ ପଦ୍ମଫୁଲ କରି କାଗଜ ଡଙ୍ଗାରେ ଭସେଇ ଦେବାକୁ ସମର୍ଥ ହୁଏ କବି। ନିଷିଦ୍ଧ ଫଳ ଆହାର କରି ଫୁଙ୍ଗୁଳା ଦେହରେ ଲତା ପରି ପ୍ରାଗୈତିହାସିକ ସରୀସୃପଟିଏ ଗୋଡ଼େଇ ହେବାର ଦେହଜ ଅନୁଭବ ଆଉ ତାକୁ ସୁଖ ଦେଇପାରେନା। ଦେହ-ଦାହ-ଦହନକୁ ଅତିକ୍ରମ କରି ଆପଣାର ଚିତାଗ୍ନି ଦେଖିବାର ଚଉଡ଼ା କପାଳ ଦେଖାରେ ସେତେବେଳେ ମସଗୁଲ୍ ଥାଏ କବି। ନିଜ ଅଭିଳାଷମତେ ଦେଖିପାରେ ଦିନରେ ରାତ୍ରୀର ପ୍ରହର..... ରାତ୍ରୀମଧ୍ୟେ ଭବ୍ୟ ସୂର୍ଯ୍ୟୋଦୟ! ବିଷାଦ-ବିଳାସ ଭୋଗିବା ପାଇଁ ଖସିଯାଉଥିବା ପିଠିପାଖ ବିଛଣା ଚାଦର ପରି ବ୍ୟଥା ତାକୁ ଅକୁଳାଣ ହୁଏ। ସିଏ କହିପାରେ ନାହିଁ ତା'ର ଯାହା ଯାହା କହିବାର ଥିଲା। ତା'ର ସବୁ କଥା ହୋଇଯାଏ କବିତା.... କବିତା......! ଏହା ପ୍ରେମ ନୁହେଁ ତ ଆଉ କ'ଣ? ସେଇଥିପାଇଁ ବୋଧହୁଏ ରାଧାମୋହନ ଗାଇଉଠିଥିଲେ ---

"କବି ହେବାପାଇଁ ବାସନା ମୋର
ପ୍ରବଳ ଭାରି ରେ ପ୍ରବଳ ଭାରି
ନୀଳ ଆକାଶର ପକ୍ଷୀଟିଏ ସମ
ଉଡ଼ି ବୁଲୁଥାଏ ଇଚ୍ଛାଧାରୀ
କବି ହେବାପାଇଁ ବାସନା ମୋର ପ୍ରବଳ ଭାରି"

ମୁଠୁଣିଏ ମାଟିପରି ଅଙ୍ଗାର ଭିତରେ ଶୃଙ୍ଗାର,ପୋଷେ ଆକାଶ ପରି କାଳିମା ଭିତରେ ନୀଳିମା,ଫୁଲଙ୍କ ଚମକ ପରି ତୃଷ୍ଣାରେ ତାରାର ତଲାସ୍ କବିର ସହଜାତ ଅଧିକାର। ସେହି ଅଧିକାରର ଦ୍ୱାହିରେ ସିଏ ପରାଧୀନତାରେ ବି ଭୋଗେ ସ୍ୱାଧୀନତାର ସାର୍ବଭୌମତ୍ୱ। ବିଷମ ସନ୍ଧି କରି କମଳ ଭିତରେ ନିଜକୁ ବନ୍ଦୀ କରି ମଧୁରେ ଶେଷ ନିଃଶ୍ୱାସ ତ୍ୟାଗ କରିପାରେ କବି। ନିଜ ଚିତାଗ୍ନି ଦେଖିବାର ଚଉଡ଼ା କପାଳଟିଏ ଧାରଣ କରିବାର ଦୁଃସାହସ ଥାଏ କବିର....କେବଳ କବିର। ଯାଠାରୁ ପ୍ରେମର ଉଚ୍ଚତର ସଂଜ୍ଞା ଆଉ କ'ଣ ଥାଇପାରେ?

ପ୍ରେମ କହିଲେ ଅଧିକାଂଶ କେବଳ ଦେହ, ମାଂସ, ଚର୍ମ ଅବୟବର କଥା ବୁଝୁଛନ୍ତି; କେବଳ ନୀଳନଦୀରେ ଉବୁଟୁବିଆ ସନ୍ତରଣ ଆଉ ନୀଳଜହ୍ନର ମାୟାବୀ ଉପତ୍ୟକା କଥା ବୁଝୁଛନ୍ତି। ଜାପାନୀ ସାପର ଫଁ ଫଁ ଶବ୍ଦକୁ ଅନ୍ତରରେ ଅନୁରଣିତ କରାଇବାରେ ଲାଗି ପଡୁଛନ୍ତି। ପ୍ରେମ କ'ଣ କେବଳ ତାହା? ପ୍ରେମ କ'ଣ କେବଳ ପେଟ ଓ ପେଟ ତଳର କଥା? ଆପଣାର ଚିତାଗ୍ନି ଦେଖିବାର ଚଉଡ଼ା କପାଳ ଧାରଣ କରିବାର ଦାମ୍ଭିକପଣ ନଥିଲେ ସିଏ କି ପ୍ରେମିକ? ସିଏ କି କବି??

*(କ୍ରମଶ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ଜିଲ୍ଲା ସ୍ତରରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ

**ଜଗତସିଂହପୁର :** ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ବିରିଡି ପଂଚାୟତ ସମିତି ସଭାଗୃହରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳନ କରାଯାଇଛି । ଏହି ଆନ୍ତର୍ଜାତୀୟ ମହିଳା ଦିବସରେ ଜିଲ୍ଲାର ସମାଜ କଲ୍ୟାଣ ଅଧିକାରିଣୀ ସ୍ୱର୍ଣ୍ଣ ମଞ୍ଜରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ କୁଜଙ୍ଗ ଶିଶୁ ବିକାଶ ଯୋଜନା ଅଧିକାରୀ ତନୁପ୍ରଭା ବେହୁରା, ତିର୍ତ୍ତୋଲ ଶିଶୁ ବିକାଶ ଯୋଜନା ଅଧିକାରୀ ନିବେଦିତା ବିଭୂତିରାୟ, ବିରିଡି ଶିଶୁ ବିକାଶ ଯୋଜନା ଅଧିକାରୀ ଗୌରୀ ଦେଇ ଏବଂ ଜଗତସିଂହପୁର ଶିଶୁ ବିକାଶ ଯୋଜନା ଅଧିକାରୀ ଅନୁପମା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହା ମଧ୍ୟରେ ଅନେକ ପରିଦର୍ଶିକା, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ




କିଶୋରୀବାଳିକା ମାନେ ମଧ୍ୟ ଉପସ୍ଥିତ ଥିଲେ । ସମସ୍ତଙ୍କ ମଧ୍ୟରେ ଆଦିତ୍ୟ ନାରାୟଣ, ଡିପିସି, ମିଶନ ଶକ୍ତି ପକ୍ଷରୁ ତପନ ଗୋଛାୟତ, ଜିଲ୍ଲା ସଂଯୋଜକ ନରେଶ ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ । ସଂଯୋଜକ ଚାଇଲ୍ଡଲାଇନ ଉପସ୍ଥିତ ରହି ସର୍ବୋତମ ଶିଶୁ ବିକାଶ ଯୋଜନା ଅଧିକାରୀଭାବେ ଗୌରୀ ଦେଇ, ତନୁପ୍ରଭା ବେହୁରା, ସର୍ବୋତମ ପରିଦର୍ଶିକା ଭାବେ ସ୍ମୃତିପ୍ରଜ୍ଞା ମହାପାତ୍ର, ସର୍ବୋତମ ଅଙ୍ଗନୱାଡି କୁନମୁନ୍ ସାମନ୍ତରାୟ, ସର୍ବୋତମ ସଖୀ ସେବାଶ୍ରୀ ସୃଜନୀକା ଲେଙ୍କା ଓ ସହେଲି ପ୍ରିୟତମା ନାୟକ ମାନଙ୍କୁ ପ୍ରମାଣ ପତ୍ର ସହିତ କିଛି ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଏହି ପାଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ନାୟକଙ୍କ ଦ୍ୱାରା ଜିଲ୍ଲାରେ ବାଲ୍ୟବିବାହ, କିଶୋରି ସଶକ୍ତିକରଣ, ଲିଙ୍ଗଗତ ସମାନତା ଉପରେ ଆଲୋକପାତ କରିଥିଲେ । ଏହି ଦିବସଟି ଅନ୍ୟ ମହିଳା ଏବଂ କିଶୋରୀମାନଙ୍କ ପାଇଁ ଏକ ପ୍ରେରଣାଦାୟକ ହୋଇଥିଲା । ସର୍ବଶେଷରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ଅଧିକାରିଣୀ କ୍ରିଷ୍ଣା କୁମାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ‘ତାଳଦା ବଖାଣିବ ବିକାଶର ଗାଥା’



**ଅସ୍ତରଙ୍ଗ :** କାର୍ଯ୍ୟରେ ଯୋଗଦେଲେ ନବନିର୍ବାଚିତ ସରପଞ୍ଚ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତରେ ରାଜନୈତିକ ସରଗରମ ଦେଖିବାକୁ ମିଳିଥିଲା । ବିଜେଡି ସମର୍ଥିତ ପ୍ରାର୍ଥୀଭାବେ ଇଂ ଦୀପକ ପରିଡ଼ା ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ବିରୋଧୀଙ୍କୁ ଧରାଶାୟୀ କରି ବିପୁଳ ସଂଖ୍ୟାରେ ଭୋଟ୍ ପାଇଁ ନିର୍ବାଚିତ ହୋଇଥିଲେ । ଇଂ ଦୀପକ ପରିଡ଼ାଙ୍କ ଯୁବନେତୃତକୁ ପଞ୍ଚାୟତ ବାସୀ ସ୍ୱାଗତ ଜଣାଇ ବିରୋଧୀଙ୍କ ମିଥ୍ୟା ପ୍ରତିଶ୍ରୁତି ମିଥ୍ୟା ପ୍ରଚାରକୁ ଏଡ଼ାଇ ଆମ୍ଭ ପଞ୍ଚାୟତର ବିକାଶର ସାରଥୀ ଆମ୍ଭେ ଉଚିତ ଜବାବ ଦେଉଛି ବୋଲି ଗାଁ ଗଣ୍ଡାରେ ଶୁଣିବାକୁ ମିଳୁଛି । ଶ୍ରୀ ପରିଡା ପ୍ରଥମ ଦିନରେ କିଭଳି ଭାବେ ପଞ୍ଚାୟତବାସୀ ସରକାରଙ୍କ ଜନକଲ୍ୟାଣ ଯୋଜନା ହକଦାର ହେବେ ସେ ସମ୍ପର୍କରେ ଅଧିକାରଙ୍କ ସହିତ ଆଲୋଚନା କରିଥିଲେ । ବିରୋଧୀ ଭାଗବତ ବହିରେ ଟଙ୍କା ବାଣ୍ଟିବା ହେଉକି ବିଭିନ୍ନ ସୋସିଆଲ ମିଡ଼ିଆରେ ମୋ ବିରୋଧରେ ମିଛ ଗୁଜବ ଖବର ଅପ୍ରଚାର କରି ମୋତେ ବଦ୍‌ନାମ କରିବା ପାଇଁ ଯେଉଁ ଷଡ଼ଯନ୍ତ୍ର କରିଥିଲେ । ପଞ୍ଚାୟତବାସୀ ସଠିକ ସମୟରେ ସଠିକ ଜବାବ ଦେଇ ମୋତେ ନିର୍ବାଚିତ କରିଥିବାରୁ ପଞ୍ଚାୟତବାସୀଙ୍କୁ ଗଣମାଧ୍ୟମ ଜରିଆରେ ଶୁଭେଚ୍ଛା ଜଣାଇଥିଲେ । ତାଳଦା ପଞ୍ଚାୟତର ବିକାଶ ନାଁରେ କିଛି ନ୍ୟସ୍ତ ସ୍ୱାର୍ଥ ଖଳପ୍ରକୃତିର ଲୋକ ବିନାଶ କରୁଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ସମାଜସେବୀ ପ୍ରତାପ ପରିଡ଼ା ଅଭିଯୋଗ କରିଥିଲେ ।କହିଥିଲେ ଏ ଜିତ୍ ପଞ୍ଚାୟତର ମା,ଭାଇ,ଭଉଣୀଙ୍କ ଜିତ୍ ଏମାନେ ଯଦି ବିକାଶ ଚାହାନ୍ତି ତେବେ ଦ୍ୱୀପାଞ୍ଚଳବାସୀ ଅଧୁରା ସ୍ୱପ୍ନ ବ୍ରିଜ ପୂର୍ଣ୍ଣାଙ୍ଗରେ ସହଯୋଗ କରିବା ପରିବର୍ତ୍ତେ ସେଠାରୁ ରାତି ଅଧରେ କଞ୍ଚାମାଲ ଚୋରି କରୁଛନ୍ତି । ବିଭିନ୍ନ ସମୟରେ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ନାଲି ଆଖି ଦେଖାଇ ବ୍ରିଜ ପୂର୍ଣ୍ଣାଙ୍ଗ ବନ୍ଦ କରିପାରିବେ ନାହିଁ ବୋଲି ପ୍ରରୋକ୍ଷରେ ବିରୋଧୀଙ୍କୁ ଚରମବାଣୀ ଶୁଣାଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟରେ କମୁଛି ...

ନେଇଥିବା ପଦକ୍ଷେପ ଯୋଗୁ ଏହା ସମ୍ଭବ ହୋଇଛି । ଗର୍ଭାବସ୍ଥାରେ ମହିଳାମାନଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଓ ସେମାନଙ୍କର ଯତ୍ନ କାରଣରୁ ମୃତ୍ୟୁହାର କମିଛି । ରାଜ୍ୟ ସରକାରଙ୍କ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ପଦକ୍ଷେପକୁ ରିପୋର୍ଟରେ ପ୍ରଶଂସା କରାଯାଇଛି । ୨୦୧୬/୧୮ରେ ଏମ୍‌ଏମ୍‌ଆର ୧୫୦ ପଏଣ୍ଟ ଥିବା ବେଳେ ୨୦୧୭/୧୯ରେ ଏହା ୧୩୬କୁ ଖସି ଆସିଛି । ମାତ୍ର ସର୍ବଭାରତୀୟ ସ୍ତରରେ ମାତୃ ମୃତ୍ୟୁହାର ୧୦୩ ଥିବା ବେଳେ ଓଡ଼ିଶାରେ ଏହା ୩୩ ପଏଣ୍ଟ ଅଧିକ ରହିଛି । ୧ଲକ୍ଷ ଶିଶୁଙ୍କ ଜନ୍ମରେ ଯେତିକି ସଂଖ୍ୟକ ମା’ ପ୍ରାଣ ହରାଇଥାନ୍ତି ତାହାକୁ ମାତୃ ମୃତ୍ୟୁ ହାର ଭାବେ ବିଚାର କରାଯାଇଥାଏ । ୨୦୦୧/୦୩ ମସିହାରୁ ରାଜ୍ୟରେ ଲଗାତାର ଭାବେ ମାତୃ ମୃତ୍ୟୁ ହାର ହ୍ରାସ ପାଉଛି । ଏହି ବର୍ଷ ରାଜ୍ୟରେ ମାତୃ ମୃତ୍ୟୁ ହାର ୩୫୮ ଥିବା ବେଳେ ୨୦୨୭/୧୯ରେ ଏହା ୧୩୬କୁ ଖସି ଆସିଛି । ଏହି ସମୟରେ ଦେଶରେ ପ୍ରତି ୧ଲକ୍ଷ ଶିଶୁଙ୍କ ଜନ୍ମରେ ୩୦୧ଜଣ ମା’ ପ୍ରାଣ ହରାଉଥିବା ବେଳେ ଏବେ ତାହା ୧୦୩ ରହିଛି । ତେବେ ମାତୃ ମୃତ୍ୟୁ ହାରରେ ଉଲ୍ଲେଖନୀୟ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶା ଦେଶର ୧୯ଟି ବଡ଼ ରାଜ୍ୟ ଭିତରେ ୧୪ ନମ୍ବର ସ୍ଥାନରେ ରହିଛି । ଓଡ଼ିଶା ପଛକୁ ଆସାମରେ ସର୍ବାଧିକ ୨୦୫ ମା’ଙ୍କ ଜୀବନ ଯାଉଥିବା ବେଳେ ଉତ୍ତର ପ୍ରଦେଶରେ ୧୬୭, ଛତିଶଗଡ଼ ୧୬୦, ମଧ୍ୟପ୍ରଦେଶ ୧୬୩, ରାଜସ୍ଥାନ ୧୪୧ ଜଣ ପ୍ରାଣ ହରାଉଛନ୍ତି । ମାତ୍ର ମାତୃ ମୃତ୍ୟୁ ହାର ରୋକିବା ଦିଗରେ ପଶ୍ଚିମବଙ୍ଗର ପ୍ରଦର୍ଶନ ସବୁଠାରୁ ଖରାପ ରହିଛି । ୨୦୧୭/୧୯ରେ ପଶ୍ଚିମ, ହରିୟାନା, ଉତ୍ତରାଖଣ୍ଡ, ଛତିଶଗଡ଼ରେ ମାତୃ ମୃତ୍ୟୁହାର ବୃଦ୍ଧି ପାଇଛି । ରାଜ୍ୟରେ ମାତୃ ମୃତ୍ୟୁ ହାର ରୋକିବା ଦିଗରେ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ‘ସଂପୂର୍ଣ୍ଣା’ ଯୋଜନା ଅନୁଯାୟୀ ଅପହଞ୍ଚ ଅଞ୍ଚଳରେ ଗର୍ଭବତୀ ମହିଳାମାନଙ୍କୁ ସେବା ଯୋଗାଇ ଦିଆଯାଉଛି । ଗର୍ଭ ଧାରଣ ସମୟରେ ୪ଥର ଚେକ୍‌ଅପ୍, ସ୍ୱାସ୍ଥ୍ୟାନୁଷ୍ଠାନରେ ପ୍ରସବ ପାଇଁ ସ୍ୱତନ୍ତ୍ରଭାବେ ପରିବହନ ବ୍ୟବସ୍ଥା, ମା’ ଗୃହ, ପ୍ରସବ ଗୃହକୁ ଗୁଣାବତ୍ତାକୁ ବୃଦ୍ଧି, ମା’କୁ ବେବି କିଟ୍ ଇତ୍ୟାଦି ପ୍ରଦାନ କରାଯାଉଛି । ଏହାବାଦ୍ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ଲକ୍ଷ୍ୟ, ଏଫ୍‌ଆରୟୁ ୟୁନିଟ୍, ଭିଏଚ୍‌ଏସ୍‌ଏନ୍‌ଡି, ଏମ୍ସିପି କାର୍ଡର ବିତରଣ ଭଳି ଯୋଜନାକୁ ଜାତୀୟ ସ୍ୱାସ୍ଥ୍ୟ ମିସନ୍ ଜରିଆରେ କାର୍ଯ୍ୟକାରୀ କରାଯାଇଛି । ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା.ବିଜୟ ପାଣିଗ୍ରାହୀ କହିଛନ୍ତି, ନିରନ୍ତର ବିକାଶ ଲକ୍ଷ୍ୟ(ଏସ୍‌ଡିଜି)ରେ ୨୦୩୦ ସୁଦ୍ଧା ଏମ୍‌ଏମ୍‌ଆରକୁ ୭୦ ପଏଣ୍ଟକୁ ଖସାଇବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମାତ୍ର ରାଜ୍ୟ ସରକାର ଏହା ପୂର୍ବରୁ ଧାର୍ଯ୍ୟ ଲକ୍ଷ୍ୟ ହାସଲ ପାଇଁ ପ୍ରଚେଷ୍ଟା କରୁଛନ୍ତି । ଗତ ୨ବର୍ଷ ଧରି କୋଭିଡ ସଂକ୍ରମଣ ସତ୍ତ୍ୱେ ଓଡ଼ିଶାର ପ୍ରଦର୍ଶନ ବେଶ୍ ଭଲ ରହିଛି । ମାତୃ ମୃତ୍ୟୁ ହାରକୁ ହ୍ରାସ କରିବା ଲାଗି ରାଜ୍ୟ ସରକାର ଯେଉଁ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତାହାକୁ ଆହୁରି ତ୍ୱରାନ୍ୱିତ କରିବା ଲାଗି ଉଦ୍ୟମ କରାଯିବ ବୋଲି ଡା.ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

### ଏପ୍ରିଲ ୨୯ରୁ ...

ଲକଡାଉନ୍ ଓ ସଟଡାଉନ୍ ପାଇଁ ସ୍କୁଲ ବନ୍ଦ ରହିଛି । ଅନେକ ମାନସିକ ଭାରସାମ୍ୟ ହରାଇଛନ୍ତି । ଗତବର୍ଷ କରୋନା ପାଇଁ ଦଶମ ଶ୍ରେଣୀ ପରୀକ୍ଷା ହୋଇପାରିନଥିଲା । ନୂଆ ମୂଲ୍ୟାୟନ ପଦ୍ଧତିରେ ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ଏବର୍ଷ ୨୦୨୧-୨୨ ଶିକ୍ଷାବର୍ଷରେ କିଛି ସ୍ଥିତି ସୁଧୁରିଛି । ସେ ଆହୁରି କହିଛନ୍ତି ଯେ,ଏବର୍ଷର ମାଟ୍ରିକ ପରୀକ୍ଷା ପାଇଁ ରାଜ୍ୟ ସରକାର ଅନେକ ଆଲୋଚନା କରିଛନ୍ତି । ମାଧ୍ୟମିକ ଶିକ୍ଷା ପରିଷଦ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷାବିତଙ୍କ ଦାବି ଓ ଅନୁରୋଧକୁ ନଜରରେ ରଖି ସମେଟିଭ୍ ଆସେସମେଣ୍ଟ ୨ ପରୀକ୍ଷା ପାଇଁ ପରାମର୍ଶ ଦେଇଥିଲେ । ଅଫଲାଇନ୍ ପରୀକ୍ଷା ପାଇଁ ମତ ପ୍ରକାଶ ପାଇଛି । ଏପରିକି ଦିନକୁ ଦୁଇଟି ବଦଳରେ ଗୋଟିଏ ବିଷୟରେ ପରୀକ୍ଷା ହେବ । କମ୍ ଦିନରେ ପରୀକ୍ଷା ଶେଷ ହେବ ବୋଲି ନିଷ୍ପତ୍ତି ନିଆଯାଇଛି । ସକାଳ ୮ଟାରୁ ପରୀକ୍ଷା ଆରମ୍ଭ ହେବ ବୋଲି ମତ ପ୍ରକାଶ ପାଇଛି । ତେବେ ଏପ୍ରିଲ ୨୯ରୁ ମାଟ୍ରିକ ପରୀକ୍ଷା ହେବ ବୋଲି ସେ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ସମସ୍ତଙ୍କ ପାଇଁ ଅଫଲାଇନରେ ମାଟ୍ରିକ ପରୀକ୍ଷା ହେବ । ତିନୋଟି ରୂପରେ ପିଲାଙ୍କ ଖାତା ମୂଲ୍ୟାୟନ ହେବ । ସମେଟିଭ୍ ଆସେସମେଣ୍ଟ ୨ ପରୀକ୍ଷା ସବୁ ଛାତ୍ରଛାତ୍ରୀ ନିଜ ସ୍କୁଲରେ ଦେବେ । ଯଦି ଦରକାର ପଡେ ନିକଟତମ ସ୍କୁଲରେ ପିଲା ପରୀକ୍ଷା ଦେବେ । ଏନେଇ ମାଧ୍ୟମିକ ସ୍କୁଲ ଶିକ୍ଷା ପରିଷଦ ଗାଇଡଲାଇନ୍ ଜାରି କରିବେ । ଛାତ୍ରଛାତ୍ରୀଙ୍କ ହିତ ଦୃଷ୍ଟିରୁ ଯେଉଁ ପଦ୍ଧତିରେ ଛାତ୍ରଛାତ୍ରୀ ଭଲ ମାର୍କ ରଖିବେ ସେହି ମାର୍କକୁ ଚୂଡାନ୍ତ କରାଯିବ । ପ୍ରଥମ ଦୁଇଟି ହେଉଛି ବିକଳ୍ପ ଓ ତୃତୀୟରେ ନୂଆ ପଦ୍ଧିତରେ ଫଳ ନିର୍ଦ୍ଧାରଣ ହେବ । ପ୍ରଥମ ପଦ୍ଧତିରେ ସମେଟିଭ୍ ଆସେସମେଣ୍ଟ୍ ୧ ଓ ଇଣ୍ଟରନାଲ ଆସେସମେଣ୍ଟକୁ ଦୁଇ ଗୁଣା କରି ଛାତ୍ରଛାତ୍ରୀଙ୍କ ମାର୍କ ବାହାରିବ । ଦ୍ୱିତୀୟ ପର୍ଯ୍ୟାୟରେ ସମେଟିଭ୍ ଆସେସମେଣ୍ଟ୨ ଆଧାରରେ ମାର୍କ ଦିଆଯିବ । ସମ୍ମେଟିଭ୍-୨ ମାର୍କ ୨ ଗୁଣ କରି ହିସାବ କରାଯିବ । ୩ୟ ପଦ୍ଧତି ହେଉଛି ଇଣ୍ଟରନାଲ୍ ଆସେସ୍ମେଣ୍ଟର ୨୦% ସମ୍ମେଟିଭ୍-୧ରୁ ୩୦% । ତେବେ ସମ୍ମେଟିଭ୍-୨ରୁ ୫୦ ପ୍ରତିଶତ ନମ୍ବର ନେଇ ମାର୍କିଂ କରାଯିବ । ବିଭିନ୍ନ ପରୀକ୍ଷା ଫଳ ମିଶାଇ ମାର୍କ ନିର୍ଦ୍ଧାରଣ କରାଯିବ । ଯେଉଁଥିରେ ଛାତ୍ରଛାତ୍ରୀ ସର୍ବାଧିକ ନମ୍ବର ରଖିବେ ତାକୁ ହିଁ ଚୂଡାନ୍ତ ଫଳ ବୋଲି ଧରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି ।

### ନାଟୋ-ଋଷ ...

କୌଣସି ବ୍ୟକ୍ତି ଋଷରେ ପୁଞ୍ଜି ନିବେଶ କରିବେ ନାହିଁ । ଋଷକୁ ଆର୍ଥକ ସ୍ତରରେ ଆମେରିକା ବର୍ବାଦ କରିଦେବ ବୋଲି ବାଇଡେନ କହିଛନ୍ତି । ବାଇଡେନ କହିଛନ୍ତି, “ୟୁରୋପରେ ଥିବା ଆମର ସମସ୍ତ ସହଯୋଗୀଙ୍କ ସହ ଆମେ ସବୁବେଳେ ରହିଛୁ । ନାଟୋ ସଦସ୍ୟ ରାଷ୍ଟ୍ରର ଗୋଟିଏ ଇଞ୍ଚ ଜମି ବି କାହାକୁ ଛଡ଼ା ଯିବ ନାହିଁ । ଏହାର ସୁରକ୍ଷା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଆମେରିକା ସବୁ ପ୍ରକାରର ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ । ତେବେ ଆମେ ୟୁକ୍ରେନରେ ଋଷ ବିରୋଧରେ ଲଢ଼େଇ କରିବୁ ନାହିଁ । ନାଟୋ ଓ ଋଷ ମଧ୍ୟରେ ସିଧାସଳଖ ଲଢ଼େଇ ହେବାର ଅର୍ଥ ତୃତୀୟ ବିଶ୍ୱଯୁଦ୍ଧ । ଏହାକୁ ଯେମିତି ହେଲେ ରୋକିବାକୁ ପଡ଼ିବ । ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ବିନା ଲଢ଼େଇରେ ୟୁକ୍ରେନ ଉପରେ ନିଜର ଦବଦବା ଜାହିର କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ସେ ବିଫଳ ହୋଇଛନ୍ତି । ପୁଟିନ ସଶକ୍ତ ମେଣ୍ଟ ଓ ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କକୁ ଭାଙ୍ଗିବାକୁ ଚାହିଁଥିଲେ, କିନ୍ତୁ ସେ ଫେଲ ମାରିଛନ୍ତି । ଆମେ ସବୁବେଳେ ୟୁକ୍ରେନ ସହ ରହିଛୁ । ଗଣତନ୍ତ୍ରର ଉପରେ କେବେ ହେଲେ ଏକଛତ୍ରବାଦ ତା’ର ପ୍ରଭାବ ବିସ୍ତାର କରିପାରିବ ନାହିଁ । ପୁଟିନ କେବେ ହେଲେ ତାଙ୍କ ଯୋଜନାରେ ସଫଳ ହେବେନି ।” ଏହାବାଦ ଆମେରିକା ପକ୍ଷରୁ ଋଷକୁ ମିଳିଥିବା ଅଧିକ ପସନ୍ଦର ଦେଶ ମାନ୍ୟତା ମଧ୍ୟ ପ୍ରତ୍ୟାହାର କରି ନିଆଯାଇଛି । ଆଗକୁ ଋଷ ଉପରେ ଆହୁରି ଅଧିକ କଟକଣା ଲଗାଯିବ ବୋଲି ମଧ୍ୟ ସେ ଚେତାବନୀ ଦେଇଛନ୍ତି । ଋଷ ଯଦି କେମିକାଲ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବ, ତା’ହେଲେ ଏଥିପାଇଁ ମସ୍କୋକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ରାଷ୍ଟ୍ରପତି ବାଇଡେନ କହିଛନ୍ତି । ଆମେରିକା ବ୍ୟତୀତ ୟୁରୋପୀୟ ୟୁନିୟନ ମଧ୍ୟ ଋଷ ଉପରେ ଆଉ ଏକ କଟକଣା ଲଗାଇଛି । ଏଣିକି ୟୁରୋପୀୟ ଦେଶଗୁଡ଼ିକ ରୁଷ ଠାରୁ କୌଣସି ପ୍ରକାରର ଷ୍ଟିଲ ଓ ଲୁହା ସାମଗ୍ରୀ ଆଣିବେ ନାହିଁ ।

### ବିଜୟର ...

ମିଶି ଧର୍ମେନ୍ଦ୍ର ବିରୋଧୀଙ୍କୁ ମାତ ଦେବା ପାଇଁ ରଚିଥିଲେ ରଣନୀତି । ଏବେ ହୋଇଛନ୍ତି ବିଜୟର ବିନ୍ଧାଣୀ । ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଯେବେଯେବେ ଧର୍ମେନ୍ଦ୍ରଙ୍କ ଉପରେ ବିଶ୍ୱାସ ପ୍ରକଟ କରି ଗୁରୁ ଦାୟିତ୍ୱ ଦେଇଛନ୍ତି, ସବୁବେଳେ ସେ ତାହା ପୂରଣ କରି ଦେଖାଇଛନ୍ତି । ଧର୍ମେନ୍ଦ୍ରଙ୍କ ପରିଶ୍ରମ ଦଳ ଏବଂ ସଂଗଠନକୁ ଅଧିକ ମଜବୁତ କରାଇଛି । ୟୁପି ପୂର୍ବରୁ ପ୍ରଭାରୀ ଦାୟିତ୍ୱ ତୁଲାଇ ବିହାର, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, କର୍ଣ୍ଣାଟକ, ଛତିଶଗଡ଼ ପରି ରାଜ୍ୟରେ ଦଳକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଧର୍ମେନ୍ଦ୍ର । ୨୦୦୭ରୁ ୨୦୧୦ ପର୍ଯ୍ୟନ୍ତ ଛତିଶଗଡ଼ର ପ୍ରଭାରୀ ଥିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ୨୦୦୮ରେ ରାଜ୍ୟରେ ହୋଇଥିବା ନିର୍ବାଚନରେ ବିଜେପି ୫୦ ଆସନ ସହ ସରକାର ଗଢିଥିଲା । ଏହାପରେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ଆସ୍ଥା ଭାଜନ ହେବାରେ ସଫଳ ହୋଇଥିଲେ ଧର୍ମେନ୍ଦ୍ର । ଏହାପରେ ଉତ୍ତରାଖଣ୍ଡ, ଝାରଖଣ୍ଡ, କର୍ଣ୍ଣାଟକ, ବିହାରର ପ୍ରଭାରୀ ହୋଇଥିଲେ । ଝାଡଖଣ୍ଡକୁ ଛାଡି ଆଜି ଏହି ସବୁ ରାଜ୍ୟରେ ବିଜେପିର ଶାସନ । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପି ଦ୍ୱିତୀୟ ସ୍ଥାନରେ ରହିଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପରାଜିତ ହୋଇଥିଲେ । ମମତାଙ୍କୁ ପରାଜିତ କରିବାର ଶ୍ରେୟ ଧର୍ମେନ୍ଦ୍ରଙ୍କ ନିର୍ବାଚନ ପରିଚଳନାକୁ ଯାଇଛି । ନନ୍ଦିଗ୍ରାମ ଆସନରେ ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କୁ ବିଜୟର ମୁକୁଟ ପିନ୍ଧାଇବାରେ ଧର୍ମେନ୍ଦ୍ରଙ୍କ ଥିଲା ବଡ଼ ହାତ । ଧର୍ମନ୍ଦ୍ରଙ୍କ ରଣନୀତି ସେଠାରେ ଦିଦିଙ୍କୁ ମାଟି କାମୁଡାଇଥିଲା । ରାଜନୈତିକ ବିସାରଦଙ୍କ ମତରେ ୨୦୨୨ ଉତ୍ତର ପ୍ରଦେଶ ନିର୍ବାଚନ ୨୦୨୪ର ଦିଲ୍ଲୀ ରାଜନୀତି ସ୍ଥିର କରିବ । ଠିକ ଏହିପରି ସମୟରେ ଧର୍ମେନ୍ଦ୍ରଙ୍କୁ ୟୁପିର ନିର୍ବାଚନ ପ୍ରଭାରୀ କରି ଦଳ ଯେଉଁ ବିଶ୍ୱାସ ପ୍ରକଟ କରିଥିଲା ତାହା ପୂରଣ କରିବାରେ ଧର୍ମେନ୍ଦ୍ର ସଫଳ ହୋଇଛନ୍ତି ।

### ଗୋଟିଏ ଟିମ୍‌ରେ ...

ଆମର କଠିନ ପରିଶ୍ରମକୁ ଜନସାଧାରଣ ସବୁବେଳେ ସ୍ୱୀକୃତି ଦେଇଛନ୍ତି । ସାରା ରାଜ୍ୟରେ ପଞ୍ଚାୟତ ନିର୍ବାଚନରେ ଏକ ଐତିହାସିକ ରାୟ ଦେଇଛନ୍ତି । ସେଥିପାଇଁ ଜନସାଧାରଣଙ୍କ ନିକଟରେ ଆମେ ଋଣୀ ବୋଲି ସେ କହିଥିଲେ । ଏ ବିଜୟ ଏକ ବହୁତ ବଡ ଦାୟିତ୍ୱ ବୋଲି ପ୍ରକାଶ କରି ସେ କହିଥିଲେ, “ମୁଁ ଆଶା କରୁଛି ଯେ ଆପଣମାନେ ଆପଣଙ୍କ ଗାଁର, ଆପଣଙ୍କ ଅଞ୍ଚଳର ବିଜୟ ପାଇଁ କାମ କରିବେ । ଲୋକଙ୍କ ସୁଖଦୁଃଖରେ ସବୁବେଳେ ସେମାନଙ୍କ ସାଥିରେ ରହିବେ ।” ୫-ଟି ସ୍କୁଲ ରୂପାନ୍ତରରେ ସେମାନଙ୍କ କାମକୁ ପ୍ରଶଂସା କରି ଆଗାମୀ ଦିନରେ ମଧ୍ୟ ବିକାଶ କାମକୁ ଆହୁରି ଜୋରରେ ଆଗେଇ ନେବେ ବୋଲି ଶ୍ରୀ ପଟ୍ଟନାୟକ ଆଶା ପ୍ରକାଶ କରିଥିଲେ । ହିଞ୍ଜିଳି ଓ ଶେରଗଡ ବ୍ଲକ୍‌ର ଉନ୍ନତି ପାଇଁ ସମସ୍ତେ ମିଳିମିଶି ଏକ ଟିମ୍ ଭାବରେ କାମ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି ।

### ମା’ଙ୍କ ସହ ଭୋଜନ ...

ତା’ମନ ପୁରି ଉଠେ । ଶ୍ରଦ୍ଧାରେ କୋଳେଇ ନିଏ । ତା ସୁଖ ଦୁଃଖ ବୁଝେ । ଗୁରୁବାର ଏମିତି ଏକ ଭାବପ୍ରବଣ ଦୃଶ୍ୟ ସୋଶାଲ ମିଡିଆରେ ଭାଇରଲ ହୋଇଛି । ଦୃଶ୍ୟଟି ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ମା’ ଏକାଠି ଗୋଟିଏ ଟେବୁଲରେ ଖାଇବା । ଉଭୟେ ଶ୍ରଦ୍ଧାରେ ଖାଉଥିବା ବେଳର ଫଟୋ ଏବେ ଭାଇରାଲ ହେବାରେ ଲାଗିଛି । ଫଟୋକୁ ନେଇ ଲୋକେ ଭାବପୂର୍ଣ୍ଣ ପ୍ରତିକ୍ରିୟା ମଧ୍ୟ ଦେଉଛନ୍ତି । ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଗୁଜରାଟ ଗସ୍ତରେ ଆସିଥିଲେ । ଏହି ଅବସରରେ ସେ ଅହମ୍ମଦାବାଦରେ ବିଶାଳ ରୋଡ଼ ଶୋ’ କରିଥିଲେ । ପରେ ଗାନ୍ଧିନଗରରେ ରହୁଥିବା ନିଜ ମା’ ହୀରାବେନଙ୍କୁ ମୋଦି ଭେଟିଥିଲେ । ମାଙ୍କ ପାଦ ତଳେ ମୁଣ୍ଡିଆମାରି ଆଶୀର୍ବାଦ ମଧ୍ୟ ନେଇ ଥିଲେ । ପରେ ମା-ପୁଅ ଏକାଠି ଭୋଜନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ମା’ ହୀରାବେନ୍ ମୋଦି ଗାନ୍ଧୀନଗରରେ ରୁହନ୍ତି । ଅନେକ ସମୟରେ ମୋଦି ନିଜ ମା’ଙ୍କୁ ଭେଟିବା ପାଇଁ ସେଠାକୁ ଯାଆନ୍ତି । ଜନ୍ମଦିନରେ ମା’ଙ୍କ ପାଖରେ ପହଞ୍ଚି ଆଶୀର୍ବାଦ ନେବାକୁ କେବେ ଭୁଲନ୍ତିନି ମୋଦି ।

### କାହା ବଳରେ ...

ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରାଯାଇଛି । ଅଭିଯୋଗର ପଞ୍ଜିକରଣ ମଧ୍ୟ କରାଯାଇଛି । ଯାହାର ନମ୍ବର ଏଲ୍‌ୱାଇ-୫୬/୨୨ । ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହେବା ପରେ ଦୁର୍ନୀତିଗ୍ରସ୍ତ ବିଡିଓଙ୍କୁ ୬.୪.୨୨ ତାରିଖରେ ବ୍ୟକ୍ତିଗତ ହାଜିରା ପାଇଁ ନୋଟିସ୍ ଜାରି କରାଯାଇଛି । ତେଣୁ ବନ୍ତ ବିଡିଓଙ୍କ ସବୁ ଦୁର୍ନୀତିର ପର୍ଦ୍ଦାଫାସ ପାଇଁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଦାବି କରୁଛନ୍ତି ।

### ନ୍ୟାୟ ଅପେକ୍ଷାରେ ...

୧୫ ତାରିଖରୁ ଆରମ୍ଭ ହୋଇଥିଲା । ୫୭୦ ପୃଷ୍ଠା ସମ୍ବଳିତ ଅନ୍ତରୀଣ ଆବେଦନରେ ଛତିଶଗଡ ସରକାରଙ୍କ ଦ୍ୱାରା ମହାନଦୀର ଉପରମୁଣ୍ଡରେ ନିର୍ମାଣ କରାଯାଇଥିବା ୬ ଟି ବ୍ୟାରେଜ ଉପରେ ସ୍ଥଗିତାଦେଶ ଜାରି କରିବା ତଥା ମହାନଦୀରେ ଅଣ-ମୌସୁମୀ ସମୟରେ ୧.୭୪ ନିୟୁତ ଏକର ଫୁଟ (ଏମ୍‌ଏଏଫ୍) ଜଳ ଛାଡିବା ପାଇଁ ଛତିଶଗଡକୁ ନିର୍ଦ୍ଦେଶ ଦେବାପାଇଁ ପ୍ରାର୍ଥନା କରାଯାଇଥିଲା । ମାମଲାର ଶୁଣାଣି ଫେବ୍ରୁଆରି ୯, ୨୦୧୯ ରେ ଶେଷ ହୋଇଥିଲା । ମାମଲାର ରାୟ ସଂରକ୍ଷିତ ରଖିବା ସହିତ ଟ୍ରିବ୍ୟୁନାଲ ଦୁଇ ରାଜ୍ୟକୁ ଅନ୍ତରୀଣ ବ୍ୟବସ୍ଥା ପାଇଁ ଆପୋସ ଆଲୋଚନା ପାଇଁ ପରାମର୍ଶ ଦେଇଥିଲେ । ସମୁଦାୟ ୭ ଥର ଟ୍ରିବ୍ୟୁନାଲ ଉଭୟ ରାଜ୍ୟଙ୍କୁ ଆପୋସ ଆଲୋଚନା ପାଇଁ ସୁଯୋଗ ଦେଇଥିଲେ । ତଦନୁସାରେ ଉଭୟ ପକ୍ଷ ମାର୍ଚ୍ଚ ୨୦୧୯ ପରଠାରୁ ୧୦ ଥର ବୈଠକ କରିଛନ୍ତି । ଉଭୟ ରାଜ୍ୟର ଜଳସଂପଦ ବିଭାଗର ସଚିବ ସ୍ତରୀୟ, ଆଡଭୋକେଟ ଜେନରାଲ ସ୍ତରୀୟ ଏବଂ ବୈଷୟିକ ଟିମ୍ ସ୍ତରୀୟ ଆଲୋଚନା ହୋଇଛି । ହେଲେ ବୃଥା ଯାଇଛି । ଓଡ଼ିଶାର ଯୁକ୍ତିକୁ ଛତିଶଗଡ ମାନିବାକୁ ପ୍ରସ୍ତୁତ ନାହିଁ ଏବଂ ଛତିଶଗଡର ଯୁକ୍ତିକୁ ଓଡ଼ିଶା ଗ୍ରହଣ କରିପାରୁନାହିଁ । ବରଂ ଉଭୟ ରାଜ୍ୟ ମହାନଦୀର ଛତିଶଗଡ ଓ ଓଡ଼ିଶା ପଟରେ ବୁଲିବୁଲି ଅଧିକ ତଥ୍ୟ ସଂଗ୍ରହ କରୁଛନ୍ତି । ଏଥିରୁ ଗୋଟିଏ ସଙ୍କେତ ମିଳୁଛି ଯେ ଆସନ୍ତା ଦିନରେ ଅଧିକ ବଳିଷ୍ଠ ଢଙ୍ଗରେ ଲଢ଼ିବାକୁ ଉଭୟ ରାଜ୍ୟର ଏହା ପ୍ରସ୍ତୁତି ହୋଇପାରେ । ଓଡ଼ିଶାରୁ ନଅ ଜଣ ଏବଂ ଛତିଶଗଡ ପକ୍ଷରୁ ସାତ ଜଣ ସାକ୍ଷୀଙ୍କ ତାଲିକା ଟ୍ରିବ୍ୟୁନାଲରେ ଦାଖଲ କରାଯାଇଛି । ଟ୍ରାଏଲ ସମୟରେ ସାକ୍ଷୀମାନେ ମହାନଦୀ ଜଳ ପ୍ରବାହ ତଥା ମାମଲା ସଂପର୍କିତ ଅନ୍ୟ ସବୁ ଦିଗ ଉପରେ ତଥ୍ୟ ଉପସ୍ଥାପନ କରିବେ । ହେଲେ ଏବେବି ମାମଲାର ଟ୍ରାଏଲ ଆରମ୍ଭ ହୋଇପାରିନାହିଁ । ସୂଚନାଯୋଗ୍ୟ, ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଧାର୍ଯ୍ୟ ୩ ବର୍ଷ ମଧ୍ୟରେ ରିପୋର୍ଟ ଦାଖଲ କରିପାରିନାହାନ୍ତି । ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଗତ ବର୍ଷ ଟ୍ରିବ୍ୟୁନାଲର ଅବଧିକୁ ଦୁଇ ବର୍ଷ ବୃଦ୍ଧି କରିଥିଲେ । ଆସନ୍ତା ବର୍ଷ (୨୦୨୩) ମାର୍ଚ୍ଚ ୧୧ ତାରିଖରେ ଟ୍ରିବ୍ୟୁନାଲଙ୍କ ଅବଧି ଶେଷ ହେବ । ଏହି ସମୟ ଭିତରେ ଟ୍ରିବ୍ୟୁନାଲ ଚୂଡାନ୍ତ ରିପୋର୍ଟ ଦାଖଲ କରିପାରିବ କି ନାହିଁ, ସେ ନେଇ ଏବେ ବି ବିଶେଷଜ୍ଞ ସନ୍ଦିହାନ ଅଛନ୍ତି । ଏଭଳି ସ୍ଥିତିରେ କୋର୍ଟଙ୍କ ରାୟକୁ ଅପେକ୍ଷା କରିଛନ୍ତି ଓଡ଼ିଶାବାସୀ ।

# କଟକ ବଡ଼ମେଡ଼ିକାଲ ଯକୃତ ବିଭାଗରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା

**କଟକ :** କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ ଯକୃତ ରୋଗ ବିଭାଗ (ହେପାଟୋଲୋଜି ବିଭାଗ)ରେ ଜାତୀୟ ହେପାଟାଇଟିସ ଟୀକାକରଣ କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ଚିକିତ୍ସକ ମାନଙ୍କ ପ୍ରଶିକ୍ଷଣ କର୍ମଶାଳା ଉଦଘାଟନ ହୋଇଯାଇଛି । ବିଶିଷ୍ଟ ଲିଭର ବିଶେଷଜ୍ଞ ତଥା ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଦଣ୍ଡେଶ୍ୱର ହୋତା ଏହାକୁ ଉଦ୍‌ଘାଟନ କରିଥିଲେ । ଚଳିତ ମାର୍ଚ୍ଚ ୯ରୁ ୧୧ ଓ ମାର୍ଚ୍ଚ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସମଗ୍ର ଓଡ଼ିଶାର ୩୦ଟି ଜିଲ୍ଲାରୁ ୬୦ଜଣ ଚିକିତ୍ସକ ଭାଇରାଲ ହେପାଟାଇଟିସର ଚିକିତ୍ସା ଓ ନିରାକରଣ ବିଷୟରେ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ଲାଭ କରିବେ । ସୂଚନାଥାଉକି ହେପାଟୋଲୋଜି ବିଭାଗର ତତ୍ତ୍ୱାବଧାନରେ ହେପାଟାଇଟିସ ବି ଓ ହେପାଟାଇଟସି - ସି ରୋଗର ମାଗଣା ନିଦାନ ଓ ଚିକିତ୍ସା ଦୀର୍ଘ ପାଞ୍ଚ ବର୍ଷ ଧରି ଚାଲିଆସୁଛି । ଏହି ବିଭାଗରରେ ମାଗଣା ଫାଇବ୍ରୋ ସ୍କାନ ପରୀକ୍ଷା ସହ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ହେପାଟାଇଟିସ ସମ୍ପର୍କିତ ସମସ୍ତ ମାଗଣା ପରୀକ୍ଷା ଓ ଔଷଧପତ୍ର ବିତରଣ କରାଯାଉଛି । କେବଳ ଓଡ଼ିଶା ନୁହେଁ ପୂର୍ବ ଭାରତର ବିଭିନ୍ନ ରାଜ୍ୟର ଅନେକ ରୋଗୀ ପ୍ରତିଦିନ ଏହି ବିଭାଗକୁ ଉଚ୍ଚ ଚିକିତ୍ସା ପାଇଁ ଆସୁଛନ୍ତି । ଏହି କାର୍ଯ୍ୟକ୍ରମରେ ହେପାଟୋଲୋଜି ବିଭାଗର ଡାକ୍ତର ସନାତନ ବେହେରା, ଡାକ୍ତର ସୁଶାନ୍ତ କୁମାର ଜେନା, ଡାକ୍ତର ମାନସ କୁମାର ବେହେରା, ଡାକ୍ତର ମନୋଜ କୁମାର ପାଣି, ଡାକ୍ତର ବନ୍ଦନା ତାଲୁକଦାର, ଡାକ୍ତର ରୀତ ରୋହିଣୀ, ଡାକ୍ତର ଶିବମ ବାଜପେୟୀ, ଡାକ୍ତର ବିବେକ ପ୍ରକାଶ, ଡାକ୍ତର ଅରୂପମ ମହାପାତ୍ର, ଡାକ୍ତର ପ୍ରବୀର ମାଝୀ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପବ୍ଲିକ ହେଲଥର ନିର୍ଦ୍ଦେଶିକା ଡାକ୍ତର ପ୍ରମିଳା ବରାଳ, ଡେସିନାଲ ଡାଇରେକ୍ଟର ଡାକ୍ତର ଅଶୋକ ପଟ୍ଟନାୟକ ମଧ୍ୟ ଏହି ପ୍ରଶିକ୍ଷଣରେ ଯୋଗ ଦେଇଥିଲେ । ସମସ୍ତ ଚିକିତ୍ସକ ମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସବଡିଭିଜିନାଲ ଚିକିତ୍ସାଳୟ ମାନଙ୍କରେ ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା ଓ ମାର୍ଗଦର୍ଶନ ପାଇଁ ପରାମର୍ଶ ଦିଆଯାଇଥିଲା । ପରିଶେଷରେ ଡାକ୍ତର ବନ୍ଦନା ତାଲୁକଦାର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ରବୀନ୍ଦ୍ର ପାଇଲେ ପ୍ରଥମ ଶିଳ୍ପୀକା ସମ୍ମାନ



**ଭୁବନେଶ୍ୱର :** ଆଜାଦ୍ କା ଅମୃତ ମହୋତ୍ସବ ଅବସରରେ ଶିଳ୍ପୀକା ସୋସାଇଟ୍ ଅଫ କଲଚର ପକ୍ଷରୁ ଆୟୋଜିତ ପ୍ରଥମ ଶିଳ୍ପୀକା ସମ୍ମାନ ଏବଂ ଡାର୍କ ଟୁ ଲାଇଟ୍ ସାଂସ୍କୃତିକ ସମାରୋହ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡିଶାର ସୁନାମଧନ୍ୟ ବ୍ୟକ୍ତି ବିଶେଷ ତଥା ଓଡ଼ିଶୀନୃତ୍ୟ ଗୁରୁ ପ୍ରତିଭା ପଣ୍ଡା, ସମାଜସେବୀ ମନୋରଞ୍ଜନ ଦାସ, ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ତଥା ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨ (ସତ୍ୟଭାମାପୁର) ର କଳାଶିକ୍ଷକ ରବୀନ୍ଦ୍ର କୁମାର ମହାରଣା, ସାମାଜିକ କର୍ମୀ ଜ୍ୟୋର୍ତିମୟୀ ପଣ୍ଡା ଏବଂ ସାମ୍ବାଦିକ ଲିଙ୍ଗରାଜ ସାହୁଙ୍କୁ ଶିଳ୍ପୀକା ସମ୍ମାନ -୨୦୨୨ ରେ ସମ୍ମାନିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୁତି ଭୂଷଣ କର, ବରିଷ୍ଠ ସାମ୍ବାଦିକ ସନତ ମିଶ୍ର , ଶିଳ୍ପପତି ରଜତ ମହାପାତ୍ର ଯୋଗଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ବାସୁଦେବ ନାଥଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ କୁନି କୁନି ଚିତ୍ରକର ଏବଂ ନୃତ୍ୟଶିଳ୍ପୀ ମାନଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସର୍ବଶେଷରେ ପାର୍ବତୀ ବାରିକ ଓ ଗୌରାଙ୍ଗ ଦାସଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଶିଳ୍ପୀକାର କଳାକାରମାନେ ଓଡିଶୀ ନୃତ୍ୟ , ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିବା ସହ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ଆର୍ଶୀବାଦ ଫାଉଣ୍ଡେସନର ପ୍ରଥମ ବାର୍ଷିକ ଉତ୍ସବ




**ଅସ୍ତରଙ୍ଗ :** ଅସ୍ତରଙ୍ଗ ଠାରେ ଅବସ୍ଥାପିତ ଆର୍ଶୀବାଦ ଫାଉଣ୍ଡେସନ ଲିମିଟେଡ଼ ପ୍ରଥମ ବାର୍ଷିକ ଉତ୍ସବ ପାଳନ କରିଛି । କୋଭିଡ଼ କଟକଣାକୁ ମାନି ସ୍ଥାନୀୟ ଅଫିସ ପରିସରରେ ଗ୍ରାହକ ଶୁଭେଚ୍ଛା ମାନଙ୍କୁ ନେଇ ଆୟୋଜିତ ବାର୍ଷିକ ଉତ୍ସବରେ କିଭଳି ଭାବେ ଗ୍ରାହକମାନେ ଉନ୍ନତରୁ ଉନ୍ନତ ମାନର ସେବା ପାଇପାରିବେ ସେଥିପାଇଁ ଆର୍ଶୀବାଦ ଫାଉଣ୍ଡେସନ ସବୁବେଳେ ସର୍ବଦା ଆପଣଙ୍କ ପାଖରେ ଅଛି ବୋଲି ଆୟୋଜିତ ବାର୍ଷିକ ଉତ୍ସବରେ ଶାଖା ପରିଚାଳକ ମନୋଜ ଦାସ ଗ୍ରାହକ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କର୍ମଜିବୀ ସାମ୍ବାଦିକ ସଂଘ (ଓ.ୟୁଡ଼.ବ୍ଲୁ.ଯେ) ପୁରୀ ଜିଲ୍ଲା ଶାଖା ସଭାପତି ଶରତ ପରିଡ଼ା । ଯୋଗଦେଇଥିବା ବେଳେ ଅତିରିକ୍ତ ଶାଖା ପରିଚାଳକ ପ୍ରତିମ ଦାସ, ସେଲସ ଏକ୍ସିକ୍ୟୁଟିଭ୍ ତ୍ରିନାଥ ନାୟକ ଫାଉଣ୍ଡେସନର ଉତ୍ତରର କାମନା କରିଥିଲେ । ବାର୍ଷିକ ଉତ୍ସବରେ ଲକ୍ଷ୍ମୀପ୍ରିୟା ମହାରଣା, ପ୍ରଦିପ୍ତ ବେହେରା, ରାନି ବେହେରାଙ୍କ ସହ ଫାଉଣ୍ଡେସନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ଡାକ୍ତର ଦିଲ୍ଲୀପ କୁମାର ମହାରଣା

# ମଞ୍ଚରୁ ହଟିଯିବ ରାମଲୀଳା

ରୂପେଲି ପରଦାର ରଂଗୀନ ଆଲୁଅ ଭିତରେ ଏବେ ବି କମିନାହିଁ ରାମଲୀଳା ରଙ୍ଗମଞ୍ଚର ଆଦର । ସିନେମା ଓ ଟେଲିଭିଜନର ମନୋରଞ୍ଜନ ଦୁନିଆରେ ଏବେ ବି ଲୋକେ ଖୋଜୁଛନ୍ତି ସେଇ ପୌରାଣିକ ନାଟକ ମଞ୍ଚକୁ । ଖାସ୍ ଏଇଥିପାଇଁ ତ ସହରରେ ଏବେ ବି ବଂଚି ରହିଛି ବିଭିନ୍ନ ରାମଲୀଳା ସମିତି । ମନୋରଞ୍ଜନ ପାଇଁ ନୁହେଁ ବରଂ ସହରବାସୀଙ୍କ ମଧ୍ୟରେ ଏକପ୍ରକାର ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବା ପାଇଁ ପରିବେଷଣ କରାଯାଇଥାଏ ରାମଲୀଳା । ଏମିତିରେ ବି ହଜାର ବର୍ଷର ସହର କଟକରେ ପୌରାଣିକ ନାଟକର ଇତିହାସ ବହୁ ପୁରୁଣା । ବିଭିନ୍ନ ପର୍ବପର୍ବାଣୀ ମାନଙ୍କରେ ସହରବାସୀଙ୍କ ମନୋରଞ୍ଜନର ଏକ ମାତ୍ର ସୁଲଭ ଓ ବଳିଷ୍ଠ ମାଧ୍ୟମ ଥିଲା ପୌରାଣିକ ନାଟକ । ତେବେ ଶ୍ରୀରାମନବମୀ ଦିନ ମୁଖା ପୂଜା ହେବା ପରେ ସହରରେ ଆରମ୍ଭ ହୋଇଯାଏ ରାମଲୀଳା ସିଜିନ୍ । ବଦଳିଯାଏ କଳାକାରଙ୍କ ଜୀବନଚର୍ଯ୍ୟା । ସାଜସଜ୍ଜା, ରିହେଲ୍‌ସିଏଲରେ ମାତି ଯାଆନ୍ତି କଳାକାର । ଲୋକଙ୍କ ଗହଳି ଚହଳିରେ ଉତ୍ସବମୁଖର ହୋଇପଡ଼େ ଆଖଡ଼ାଶାଳ । ରାମ, ଲକ୍ଷ୍ମଣ, ସୀତା, ରାବଣ ଭୂମିକାରେ ପୋଷାକ ପିନ୍ଧି ମାସ ମାସ କାଳ ଆଖଡ଼ାଶାଳରେ ଅଭିନୟ କରିବା ପରେ ଆସିଥାନ୍ତି ରିୟଲ୍ ମଞ୍ଚକୁ । ପୌରାଣିକ ବିଷୟବସ୍ତୁକୁ ମଞ୍ଚରେ ଜୀବନ୍ତ ରୂପ ଦେଇ ହଜାର ହଜାର ଦର୍ଶକଙ୍କ ମନ ମୋହିଥାନ୍ତି । ଦର୍ଶକଙ୍କ ଅଜସ୍ର ତାଳି ଆଉ ଅସଂଖ୍ୟ ଗାଳିକୁ କଳାକାର ନିଜର ଆଶୀର୍ବାଦ ବୋଲି ଭାବି ନେଇଥାଏ । ତେବେ ବର୍ତ୍ତମାନ କଟକ ସହରରେ ପାଖାପାଖି ୩୦ରୁ ଅଧିକ ରାମଲୀଳା ସମିତି ରହିଛି । ପୂର୍ବରୁ କିନ୍ତୁ ୬୦ରୁ ଅଧିକ ରାମଲୀଳା ସମିତି ରହିଥିଲା । କେବଳ ସହରରେ ନୁହେଁ ବିଭିନ୍ନ ପର୍ବପର୍ବାଣିରେ ମଧ୍ୟ ଏହିସବୁ ସମିତିଗୁଡ଼ିକ ବାହାରକୁ ଯାଇ ନାଟକ ପରିବେଷଣ କରୁଥିଲା । ଏହି ପରିପ୍ରେକ୍ଷୀରେ ଚାଉଳିଆଗଂଜ ମଠସାହିରେ କାମେଶ୍ୱର ନାଟ୍ୟସଂଘ ପକ୍ଷରୁ ଆରମ୍ଭ ହୋଇଥାଏ ରାମଲୀଳା ମହୋତ୍ସବ । ଛଅ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବ ପାଇଁ ପ୍ରାୟ ମାସକ ଆଗରୁ ପ୍ରସ୍ତୁତିପର୍ବ ଆରମ୍ଭ ହୋଇଯାଇଥାଏ । ରାମ ଭୂମିକାରେ ଗଲା ୧୨ ବର୍ଷ ହେବା ଅଭିନୟ କରି ଆସୁଥିବା ଜନୈକ ବର୍ଷିଆନ ଅଭିନେତା କୁହନ୍ତି ଯେ, ପ୍ରଭୁଙ୍କ ଆଶୀର୍ବାଦ ନରହିଲେ କୌଣସି ଭୂମିକାରେ ଅବତୀର୍ଣ୍ଣ ହେବା ସହଜ ହୁଏନାହିଁ । ମୁଖ୍ୟତଃ ଏଥିପାଇଁ ନିଜର ନିଷ୍ଠା ରହିବା ନିହାତି ଜରୁରୀ । ପ୍ରାୟ ଦୁଇ ମାସ କାଳ ନିଜର ଜୀବନ ଚର୍ଯ୍ୟାକୁ ସଂପୂର୍ଣ୍ଣ ବଦଳାଇବାକୁ ପଡ଼ିଥାଏ । ଆମିଷ୍ୟ ଭକ୍ଷଣ ନକରି ପ୍ରତିଦିନ ଅରୁଆ ଖାଇବାକୁ ପଡ଼ିଥାଏ । ଏହାଦ୍ୱାରା ବେଶ୍ ମାନସିକ ଶାନ୍ତି ମିଳିଥାଏ। ଅନ୍ୟପକ୍ଷରେ ହନୁମାନ ଭୂମିକାରେ ଅବତୀର୍ଣ୍ଣ ହେଉଥିବା ଜେନିକ ପୁରୁଣା ଅଭିନେତା କୁହନ୍ତି ଯେ, ଏହା ଆମର ବୃତ୍ତି ନୁହେଁ । ବରଂ ଏହା ଏକପ୍ରକାର ମୋର ନିଶା । ରାମଲୀଳାରେ ହନୁମାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହୁଥିବାରୁ ଏହା ମୋ ପାଇଁ ସର୍ବଦା ଚାଲେଞ୍ଜ ସୃଷ୍ଟି କରିଥାଏ । ତେବେ ଯାହା ହେଉ ଏତେବର୍ଷ ଭିତରେ କେବେବି ମଞ୍ଚରେ ଅଭିନୟ କଲାବେଳେ କୌଣସି ଅଘଟଣ ଘଟିନାହିଁ ବୋଲି ସେ ପ୍ରକାଶ କରିଛନ୍ତି । ତେବେ ସୋସିଆଲ ଗଣମାଧ୍ୟମର ପ୍ରାବଲ୍ୟ ଯାହା ସାଂପ୍ରତିକ ପରିସ୍ଥିତିରେ ରାମଲୀଳା ଦେଖିବା ପ୍ରତି ଲୋକଙ୍କ ଆବେଗ କମିଯାଇଛି । ପୂର୍ବରୁ ରାତି ଦଶଟାରେ ରାମଲୀଳା ଆରମ୍ଭ ହେଉଥିଲା । ଏଥିପାଇଁ ପ୍ରାୟ ୫ଟା ବେଳୁ ମଞ୍ଚ ଚାରିକଡ଼େ ସପ, ମଶିଣା ପଡ଼ିବା ଆରମ୍ଭ ହୋଇଯାଇଥାଏ । ଯାହାକି ଏବେ ଆଉ ଦେଖିବାକୁ ମିଳୁନାହିଁ ।





ଓଡ଼ିଶାର କଳା, ସଂସ୍କୃତି, ସଂହତି, ସାମାଜିକ ପରମ୍ପରା ଓ ପୌରାଣିକ ଗୀତିନାଟ୍ୟ ସମଗ୍ର ବିଶ୍ୱର ଚୀର ବନ୍ଦନୀୟ। ଓଡ଼ିଶାର ଯାନିଯାତ୍ରା, ପର୍ବପର୍ବାଣୀ ଓ ଗୀତିନାଟ୍ୟ ବିଶେଷ ପ୍ରାଧାନ୍ୟ ଲାଭ କରିଛି । ସେଥିମଧ୍ୟରୁ ରାମଲୀଳା ଅନ୍ୟତମ। ପୁରାଣ ବର୍ଣ୍ଣିତ ରଘୁନାତଗାଥା, ପବିତ୍ର ରାମାୟଣର ଅମର କାହାଣୀ, ମା' ଜାନକୀଙ୍କ ଚରିତ୍ରରେ ପତିଭକ୍ତିର ପରାକାଷ୍ଠା, ହନୁମାନଙ୍କ ଭକ୍ତିର ନିଷ୍ଠା ଓ ସାଧନା, ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କ ଅଲୌକିକ ଭାତୃପ୍ରେମ, ପିତୃପ୍ରେମ, ଦେଶଭକ୍ତି, ତ୍ୟାଗ, ପ୍ରଜାବତ୍ସଳ ଆଦି ଅଲୌକିକ ପ୍ରତିଫଳନ ତଥା ସାମାଜିକ, ପାରିବାରିକ, ଜୀବନ ଦର୍ଶନର ଜ୍ୱଳନ୍ତ ପ୍ରତିଛବି। ଶାନ୍ତି, ମୈତ୍ରୀ ଓ ସଂହତିର ବାର୍ତ୍ତା ରାମାୟଣରୁ ହିଁ ମିଳିଥାଏ। ରାମାୟଣ ଗ୍ରନ୍ଥ ପୂର୍ବେ ତାଳପତ୍ର ପୋଥି ଆକାରରେ ଲେଖନୀ ମୁନରେ ଲେଖାଯାଇ ଏହାକୁ ପଠନ ଓ ଶ୍ରବଣ କରାଯାଇଥିଲା। କାଳକ୍ରମେ ଲୀଳା ଅଭିନୟରେ ଗୀତିନାଟ୍ୟକୁ ଅଧିକ ସରଳ ଓ ବୋଧଗମ୍ୟ ଭାବରେ ଗ୍ରନ୍ଥରେ ଲେଖିଯାଇଥିବାରୁ ଏହି ଗୀତିନାଟ୍ୟ ସାଧାରଣ ଲୋକଙ୍କ ମଧ୍ୟରେ ବେଶ ଆଦୃତ ଲାଭ କରିଛି। ସେଥି ମଧ୍ୟରୁ ଅନଙ୍ଗ ଓ ବିକ୍ରମ ନରେନ୍ଦ୍ରଙ୍କ ଲୀଳାଭିନୟରେ ଗୀତିନାଟ୍ୟ ଲୋକଙ୍କ ମଧ୍ୟରେ ଆଦୃତ ଲାଭ କରିପାରିଛି। ପ୍ରାୟତଃ ରାମଲୀଳା କାର୍ଯ୍ୟକ୍ରମ ରାମନବମୀ ଠାରୁ ଅନୁଷ୍ଠିତ ହୋଇଥାଏ ଯେଉଁଥିରେ ରାମ ଜନ୍ମ ଠାରୁ ଆରମ୍ଭ କରି ବିଦ୍ୟାଶିକ୍ଷା, ତାଡ଼କାବଧ, ଶିବଧନୁ ଭଗ୍ନ, ସୀତାବିବାହ, ବନଗମନ, ବନବାସ, ଭରତ ମିଳନ, ସ୍ୱପଣଖା ନାସାଛେଦନ, ସୀତାହରଣ, ବାଳିବଧ, ସୀତାଠବ, ଲଙ୍କାପୋଡ଼ି, ସେତୁବନ୍ଧ, ଇନ୍ଦ୍ରଜିତ ମହିରାବଣ ବଧ ଆଦି କ୍ରମାନ୍ୱୟରେ ଅଭିନୀତ ହୋଇଥାଏ। ଯେ ବାସ୍ତବ କଥା ହେଉଛି ସରକାରୀ ପ୍ରୋତ୍ସାହନ ମିଳୁ ସେହିପରି ଆମ୍ଭମାନଙ୍କ ଭିତରେ ମଧ୍ୟ ଏ ମୋବାଇଲ ଓ ସାମାଜିକ ଗଣମାଧ୍ୟମ ଯୁଗରେ ରାମଲୀଳା ଦେଖିବା ପାଇଁ ଓ ରାମକଥା ଶୁଣିବା ପାଇଁ ଆଗ୍ରହ ରହୁ ଏହା ହେଉଛି ବଡ଼ ବାସ୍ତବତା। ଏବଂ ମର୍ଯ୍ୟାଦା ପୁରୁଷୋତ୍ତମ ଜୀବନ କାହାଣୀ ଆମ ସମସ୍ତଙ୍କ ଭିତରେ ପ୍ରତିଫଳିତ ହେଲେ ଆଧ୍ୟାତ୍ମିକତା ଆଡ଼କୁ ଆମ୍ଭେମାନେ ଆଉ ଦୁଇପାଦ ଆଗେଇ ପାରିବା ନିଶ୍ଚୟ।

*ଶିଖରପୁର ଉପରସାହି, କଟକ*
*ଦୂରଭାଷ : ୮୨୮୦୯୭୩୨୮୩*







# 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ....'

ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି। ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଏକ ରଥର ଦୁଇ ଚକ। ଏକ ଶରୀରର ଦୁଇପାଦ। ଏକ ମୁଖର ଦୁଇ ନେତ୍ର। ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମାନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ଯୋ ପତ୍ନୀକଃ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ। ଓଡ଼ିଶାର ଆଧ୍ୟାତ୍ମିକ ଓ ସାମାଜିକ ତଥା ସମାଜ ସେବା କ୍ଷେତ୍ରରେ ବନ୍ଦନୀୟା ମହିଳା ମାନଙ୍କ ନାମ ସ୍ମରଣ କଲାଭିତରେ ସର୍ବାଗ୍ରେ ଆସିବେ ବହୁଦରଡାର ସ୍ୱର୍ଗତଃ ଶୈଳବାଳା ସାମଲ। ବିଶିଷ୍ଟ ଶିକ୍ଷାବିତ୍ ତଥା କ୍ଷେତ୍ରବାସୀ ଉଚ୍ଚବିଦ୍ୟାଳୟ ଚିନିଦାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସାମଲଙ୍କ ସେ ସହଧର୍ମିଣୀ। ଜଣେ ବିଶିଷ୍ଟ ସ୍ଥପତି ସ୍ୱର୍ଗତଃ ସୁରେନ୍ଦ୍ରନାଥ ବେଉରା ଓ ସ୍ୱର୍ଗତଃ ଲକ୍ଷ୍ମୀଦେବୀଙ୍କ କୋଳମଣ୍ଡନ କରିଥିବା ଶୈଳବାଳା ଦେବୀ ଭଗବାନ ଶ୍ରୀ ଶ୍ରୀ ସତ୍ୟସାଇ ବାବାଙ୍କ ଆଶ୍ରିତ। ଭଦ୍ରକର ବିଶିଷ୍ଟ ଖାନଦାନୀ ସାମଲ ଯୌଥ ପରିବାରର ସ୍ୱର୍ଗତଃ ମହେନ୍ଦ୍ର ପ୍ରସାଦ ସାମଲଙ୍କ ବଡ଼ବୋହୂ ଭାବେ ସେ ପାଣିଗ୍ରହଣ ପରେ ନିଜର ନୂଆ ଜୀବନ ଅତିବାହିତ କରିଛନ୍ତି। ତାଙ୍କର ଚାରି ଝିଅ ଓ ଏକ ପୁଅ ସମସ୍ତେ ପ୍ରତିଷ୍ଠିତ। ଗତବର୍ଷ ମାର୍ଚ୍ଚ ୫ ତାରିଖରେ ତାଙ୍କର ମହାପ୍ରୟାଣ ଘଟିଥିଲା ଏବଂ ଚଳିତ ବର୍ଷ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ତିନିଦିନ ବ୍ୟାପୀ ସୂର୍ଯ୍ୟପୂଜା, ଘଟପୂଜା, ବାସ୍ତୁପୂଜା ଓ ସମ୍ପୂର୍ଣ୍ଣ ଚଣ୍ଡୀପୂଜା ଯଜ୍ଞ ସହ ଅସ୍ଥି ବିସର୍ଜନ, ସମାଜ ସେବା କାର୍ଯ୍ୟକ୍ରମ, ପ୍ରସାଦ ସେବନ ବ୍ୟବସ୍ଥା ରହିଛି। ଜୀବନକାଳ ଭିତରେ ସବୁବେଳେ ସମାଜ ସେବା ଓ ଆଧ୍ୟାତ୍ମିକତା ଭିତରେ ଜୀବନ ନିର୍ବାହ କରିଥିବା ଏପରି କ୍ୱଚିତ ମହିଳାଙ୍କ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ। ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା'। ତେଣୁ ଉପନିଷଦରେ ବର୍ଣ୍ଣନା ଅଛି - ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ। ବିଶ୍ୱ ମହିଳା ଦିବସ ଅବସରରେ ଭାରତୀୟ ଧର୍ମ, ସଂସ୍କୃତି ଓ ଦିବ୍ୟ ସମାଜ ଗଠନ ସହ ପରିବାରରେ ମାତୃ ଆଦର୍ଶର ମହନୀୟତା ଭିତରେ ଶୈଳବାଳା ସାମଲଙ୍କ ପରି ଦିବ୍ୟ ପ୍ରତିଭାବାନଙ୍କ ପ୍ରେରଣା ଓ ଆଦର୍ଶ ଚିର ଜାଜ୍ଜ୍ୱଲ୍ୟମାନ ହୋଇ ରହୁ ଏହା ହିଁ କାମନା।



**ଶ୍ୟାମ ସୁନ୍ଦର ସାମଲ**
*ବିଡ଼ାନାସୀ ବନ୍ଧଛକ, କଟକ*
*ଦୂରଭାଷ : ୯୭୭୮୬୭୩୫୯୨୬*



# ହଜାରେ କୋଟି କେନ୍ଦ୍ରୀୟ ଅନୁଦାନ ହରାଇବ ଓଡ଼ିଶା



**ଭୁବନେଶ୍ୱର :** ହଜାରେ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନରୁ ବଞ୍ଚିତ ହୋଇପାରେ ଓଡ଼ିଶା। ଏହାକୁ ଫେରି ପାଇବା ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଠୋସ ପଦକ୍ଷେପ ଗ୍ରହଣ ହୋଇନାହିଁ। ବରଂ ଏତେ ଟଙ୍କାର କ୍ଷତି ହେବାରୁ ୨୦୨୧-୨୨ କୃଷି ବିଜେଟ ଅନୁସାରେ କାର୍ଯ୍ୟକାରୀ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସ୍କିମ୍ ଅଧାରେ ରହିଯାଇଛି। ଆସନ୍ତା ୩୦ ତାରିଖରେ ଉପସ୍ଥାପିତ ହେବ ରାଜ୍ୟ ବଜେଟ। ଏଥିରେ ସ୍ୱତନ୍ତ୍ର ଭାବରେ ସ୍ଥାନ ପାଇବ କୃଷି ବଜେଟ। ଗତବର୍ଷ କୃଷି, ମତ୍ସ୍ୟ, ପଶୁପାଳନ, ଜଳସମ୍ପଦ ଭଳି ସମାନ ବର୍ଗ ପାଇଁ ସ୍ୱତନ୍ତ୍ର ଭାବରେ ୧୦ ହଜାର ୭୦୫ କୋଟି ଟଙ୍କାର ବଜେଟ ଖର୍ଚ୍ଚ ହେଉଥିବା ଦର୍ଶାଯାଇଥିଲା। ଏଥିରେ ୫୦ଟି ସ୍କିମ ରହିଥିଲା। ସେଥିରୁ ୧୫ଟି ସ୍କିମ କେନ୍ଦ୍ରୀୟ ଅନୁଦାନରେ କରାଯାଉଥିଲା। ୨୦୨୧-୨୨ କେନ୍ଦ୍ରୀୟ ବଜେଟ ଅନୁସାରେ ଓଡ଼ିଶାକୁ କେନ୍ଦ୍ର ପକ୍ଷରୁ ୧୩୪୩ କୋଟି ଟଙ୍କା ମିଳିବା ଉଚିତ। ବର୍ତ୍ତମାନ ସୁଦ୍ଧା ରାଜ୍ୟକୁ ମାତ୍ର ୧୦ ପ୍ରତିଶତ ଟଙ୍କା ମିଳିଛି। କେନ୍ଦ୍ର ପକ୍ଷରୁ ଟଙ୍କା ମିଳିବାର ଅନ୍ତିମ ତାରିଖ ହେଲା ୩୦ ତାରିଖ। ସେବେ ସୁଦ୍ଧା ଅତି ବେଶିରେ କେନ୍ଦ୍ର ସରକାର ତତ୍ପର ହେଲେ ଆଉ ୨ ପ୍ରତିଶତ ମିଳିବା ନେଇ ଆକଳନ କରାଯାଉଛି। ଅର୍ଥାତ ଓଡ଼ିଶା ଏକ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର କ୍ଷତି ସହିବା ସ୍ପଷ୍ଟ ବୋଲି ସୂଚନା ମିଳିଲାଣି। ଏଥିଯୋଗୁଁ ଯେଉଁ ସ୍କିମ ବାଧାପ୍ରାପ୍ତ ହୋଇଛି ଏବଂ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି ସେଗୁଡ଼ିକ ହେଲା ଜାତୀୟ କୃଷି ବିକାଶ ଯୋଜନା, ଜାତୀୟ ଉଦ୍ୟାନ ମିସନ, କୃଷି ମେକାନିଜମ, ଜାତୀୟ ଖାଦ୍ୟ ସୁରକ୍ଷା ମିସନ ଏବଂ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା। ଅପରପକ୍ଷରେ ୨୦୨୧ ମସିହାରେ କାର୍ଯ୍ୟକାରୀ ହୋଇଥିବା ସିଙ୍ଗିଲ ନୋଡାଲ ଆକାଉଣ୍ଟ ବ୍ୟବସ୍ଥା ଟଙ୍କା ବିଳମ୍ବର ପ୍ରମୁଖ କାରଣ ବୋଲି କୁହାଯାଉଛି। ନୂଆ ନିୟମ ଅନୁସାରେ, କେନ୍ଦ୍ର ସରକାର ଦେଉଥିବା ଟଙ୍କାର ତିନି ଚତୁର୍ଥାଂଶ ରାଜ୍ୟଗୁଡ଼ିକ ଖର୍ଚ୍ଚ କରି ବିନିଯୋଗ ପତ୍ର ଦାଖଲ କଲେ ବାକି ଟଙ୍କା ଦେବାର ବ୍ୟବସ୍ଥା କରାଯାଇଛି। ପ୍ରଥମତଃ ଏହି ଆକାଉଣ୍ଟ ରୂପରେଖ ଏବଂ ଏହାର ଖୋଲିବା ପ୍ରକ୍ରିୟା ନେଇ ଅନେକ ସମୟ ନଷ୍ଟ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଏହା ଖୋଲାଯିବା ପରେ ବି ଟଙ୍କା ଆସିପାରୁ ନାହିଁ। କେନ୍ଦ୍ର ଏଥିପ୍ରତି ଦୃଷ୍ଟି ଦେଉ ନାହିଁ। କିନ୍ତୁ ରାଜ୍ୟ ସରକାର ମଧ୍ୟ ଏତେ କୋଟି ଟଙ୍କାରୁ ବଞ୍ଚିତ ହେବା ନେଇ କୌଣସି ଗୁରୁତ୍ୱ ଦେଉନାହାନ୍ତି। ଏଭଳି ସ୍ଥିତିରେ ଏହି ସ୍କିମ ଉପଯୁକ୍ତ ଭାବରେ କାର୍ଯ୍ୟକାରୀ ନହେବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ପରିଚାଳିତ ୩୫ଟି ସ୍କିମରେ ସମୁଦାୟ ବଜେଟର ୮୦ ପ୍ରତିଶତ ଟଙ୍କା ଖର୍ଚ୍ଚ ହୋଇଥିବା କୃଷି ବିଭାଗ କହିଛି। ନିର୍ଦ୍ଦିଷ୍ଟ ଭାବରେ କୃଷି ବଜେଟ ପାଇଁ କେତେ ଟଙ୍କା ଖର୍ଚ୍ଚ ହେବ ଏହା ସ୍ପଷ୍ଟ ନୁହେଁ। ଚଳିତ ବର୍ଷ ବଜେଟରେ ନୂତନ ଭାବରେ ମିଲେଟ ମିସନ ଢାଞ୍ଚାରେ ପଣସ ମିସନ କାର୍ଯ୍ୟକାରୀ ହେବ। ମିଲେଟ ମିସନର ଅଭିବୃଦ୍ଧି ହେବ। ଏଥିସହିତ ଆଉ କିଛି ନୂତନ ସ୍କିମ ବଜେଟରେ କାର୍ଯ୍ୟକାରୀ ହେବ। ଏଥିପାଇଁ କୃଷି, ଉଦ୍ୟାନ, ମତ୍ସ୍ୟ ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ବଜେଟ ଉପସ୍ଥାପନ ଦିନ ଏହା ସ୍ପଷ୍ଟ ହୋଇପାରିବ।

## କୃଷ୍ଣଦାସପୁରରେ ତ୍ରିଦିବସୀୟ ବାଦିପାଲା

# ଲୋପ ପାଇଯାଉଥିବା ପାଲା ସଂସ୍କୃତିର ସୁରକ୍ଷା ହିଁ ଓଡ଼ିଆ ଅସ୍ମିତା



**ଭୁବନେଶ୍ୱର :** ଆଧୁନିକତାର ପ୍ରଭାବ ହେଉ କିମ୍ବା ଓଡ଼ିଶା ଲୋକଙ୍କ ଅବହେଳା କାରଣରୁ ଓଡ଼ିଆ ପାଲା ସଂସ୍କୃତି ଲୋପ ହେବାକୁ ବସିଛି। ଏଭଳି ସମୟରେ ଏହାର ପୁନଃରୁଦ୍ଧାର ପ୍ରତ୍ୟେକ ଓଡ଼ିଆଙ୍କର କର୍ତ୍ତବ୍ୟ ବୋଲି କୃଷ୍ଣଦାସପୁର ଗ୍ରାମ ପଞ୍ଚାୟତର ମୁରବୀମାନେ କହିଛନ୍ତି। ବାଲୁଙ୍କେଶ୍ୱର ଜାଗରଯାତ୍ରା କମିଟି ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ବାଦିପାଲାରେ ଗାୟକ ଭାବେ ମାଳିକା ସମ୍ରାଟ ନେତ୍ରାନନ୍ଦ ଦାସ (ଛତିଆବଟ), ରସ ସାଗର କୁଳମଣି ପଣ୍ଡା (ବିଡାନାସୀ, କଟକ) ଯୋଗଦେଇ ମାଳିକା ଉପରେ ପାଲା ପରିବେଷଣ କରିଥିଲେ। କଳିଯୁଗରେ ଲୋକ କିଭଳି ଅତ୍ୟାଚାରୀ ହେଉଛି ଏବଂ ନିଜ ନିଜର କର୍ତ୍ତବ୍ୟକୁ ଭୁଲିଯିବେ ତାହା ବହୁପୂର୍ବରୁ ମହାପୁରୁଷ ଅଚ୍ୟୁତାନନ୍ଦ, ହାଡିଦାସ ଓ ଯଶବନ୍ତ ଲେଖି ଯାଇଛନ୍ତି। ତାହାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇ ସମସ୍ତଙ୍କୁ ସତର୍କ ରହିବାକୁ ମାଳିକାରେ ବର୍ଣ୍ଣିତ ରହିଛି। ହଜାର ହଜାର ଶ୍ରୋତାଙ୍କ ଗହଣରେ ଦୁଇ ପାଲା ଗାୟକ ମାଳିକାକୁ ନେଇ ପାଲା ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କୃଷ୍ଣଦାସପୁରରେ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଆରମ୍ଭ କରିଥିଲେ ସ୍ୱର୍ଗତଃ କୈଳାସ ଚନ୍ଦ୍ର ରଥ ଏବଂ ସ୍ୱର୍ଗତଃ ସରୋଜ ବେହେରା। ପରବର୍ତ୍ତୀ ସମୟରେ ସେମାନଙ୍କ ଦାୟାଦ କଳିଙ୍ଗକେଶରୀ ରଥ ଏବଂ ବିଧାନ ମନୋହର ଏହାର ଆୟୋଜନ ଦାୟିତ୍ୱ ବୁଝୁଛନ୍ତି। ଚଳିତବର୍ଷ କମିଟି ପକ୍ଷରୁ କରୁଣାକର ଗୋଚ୍ଛାୟତ, ସରୋଜ କୁମାର ପଣ୍ଡା, ବୃନ୍ଦାବନ ସାମଲ, ଅନାମ ଚରଣ ନନ୍ଦ, ଚିତ୍ତରଞ୍ଜନ ସ୍ୱାଇଁ ଏବଂ ହାଡିବନ୍ଧୁ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ମହିଳାମାନଙ୍କ ଉଦ୍ୟମରେ ଗାଁ ହେଲା ମଦ ମୁକ୍ତ

**ନବରଙ୍ଗପୁର :** ମଦମୁକ୍ତ ଗାଁ ହେଲା ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ମୈଦଲପୁର ପଂଚାୟତର ଜବାଗୁଡା। ପୂର୍ବତନ ମୈଦଲପୁର ସରପଞ୍ଚ ଶୁଭାଙ୍ଗିନୀ ଯାନୀ ଗାଁର ମହିଳା ମାନଙ୍କୁ ଏକତ୍ରିତ କରି ଏହି ସଫଳତା ହାସଲ କରିପାରିଛନ୍ତି। ଗାଁର ଯାନୀ ସାହି ଓ ହରିଜନ ସାହି ରେ ପାଖାପାଖି ୬୦ ପରିବାର ବସବାସ



କରୁଛନ୍ତି। ପ୍ରାୟ ସମସ୍ତେ କୁଲି ମଜୁରୀ କରି ପରିବାର ପ୍ରତିପୋଷଣ କରିଥାଆନ୍ତି। ଗ୍ରାମରେ ମଦ ବିକ୍ରି ଯୋଗୁଁ ଗାଁରେ ମଦୁଆମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିଲା। ଯେଉଁଥିପାଇଁ ଅନେକ ଘରେ ପ୍ରତିଦିନ ଗଣ୍ଡଗୋଳ ହେବା ସହ ଅଶାନ୍ତ ସୃଷ୍ଟି ହୋଇ ଆସୁଥିଲା। ଶେଷରେ ଗତ ଦୁଇମାସ ତଳେ ଗାଁରେ ମଦ କାରବାର ସମ୍ପୂର୍ଣ ବନ୍ଦ କରିବାକୁ ପୂର୍ବତନ ସରପଞ୍ଚ ଶୁଭାଙ୍ଗିନୀ ଜାନିଙ୍କ ନେତୃତ୍ୱରେ ମହିଳା ମାନଙ୍କୁ ନେଇ ଏକ ବୈଠକ କରିଥିଲେ। ଗାଁରେ କୌଣସି ପ୍ରକାର ମଦ, ସଲପ ପ୍ରସ୍ତୁତି ସହ ବିକ୍ରିକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କୌଣସି ପୁରୁଷ ମଦ ପିଇ ଘରକୁ ଆସିଲେ ଫାଇନ ଆଦାୟ ପାଇଁ ନିଷ୍ପତ୍ତି ହୋଇଥିଲା। ପୂର୍ବତନ ସରପଞ୍ଚ ଏହାର ନେତୃତ୍ୱ ନେଇ ମହିଳା ମାନଙ୍କୁ ଏକତ୍ରିତ କରି ଅଶାନ୍ତ ପରିବେଶକୁ ଶାନ୍ତ କରିବାର ପ୍ରଚେଷ୍ଟା ଜାରି ରଖିଥିଲେ। ଶେଷରେ ସେମାନେ ସଫଳ ହୋଇ ସେହି ଗ୍ରାମରେ ପ୍ରତି ପରିବାରରେ ଶାନ୍ତି ଫେରାଇ ଆଣି ଥିଲେ। ଗାଁର ଚନ୍ଦ୍ରା ଯାନୀ, ଉହ୍ଲାସୀ ଯାନୀ, ପ୍ରମିଳା ଯାନୀ, ଅମ୍ବିକା ଯାନୀ, କଣ୍ଠା ଯାନୀ, ରଜନୀ ଯାନୀ, କୌଶଲ୍ୟା ଯାନୀ, ରଦମା ହରିଜନ, ମୁକ୍ତା ହରିଜନ, କୁନି ହରିଜନ ପ୍ରମୁଖ ଏହି ମଦ ମୁକ୍ତି ଗାଁ କରିବାକୁ ଆଗେଇ ଆସିଥିଲେ। ମହିଳା ମାନଙ୍କର ଏପରି ପ୍ରୟାସକୁ ସବୁରି ମୁହଁରେ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ।

## ଜିଲ୍ଲାପାଳ, ଏସ୍‌ପିଙ୍କ ସହ ନିର୍ବାଚନ କମିଶନଙ୍କ ବୈଠକ

# ଶୃଙ୍ଖଳାର ସହ ପୌର ନିର୍ବାଚନ ପରିଚାଳନା ପାଇଁ ନିର୍ଦ୍ଦେଶ




**ଭୁବନେଶ୍ୱର, :** ଆସନ୍ତା ୨୪ ତାରିଖରେ ହେବାକୁ ଥିବା ପୌରସଂସ୍ଥାଗୁଡ଼ିକର ସାଧାରଣ ନିର୍ବାଚନ ନିମନ୍ତେ ରାଜ୍ୟ ମୁଖ୍ୟ ନିର୍ବାଚନ କମିସନର ଆଦିତ୍ୟ ପ୍ରସାଦ ପାଢ଼ୀ, ସବୁ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକମାନଙ୍କ ସହ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏକ ବୈଠକ କରିଛନ୍ତି। ନିର୍ବାଚନ କମିସନରଙ୍କ ସହ ପୁଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ଏବଂ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଆର.କେ. ଶର୍ମା (ଆଇନଶୃଙ୍ଖଳା) ଉପସ୍ଥିତ ରହି ଜିଲ୍ଲାପାଳ ଓ ଏସ୍‌ପିମାନଙ୍କ ସହ ପୌର ନିର୍ବାଚନ ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ନିର୍ବାଚନ ପୂର୍ବର ପ୍ରସ୍ତୁତି ଯଥା-କର୍ମଚାରୀମାନଙ୍କର ତାଲିମ୍, ନିର୍ବାଚନ ସାମଗ୍ରୀ ବିତରଣ, ବାଲାଟପେପର ପ୍ରସ୍ତୁତି, ଷ୍ଟ୍ରଙ୍ଗରୁମ୍ ସ୍ଥାପନ ଓ ମତଗଣନା ଇତ୍ୟାଦି କାର୍ଯ୍ୟଗୁଡ଼ିକ କିପରି ଭାବେ ସୁରୁଖୁରୁରେ ହୋଇପାରିବ ସେ ସଂପର୍କରେ ବିସ୍ତୃତ ଭାବେ କମିସନଙ୍କ ସଚିବ ରବୀନ୍ଦ୍ର ନାଥ ସାହୁ ଏବଂ ସ୍ୱତନ୍ତ୍ର ସଚିବ ରଘୁରାମ ଆର. ଆୟର ପାଓ୍ୱାରପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ବୈଠକରେ ଉପସ୍ଥିତ ଥିବା ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନଙ୍କୁ ଅବଗତ କରାଇଥିଲେ। ନିର୍ବାଚନ ପାଇଁ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ କଡ଼ାକଡ଼ି ଭାବେ ଏହାକୁ ପାଳନ କରିବା ସହ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିସନ ଗୁରୁତ୍ୱାରୋପ କରିଛନ୍ତି। ପୌରନିର୍ବାଚନ ନିମନ୍ତେ ଦୁଇପ୍ରକାରର ବାଲାଟପେପର ଇଭିଏମ୍‌ରେ ରହିବ। କାଉନ୍ସିଲର/ କର୍ପୋରେଟର ପ୍ରାର୍ଥୀମାନଙ୍କ ପାଇଁ ଗୋଲାପି ରଙ୍ଗର ବାଲାଟପେପର ଏବଂ ଅଧ୍ୟକ୍ଷ/ମେୟର ପ୍ରାର୍ଥୀମାନଙ୍କ ନିମନ୍ତେ ହଳଦିଆ ରଙ୍ଗର ବାଲାଟପେପର ନିର୍ବାଚନରେ ବ୍ୟବହାର କରାଯିବା ପ୍ରତି ବୁଥରେ ଦୁଇଗୋଟି ଇଭିଏମ୍ ରହିବ। କାଉନ୍‌ସିଲର/ କର୍ପୋରେଟର ନିର୍ବାଚନ ପାଇଁ ଗୋଟିଏ ଇଭିଏମ୍ ଏବଂ ଅଧ୍ୟକ୍ଷ/ମେୟର ନିର୍ବାଚନ ପାଇଁ ଗୋଟିଏ ଇଭିଏମ୍ ରହିବ। ଭୋଟରମାନେ ମତଦାନ କକ୍ଷ ମଧ୍ୟରେ ସହଜରେ ମତଦାନ କରିବା ପାଇଁ ଇଭିଏମ୍‌ରେ କଣ୍ଟ୍ରୋଲ ୟୁନିଟ୍ ଓ ବାଲାଟ୍ ୟୁନିଟ୍ ଉପରେ ଅଠାଥିବା ଷ୍ଟିକର ଲଗାଯିବ। କାଉନ୍‌ସିଲର/ କର୍ପୋରେଟର ନିର୍ବାଚନ ପାଇଁ ଥିବା ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍ ଓ ବାଲାଟ୍ ୟୁନିଟ୍ ଉପରେ ଗୋଲାପି ରଙ୍ଗର ଷ୍ଟିକର ଏବଂ ଅଧ୍ୟକ୍ଷ/ମେୟର ନିର୍ବାଚନ ପାଇଁ ଥିବା ଇଭିଏମ୍‌ରେ କଣ୍ଟ୍ରୋଲ ୟୁନିଟ୍ ଓ ବାଲାଟ୍ ୟୁନିଟ୍ ଉପରେ ହଳଦିଆ ରଙ୍ଗର ଷ୍ଟିକର ଲଗାଯିବ। ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀ/ ପ୍ରାର୍ଥିନୀମାନଙ୍କ ନାମ ବାଲାଟ ପେପରରେ ଓଡ଼ିଆ ବର୍ଣ୍ଣମାଳାର କ୍ରମାନୁସାରେ ରହିବ। ପୌର ନିର୍ବାଚନବେଳେ ପ୍ରତ୍ୟେକ ବୁଥରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା, ଷ୍ଟ୍ରଙ୍ଗରୁମ୍ ପାଇଁ ୨୪ ଘଣ୍ଟିଆ କଡ଼ା ସୁରକ୍ଷା ସହ ସିସିଟିଭି, ଭୋଟଗଣତି ଓ ଫଳାଫଳ ଘୋଷଣାବେଳେ ପୁଲିସ୍ ପ୍ରଶାସନ ସଂପୂର୍ଣ୍ଣ ସଜାଗ ରହିବା ସହ କଡ଼ା ସୁରକ୍ଷା ଯୋଗାଇ ଦିଆଯିବ ବୋଲି ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଆର.କେ. ଶର୍ମା ସୂଚନା ଦେଇଛନ୍ତି। ଗତମାସନରେ ଶେଷ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକମାନେ ସଫଳତାର ସହ ଶେଷ କରିଥିବାରୁ ନିର୍ବାଚନ କମିସନର ଆଦିତ୍ୟ ପ୍ରସାଦ ପାଢ଼ୀ ଓ ପୁଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ସମସ୍ତ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଅଭିନନ୍ଦନ ସହ ଧନ୍ୟବାଦ ଜଣାଇଛନ୍ତି।

# ପୌର ନିର୍ବାଚନ ନିମନ୍ତେ ରାଜନୈତିକ ଦଳମାନଙ୍କ ବୈଠକ



**ଜଗତସିଂହପୁର :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ଗୃହଠାରେ ଜିଲ୍ଲାରେ ପୌରନିର୍ବାଚନକୁ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଓ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା ନିମନ୍ତେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧୀମାନଙ୍କୁ ଡକାଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପାରୁଲ ପଟୱାରୀ ଅଧ୍ୟକ୍ଷତା କରି କହିଥିଲେ ଯେ, ଜଗତସିଂହପୁର ଜିଲ୍ଲାର ଜଗତସିଂହପୁର ଓ ପାରାଦ୍ୱୀପ ପୌର ପରିଷଦ ପାଇଁ ସାଧାରଣ ନିର୍ବାଚନ ମାର୍ଚ୍ଚ ୨୪ତାରିଖରେ ଅନୁଷ୍ଠିତ ହେବ। ଜିଲ୍ଲାରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ନିମନ୍ତେ ରାଜନୈତିକ ଦଳର ପ୍ରତିନିଧୀ ଓ କର୍ମକର୍ତ୍ତା ସଚେତନ ହେବା ସହ ପୁନଃ ସହଯୋଗ କରିବାପାଇଁ ସେ ପରାମର୍ଶ ଦେଇଥିଲେ। ଏଥି ସହିତ ରାଜ୍ୟ ନିର୍ବାଚନ କମିଶନରଙ୍କ ଦ୍ୱାରା ୨୫ଫେବୃୟାରୀରୁ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧି ପ୍ରତ୍ୟେକ ପ୍ରାର୍ଥୀ ଓ ରାଜନୈତିକ ଦଳମାନେ କଡାକଡି ପାଳନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କାନ୍ତ ମହାନ୍ତି ଆଦର୍ଶ ଆଚରଣ ବିଧି ତଦାରଖ ନିମନ୍ତେ ନୋଡାଲ ଅଧିକାରୀଭାବେ ନିୟୋଜିତ ହୋଇଥିବା ଜିଲ୍ଲାପାଳ ପ୍ରକାଶ କରିଥିଲେ। ବୈଠକରେ ଜିଲ୍ଲାର ସାଧାରଣ ପର୍ଯ୍ୟବେକ୍ଷକ ତଥା ସ୍ୱତନ୍ତ୍ର ସଚିବ କୃଷି ଓ କୃଷକ ସଶକ୍ତିକରଣ ମଧୁସୂଦନ ମିଶ୍ର ଉପସ୍ଥିତ ରହି ଜିଲ୍ଲାରେ ଶାନ୍ତିଶୃଙ୍ଖଳାରେ ନିର୍ବାଚନ ନିମନ୍ତେ ସମସ୍ତ ପ୍ରାର୍ଥୀ ଓ ରାଜନୈତିକ ଦଳର ସହଯୋଗ ଲୋଡିଥିଲେ। ଶ୍ରୀ ମିଶ୍ରୀ ଜଗତସିଂହପୁର ଜିଲ୍ଲାପାଇଁ ରାଜ୍ୟ ନିର୍ବାଚନ କମିଶନରଙ୍କ ଦ୍ୱାରା ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ହୋଇଛନ୍ତି। ଜଗତସିଂହପୁର ପୌର ନିର୍ବାଚନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ ଓ ପାରାଦ୍ୱୀପ ପୌର ନିର୍ବାଚନ ନିମନ୍ତେ ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ ନିର୍ବାଚନ ଅଧିକାରୀଭାବେ ନିୟୋଜିତ ହୋଇଛନ୍ତି। ବୈଠକରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ କହିଥିଲେ ଯେ, ଫେବୃୟାରୀ ୨୫ ତାରିଖରୁ ମାର୍ଚ୍ଚ ୨୬ତାରିଖ ପର୍ଯ୍ୟନ୍ତ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ସବୁ ଧର୍ମାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ନିର୍ବାଚନୀ ବୈଠକ, ମତ ପ୍ରଚାର, କର୍ମୀ ସମ୍ମିଳନୀ ହୋଇପାରିବ ନାହିଁ ଏବଂ ସମସ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ସହଯୋଗ କରିବେ। ନିର୍ବାଚନୀ ସଭା ଓ ପ୍ରସେସନ ନିମନ୍ତେ ନିର୍ବାଚନ ଅଧିକାରିଙ୍କ ଠାରୁ ପୂର୍ବରୁ ଅନୁମତି ନେବାକୁ ପଡିବ। ସ୍ଥାନୀୟ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ନିର୍ବାଚନ ସଭା ଓ ପ୍ରସେସନ ସମ୍ପର୍କରେ ଆଗରୁ ଅବଗତ କରାଇ ଏପରିକି ଲାଉଡ ସ୍ପିକର ବ୍ୟବହାର ନିମନ୍ତେ ଉପଜିଲ୍ଲାପାଳଙ୍କ ଠାରୁ ଅନୁମତି ନେବାକୁ ପଡିବ। ରାତ୍ର ୮ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଲାଉଡ ସ୍ପିକର ବ୍ୟବହାର କରିପାରିବେ ନାହିଁ। ଏପରିକି ନିର୍ବାଚନ ଶେଷ ହେବାର ୪୮ଘଂଟା ପୂର୍ବରୁ ଅଥବା ୨୨ମାର୍ଚ୍ଚ ଅପରାହ୍ନ ୫ଟା ଠାରୁ ଲାଉଡ ସ୍ପିକର ବ୍ୟବହାର ବନ୍ଦ ରହିବ। ନିର୍ବାଚନ ନିମନ୍ତେ ବ୍ୟବହୃତ ପୋଷ୍ଟର, ବ୍ୟାନର ଇତ୍ୟାଦି ଛାପା ମୁଦ୍ରଣରେ ପ୍ରିଂଟର ଓ ପବ୍ଲିଶରମାନଙ୍କ ନାମ ଉଲ୍ଲେଖ କରାଯିବ। ମାର୍ଚ୍ଚ ୨୨ତାରିଖ ଅପରାହ୍ନ ୫ଟାରୁ ୨୬ତାରିଖ ପର୍ଯ୍ୟନ୍ତ ସଂପୃକ୍ତ ପୌରାଂଚଳରେ ଦେଶୀ ବା ବିଦେଶୀ ମଦଦୋକାନ ବ୍ୟବହାର କରାଯିବନାହିଁ। ପ୍ରତ୍ୟେକ ଅଧ୍ୟକ୍ଷ ପ୍ରାର୍ଥୀ ସର୍ବାଧିକ ୨ଲକ୍ଷ ଓ କାଉନସିଲର ପ୍ରାର୍ଥୀ ୫୦ହଜାର ଟଙ୍କା ଖର୍ଚ୍ଚ କରିପାରିବା ସହିତ ଅଧ୍ୟକ୍ଷ ପ୍ରାର୍ଥୀମାନେ ୩ଚକିଆ ଓ ୪ଚକିଆ ଗାଡିକୁ ମିଶାଇ ୪ଟି ଗାଡି ଓ କାଉନସିଲର ପ୍ରାର୍ଥୀ ୨ଟି ଗାଡି ବ୍ୟବହାର କରିପାରିବେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ, ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା, ଡିଏସପି, ଡିଆଇବି ରଜନିକାନ୍ତ ସାମଲ, ପୌରନିର୍ବାହୀ ଅଧିକାରୀ ପାରାଦ୍ୱୀପ ସୌରିନ୍ଦ୍ର କୁମାର ରାଉତରାୟ, ପୌରନିର୍ବାହୀ ଅଧିକରୀ ଜଗତସିଂହପୁର ଅଶୋକ କୁମାର କର୍ଣ୍ଣ ଏବଂ ବିଜେଡି, ବିଜେପି, କଂଗ୍ରେସ ଓ ବହୁଜନ ସମାଜ ପାର୍ଟିର ପ୍ରତିନିଧୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଟ୍ରେନ୍ ଯାତ୍ରୀଙ୍କ ପାଇଁ ହଟିଲା କଟକଣା

**ଭୁବନେଶ୍ୱର :** କରୋନା ସଂକ୍ରମଣ କମିଥିବାରୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏକାଧିକ ପଦକ୍ଷେପ



ହାତକୁ ନିଆଯାଇଛି। ରେଳପଥ ପକ୍ଷରୁ ଯେଉଁ ଟ୍ରେନ୍ ଗୁଡ଼ିକରେ ଯାତ୍ରୀଙ୍କୁ ବେଡ୍‌ସିଟ୍, କମ୍ବଳ ଓ ତକିଆ ଦିଆଯାଉଥିଲା, ତାହା ପୁଣିଥରେ ଆରମ୍ଭ ହେବ। କୋଭିଡ୍ ଲାଗି ଜାରି କଟକଣାକୁ ହଟାଇ ଦିଆଯାଇଛି। ସମସ୍ତ ଜୋନାଲ ରେଲୱେର ଜେନେରାଲ ମ୍ୟାନେଜରମାନେ ଏ ଦିଗରେ ପଦକ୍ଷେପ ନେବା ସହ ଯାତ୍ରୀଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବାକୁ କୁହାଯାଇଛି।







Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**